୬ ଚତୁର୍ଥ ଟ୍ୱେଣ୍ଟି-୨୦ : ନ୍ୟୁଜିଲାଣ୍ଡକୁ ୧୯ ରନ୍‌ରେ ହରାଇଲା ଦକ୍ଷିଣ ଆଫ୍ରିକା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika ™

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୫୨ ● ୨୩ ମାର୍ଚ୍ଚ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-52 ● 23rd March 2026, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ରାଜ୍ୟସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ ୨୦୨୬ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ୨୬୧୨ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

**ଭୁବନେଶ୍ୱର, ୨୨ ।୩**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ ୨୦୨୬ ରବିବାର ସ୍ଥାନୀୟ ଲୋକସେବାଭବନ କନଭେନସନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି।



ସୂଚନା ଯୋଗ୍ୟ ଯେ, ରବିବାର ମୁଖ୍ୟମନ୍ତ୍ରୀ ସମୁଦାୟ ୨୬୧୨ କୋଟି ଟଙ୍କାର ବହୁମୂଲ୍ୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିମଧ୍ୟରୁ ପ୍ରାୟ ୨୨୯୨ କୋଟି ଟଙ୍କାର ୧୭ ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୩୨୦ କୋଟି ଟଙ୍କାର ବ୍ୟୟ ବରାଦରେ ସମୁଦାୟ ୧୨୪ ଟି ପ୍ରକଳ୍ପର ଶୁଭ ଉଦଘାଟନ ହୋଇଛି ।

ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ମୂଲ୍ୟ । ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଶ୍ୱ ଜଳ ଦିବସରେ ଜଳ ଅପଚୟ ନ କରିବାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚିବା ଦରକାର ।

ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଞ୍ଚାଇବାର ଶିକ୍ଷା ଦେବାକୁ ପଡ଼ିବ କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ। ଆମେ ପାଣି ନଷ୍ଟ କରିବା ନାହିଁ ଏବଂ ବର୍ଷାପାଣିକୁ ସଞ୍ଚୟ କରି ମାଟିକୁ ସଜଳ ରଖିବା ବାର୍ତ୍ତା ସହ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ଆରମ୍ଭ କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନ୍‌କୁ ଏକ ବୈପ୍ଳବିକ ଯୋଜନା ବୋଲି କହି ମୁଖ୍ୟମନ୍ତ୍ରୀ ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳାଭାବକୁ ଦୂର କରିବା ବୋଲି ସଂକଳ୍ପ ନେବାକୁ କହିଥିଲେ ।

ଜଳ ଶକ୍ତି ଅଭିଯାନ ମାଧ୍ୟମରେ ଜଳ ସଂରକ୍ଷଣକୁ ଏକ ଜାତୀୟ ପ୍ରାଥମିକତା ଭାବେ ଗ୍ରହଣ କରିବା ଏବଂ କ୍ୟାଚ ଦ ରେନ୍ ମାଧ୍ୟମରେ ମହିଳାମାନଙ୍କୁ ଜଳ ଗୁଣବତ୍ତା ପରୀକ୍ଷା ଏବଂ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି । ଏହା ଫଳରେ ଜଳ ସେବା କ୍ଷେତ୍ରରେ ଆମେ କୌଣସି ବି ବର୍ଗଙ୍କୁ ପଛରେ ପକାଇବୁ ନାହିଁ ଏବଂ ସମସ୍ତଙ୍କ ପାଇଁ ସୁଲଭ ଜଳ ଉପଲବ୍ଧ ହେବ ।

ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଜଳ ସୁରକ୍ଷା ହେଉଛି ପ୍ରମୁଖ ସର୍ତ୍ତ । ଏଥିପାଇଁ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ଜଳସାଥୀ ଭାବେ ନିୟୋଜିତ କରାଯାଇଛି । ସେଥିପାଇଁ ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ 'ଜଳ ଏବଂ ଲିଙ୍ଗଗତ ସମାନତା'କୁ ଆଧାର କରି ସମସ୍ତ ରାଜ୍ୟବାସୀଙ୍କୁ ଜଳ ସୁରକ୍ଷା ପାଇଁ ଆଗେଇ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ରାଜ୍ୟରେ ବିଭିନ୍ନ ଜଳଭିତ୍ତିକ ଯୋଜନା ବିଷୟରେ *(ପୃଷ୍ଠା ୭ରେ)*

## ଦୀର୍ଘତମ ଶାସନମୁଖ୍ୟ ହେବାରେ

# ଚାମଲିଙ୍ଗଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

**ନୂଆଦିଲ୍ଲୀ, ୨୨ ।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସିକ୍କିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପଓ୍ୱନ କୁମାର ଚାମଲିଙ୍ଗଙ୍କୁ ପଛରେ ପକାଇ ଭାରତର ସବୁଠାରୁ ଦୀର୍ଘ ସମୟ ଧରି କାର୍ଯ୍ୟରତ ଶାସନମୁଖ୍ୟ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ସିକ୍କିମର ମୁଖ୍ୟମନ୍ତ୍ରୀ ଭାବେ ୮,୯୩୦ ଦିନ କାର୍ଯ୍ୟ କରିଥିବା ଚାମଲିଙ୍ଗ ଏହି ରେକର୍ଡ ରଖିଥିଲେ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ତଥା ଭାରତର ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ମିଳିତ କାର୍ଯ୍ୟକାଳ ୮,୯୩୧ ଦିନ ପୂରଣ କରି ଏହି ଲକ୍ଷ୍ୟକୁ ଅତିକ୍ରମ କରିଛନ୍ତି। ଏହି ମାଇଲଖୁଣ୍ଟ ଭାରତୀୟ ରାଜନୀତିରେ ଏକ ବିରଳ ସଫଳତାକୁ ଚିହ୍ନିତ କରେ, ଯାହା ଉଭୟ ରାଜ୍ୟ ତଥା ଜାତୀୟ ସ୍ତରରେ ଦଶନ୍ଧି ଧରି ନିରନ୍ତର ଜନସେବା ଓ ନେତୃତ୍ୱକୁ ପ୍ରତିଫଳିତ କରେ।

ନରେନ୍ଦ୍ର ମୋଦୀ ତାଙ୍କ ରାଜନୈତିକ କ୍ୟାରିୟରରେ ଅନେକ ମାଇଲଖୁଣ୍ଟ ହାସଲ କରିଛନ୍ତି। ଗୁଜୁରାଟର ବଡ଼ନଗରରେ ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ମୋଦୀ ଏକଦା ରେଳ ଷ୍ଟେସନରେ ଚା' ବିକ୍ରି କରିବାରେ ତାଙ୍କ ପିତାଙ୍କୁ ସାହାଯ୍ୟ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ଓ ପରେ *(ପୃଷ୍ଠା ୭ରେ)*



## ଭାରତର ଜନସେବା ପରମ୍ପରାରେ ଏକ ଅଦ୍ୱିତୀୟ ଏବଂ ଗୌରବମୟ ଅଧ୍ୟାୟ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨ ।୩**

**ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ସମୟ ସେବା ଦେଇଥିବା ଶାସନମୁଖ୍ୟ ଭାବେ ଏକ ଐତିହାସିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ପିଏମ ମୋଦୀ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତର ଜନସେବା ପରମ୍ପରାରେ ଏକ ଅଦ୍ୱିତୀୟ ଏବଂ ଗୌରବମୟ ଅଧ୍ୟାୟ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରବିବାର ଆଦରଣୀୟ ନରେନ୍ଦ୍ର ମୋଦୀ ଦେଶର ସବୁଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେବା ଦେଇଥିବା ଶାସନମୁଖ୍ୟ *(ପୃଷ୍ଠା ୭ରେ)*

## ଇସ୍ରାଏଲ ଉପରେ ଇରାନୀ କ୍ଷେପଣାସ୍ତ୍ର ଆକ୍ରମଣ : ୨୦୦ ମୃତ

**ତେହେରାନ୍, ୨୨ ।୩**

ରବିବାର ପ୍ରତ୍ୟୁଷରେ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଆମେରିକା ଏବଂ ଇସ୍ରାଏଲ ବିରୁଦ୍ଧରେ ଏହାର 'ସତ୍ୟ ପ୍ରତିଶ୍ରୁତି-୪' ସାମରିକ ଅଭିଯାନର ୭୩ତମ ପର୍ଯ୍ୟାୟ ଆରମ୍ଭ କରିଛି। ଆଇଆରଜିସିର ଜନସମ୍ପର୍କ ବିଭାଗ ଅନୁଯାୟୀ, ଇସ୍ରାଏଲ ଭିତରେ ଗଭୀର ଲକ୍ଷ୍ୟସ୍ଥଳ ଏବଂ ଏହି ଅଞ୍ଚଳରେ ଥିବା ଆମେରିକୀୟ ଘାଟି ବିରୁଦ୍ଧରେ କରାଯାଇଥିବା ଏହି ନୂତନ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣରେ ୨୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ଏବଂ ଅନେକ ଆହତ ହୋଇଛନ୍ତି ।ଇରାନର ସରକାରୀ ସମ୍ବାଦ ସଂସ୍ଥା, ମେହରର ଏକ ରିପୋର୍ଟ ଅନୁଯାୟୀ, ଆଇଆରଜିସି ଏହି ନୂତନ ଧାରାକୁ 'ଇମାମ୍ ଅଲି ସାମରିକ ଅଭିଯାନ' ବୋଲି କୋଡ୍ ନାମ ଦେଇଛି। ଆଇଆରଜିସି କହିଛି ଯେ ଇସ୍ରାଏଲ ଅଧିକୃତ ଦକ୍ଷିଣ ପାଲେଷ୍ଟାଇନୀ ଅଞ୍ଚଳରେ ଅବସ୍ଥିତ ସାମରିକ ଘାଟି ଏବଂ ସୁରକ୍ଷା କେନ୍ଦ୍ରଗୁଡ଼ିକ - ବିଶେଷକରି ଆରାଦ, ଡିମୋନା, ଏଲାତ, ବେରଶେବା ଏବଂ କିରିୟତ ଗାଟରେ - ଇରାନର ଫତାହ, କୁଦସ୍ ଏବଂ ଏମାଦ କ୍ଷେପଣାସ୍ତ୍ର ଏବଂ ବିନାଶକାରୀ ଡ୍ରୋନ ବ୍ୟବହାର କରି ସଠିକ ଭାବରେ ଆକ୍ରମଣ କରାଯାଇଥିଲା।

ଏହା ବ୍ୟତୀତ, ଏହି ଅଞ୍ଚଳରେ ଅବସ୍ଥିତ ଆମେରିକୀୟ ବାୟୁସେନା ଘାଟି - ବିଶେଷକରି ଅଲି ଅଲ-ସାଲେମ, ଅଲ-ମିନହାଦ ଏବଂ ଅଲ-ଧାଫ୍ରା - ମଧ୍ୟ ଟାର୍ଗେଟ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଇରାନ ସଶସ୍ତ୍ର ବାହିନୀ ଦ୍ୱାରା ଏହି ଆକ୍ରମଣାତ୍ମକ ଅଭିଯାନର ପ୍ରାରମ୍ଭିକ ଘଣ୍ଟା ମଧ୍ୟରେ ୨୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ଅନ୍ୟମାନେ ଆହତ ହୋଇଥିଲେ।

## ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ମୋଦୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

**ନୂଆଦିଲ୍ଲୀ, ୨୨ ।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ୭ ଲୋକ କଲ୍ୟାଣ ମାର୍ଗସ୍ଥିତ ତାଙ୍କ ସରକାରୀ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏହି ବୈଠକରେ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀ ଯୋଗଦେଇଥିଲେ। ଯେଉଁଥିରେ ମଧ୍ୟପ୍ରାଚ୍ୟରେ ଉପୁଜିଥିବା ପରିସ୍ଥିତିକୁ ନଜରରେ ରଖି ପେଟ୍ରୋଲିୟମ, ଅଶୋଧିତ ତୈଳ, ଗ୍ୟାସ୍, ବିଦ୍ୟୁତ ଓ ସାର ସମ୍ପର୍କିତ ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଲା ଇରାନ ଯୁଦ୍ଧ ମଧ୍ୟରେ ଦେଶରେ ତୈଳ, ଗ୍ୟାସ୍, ସାର ଓ ବିଦ୍ୟୁତ ସମେତ ସବୁ ଜରୁରୀ ସାମଗ୍ରୀ ଯୋଗାଣ ଯେପରି ନିର୍ବାଧ ରହେ।



ଏହି ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ, ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ରସାୟନ, ସାର ଓ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ଶ୍ରମ ଓ ରୋଜଗାରମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ସମେତ ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀ ଭାଗ ନେଇଥିଲେ। ମଧ୍ୟପ୍ରାଚ୍ୟ ସଂକଟ ମଧ୍ୟରେ ସରକାର ତୈଳ, ଗ୍ୟାସ୍ ଓ ସାରର ଯୋଗାଣ ନିର୍ବାଧ ରଖିବା ପାଇଁ ସରକାର ପ୍ରଥମରୁ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି।

ମାର୍ଚ୍ଚ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବିଶ୍ୱରେ ଶକ୍ତି ସଂକଟକୁ ଜନ୍ମ ଦେଇଛି। ସେ କହିଥିଲେ ଯେ ଏହା *(ପୃଷ୍ଠା ୭ରେ)*

## ଓଡ଼ିଶା ଓ ଗୁଜରାଟ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୨ ।୩**

**ନ୍ୟୁଜ୍ ବ୍ୟୁରୋ**

ଅହମ୍ମଦାବାଦରେ ଚାଲିଥିବା 'ଓଡ଼ିଶା ପର୍ବ'ର ଦ୍ୱିତୀୟ ଦିବସ ଅବସରରେ ଏକ ହୃଦୟସ୍ପର୍ଶୀ ଓଡ଼ିଆ ପ୍ରବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ଗୁଜରାଟର ବିଭିନ୍ନ ପ୍ରାନ୍ତରେ ରହୁଥିବା ଓଡ଼ିଆ ସମ୍ପ୍ରଦାୟର ସଦସ୍ୟମାନେ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଅବସରପ୍ରାପ୍ତ ଆଇଏଏସ୍ ମହେଶ୍ୱର ସାହୁ ଏବଂ ଅହମ୍ମଦାବାଦ ଓଡ଼ିଆ ସାମାଜିକ ସାଂସ୍କୃତିକ ସଂଘର ସଭାପତି ଏଚ୍.କେ. ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ପରିଡା ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ବୃଦ୍ଧି ପାଉଥିବା ସମନ୍ୱୟ ଉପରେ ଆଲୋକପାତ କରିଥିଲେ। ସଂସ୍କୃତି, ବାଣିଜ୍ୟ, ପର୍ଯ୍ୟଟନ ଏବଂ ଗୋଷ୍ଠୀଗତ ବିକାଶ କ୍ଷେତ୍ରରେ ସହଯୋଗର ଅନେକ ସମ୍ଭାବନା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। 'ଓଡ଼ିଶା ପର୍ବ' କେବଳ ଏକ ସାଂସ୍କୃତିକ ପ୍ରଦର୍ଶନୀ ନୁହେଁ, ବରଂ ଏହା ଦୁଇ ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ପାରସ୍ପରିକ ବୁଝାମଣା ବୃଦ୍ଧି କରିବା ପାଇଁ ଏକ ସକ୍ରିୟ ମାଧ୍ୟମ ବୋଲି ସେ ମତ ପ୍ରକାଶ *(ପୃଷ୍ଠା ୭ରେ)*

## ଏଲପିଜି ସଙ୍କଟରୁ ମୁକ୍ତି : ଆମେରିକାରୁ ପହଞ୍ଚିଲା ଏଲ୍‌ପିଜି ଜାହାଜ

**ମେଙ୍ଗାଲୁରୁ, ୨୨ ।୩**

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଥିବା ବେଳେ ଭାରତ ଏଲପିଜି ଗ୍ୟାସ୍ ସଙ୍କଟ ଅନୁଭବ କରୁଛି। ଏହାରି ମଧ୍ୟରେ ଭାରତକୁ କିଛି ଆଶ୍ୱସ୍ତିକର ଖବର ଆସିଛି। ପିକ୍ସିସ୍ ପାୟୋନିଅର ନାମକ ଏକ ଜାହାଜ ରବିବାର ଏଲପିଜି ନେଇ ଭାରତରେ ପହଞ୍ଚିଛି। ଆସନ୍ତା ସପ୍ତାହରେ ନ୍ୟୁ ମାଙ୍ଗାଲୁରୁ ବନ୍ଦରରେ ଏଲପିଜିର ଏକ ବଡ଼ ଖେପ ଆସିବାର ଆଶା କରାଯାଉଛି। ମୋଟ ପ୍ରାୟ ୭୨,୭୦୦ ଟନ୍ ଏଲପିଜି ଆସିବାର ଆଶା କରାଯାଉଛି। ରବିବାର ପହଞ୍ଚିଥିବା ପ୍ରଥମ ଟ୍ୟାଙ୍କର୍ ଥିଲା ପିକ୍ସିସ୍ ପାୟୋନିଅର। ଯେଉଁଥିରେ ୧୬,୭୧୪ ଟନ୍ ଏଲ୍‌ପିଜି ଅଛି। ଏହି ଟ୍ୟାଙ୍କର୍ ହେଉଛି ସିଙ୍ଗାପୁର-ପତାକାଯୁକ୍ତ ପିକ୍ସିସ୍ ପାୟୋନିଅର, ଯାହାର ମୋଟ ଓଜନ ୪୭,୨୩୬ ଟନ୍। ଏହି ଜାହାଜ ଫେବ୍ରୁୟାରୀ ୧୪ ତାରିଖରେ ନେଦରଲ୍ୟାଣ୍ଡ ବନ୍ଦରରୁ ବାହାରିଥିଲା ଏବଂ ଏଜିସ୍ ଲଜିଷ୍ଟିକ୍ ଲିମିଟେଡ୍ ପାଇଁ ଏଲପିଜି ଅନଲୋଡ୍ *(ପୃଷ୍ଠା ୭ରେ)*

## ଇଣ୍ଡୋ-ପ୍ରଶାନ୍ତ ମହାସାଗରରେ ଧମକ ଦେଲା ଭାରତ : ଦମ୍ ଦେଖାଇଲା ଆଇଏନ୍‌ଏସ୍ ନୀଳଗିରି

**ନୂଆଦିଲ୍ଲୀ, ୨୨ ।୩**

ଭାରତ-ପ୍ରଶାନ୍ତ (ଇଣ୍ଡୋ-ପ୍ୟାସିଫିକ) ମହାସାଗରୀୟ କ୍ଷେତ୍ରରେ ଭାରତର ବଢୁଥିବା ଶକ୍ତି ଏବେ ସ୍ପଷ୍ଟ ଭାବରେ ଦେଖା ଗଲାଣି। ଭାରତୀୟ ନୌସେନାର ଉଚ୍ଚ-ପ୍ରଯୁକ୍ତି ଯୁଦ୍ଧଜାହାଜ, ଆଇଏନ୍‌ଏସ୍ ନୀଳଗିରି, ଅଷ୍ଟ୍ରେଲିଆରେ ଚାଲିଥିବା ଅଭ୍ୟାସ କାକାଡୁ ୨୦୨୬ର ସାମୁଦ୍ରିକ ପର୍ଯ୍ୟାୟରେ ଅଂଶଗ୍ରହଣ କରି ବିଶ୍ୱକୁ ଭାରତର ରଣନୈତିକ ଉପସ୍ଥିତି ବିଷୟରେ ଅବଗତ କରାଉଛି।



ଏହି ଅଭ୍ୟାସ ମାଧ୍ୟମରେ, ଭାରତ ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ସମନ୍ୱୟ, ସହଯୋଗ ଏବଂ ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଛି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ବିବରଣୀ ପ୍ରଦାନ କରି, ନୌସେନା କହିଛି ଯେ ଏହି ଅଭ୍ୟାସର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ନୌସେନା ମଧ୍ୟରେ ପାରସ୍ପରିକ ସମନ୍ୱୟ, ସହଯୋଗ ଏବଂ ସାମୁଦ୍ରିକ ବୁଝାମଣାକୁ ଆହୁରି ମଜବୁତ କରିବା। ଏହା ବ୍ୟତୀତ, ଏହା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ମଧ୍ୟରେ ସାମୁଦ୍ରିକ ସୁରକ୍ଷା ସମ୍ପର୍କରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଭାଗୀତାକୁ ମଜବୁତ କରିବା ପାଇଁ କାର୍ଯ୍ୟ କରେ।

## ଏସସିବି ମେଡ଼ିକାଲର ବଦଳିଲେ କଲେଜ ଡିନ୍, ମେଡ଼ିକାଲ ଅଧୀକ୍ଷକ

**ଭୁବନେଶ୍ୱର, ୨୨ ।୩**

**ନ୍ୟୁଜ୍ ବ୍ୟୁରୋ**

କଟକ ଏସସିବି ମେଡ଼ିକାଲରେ ବଡ଼ ପରିବର୍ତ୍ତନ । ବଦଳିଲେ ଏସସିବି ମେଡ଼ିକାଲ କଲେଜ ଡିନ୍ ଓ ମେଡ଼ିକାଲ ଅଧୀକ୍ଷକ । ପ୍ରତିଭା ପଣ୍ଡା ଏସସିବି ଡିନ୍ ଓ ଅଧକ୍ଷା ଭାବେ ନିଯୁକ୍ତ ହୋଇଛନ୍ତି। ବାରିପଦା ପିଆରଏମ୍ ମେଡ଼ିକାଲ କଲେଜ ଡିନ୍ ଓ ଅଧକ୍ଷା ଥିଲେ ପ୍ରତିଭା। ଏସସିବି ଡିନ୍ ଓ ଅଧକ୍ଷା ଦାୟିତ୍ୱରୁ ହଟିଲେ ଲୁସି ଦାସ । ନିର୍ମଳ ମହାପାତ୍ରଙ୍କୁ ପିଆରଏମ୍ ମେଡ଼ିକାଲ୍ ଡିନ୍ ଓ ଅଧକ୍ଷ ଦାୟିତ୍ୱ ଦିଆଯାଇଛି । ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ଏସସିବି ଅଧକ୍ଷକ ନିଯୁକ୍ତ ହୋଇଛନ୍ତି।

## ଏକାଳ ପଖାଳ



ଲମ୍ବା ଲାଇନିରେ ଗ୍ୟାସ୍ ମିଳୁନି
କ'ଣ ହେବ ଯେ କାଲି
କେନ୍ଦ୍ରଠୁ ରାଇଜ ଯାହାବି କହିଲେ
ମନ ଛଟପଟ ଖାଲି
ଫେରିଲାଣି ପୁଣି ଚୁଲି
ସ୍ମାର୍ଟ ଲୋକେ କ'ଣ କରିବେ
କାନ୍ଦି ଆଖିଯାଏ ଫୁଲି।

# ୨୪ ବର୍ଷ ପରେ ଅଳସୁଆ ହୋଇଯିବ ଭାରତ : 'ହୁ'



**ନୂଆଦିଲ୍ଲୀ, ୨୨ ।୩**

ଆମର ବଦଳୁଥିବା ଜୀବନଶୈଳୀ ଆମକୁ ଏକ ଭୟଙ୍କର ସ୍ଥିତି ଆଡ଼କୁ ନେଇଯାଉଛି । କ'ଣ ୨୦୫୦ ସୁଦ୍ଧା ଭାରତୀୟମାନେ ବିଶ୍ୱର ସବୁଠାରୁ ଅଳସୁଆ ଜାତିରେ ପରିଣତ ହେବେ? ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଲାନସେଟ୍ ଗ୍ଲୋବାଲ୍ ହେଲଥ୍ ପକ୍ଷରୁ ଏକ ଚିନ୍ତାଜନକ ରିପୋର୍ଟ ପ୍ରକାଶ ପାଇଛି ଯାହାକୁ ନେଇ ଏବେ ଭାରତୀୟଙ୍କ ମୁଣ୍ଡ ବିନ୍ଧା ବଢ଼ିଛି ।

ବିଜ୍ଞାନ ଏବଂ ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ଆମ ଜୀବନକୁ ସହଜ ତ କରିଦେଇଛି, କିନ୍ତୁ ଏହା ଆମଠାରୁ ଆମର ଶାରୀରିକ ପରିଶ୍ରମ ଛଡ଼ାଇ ନେଇଛି । ରିପୋର୍ଟ ଅନୁସାରେ, ଯଦି ବର୍ତ୍ତମାନର ସ୍ଥିତି ଜାରି ରହେ, ତେବେ ୨୦୫୦ ମସିହା ସୁଦ୍ଧା ଭାରତର ପ୍ରାୟ ୬୦ ପ୍ରତିଶତ ବୟସ୍କ ଲୋକ ଶାରୀରିକ ଭାବେ 'ଅଳସୁଆ' ହୋଇଯିବେ। ଏହି ରିପୋର୍ଟ କହୁଛି ଯେ, ଭାରତରେ ଶାରୀରିକ ପରିଶ୍ରମର ଅଭାବ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ୨୦୦୦ ମସିହାରେ ଯାହା ପ୍ରାୟ ୨୨.୩ ପ୍ରତିଶତ ଭାରତୀୟ ଶାରୀରିକ ଭାବେ ସକ୍ରିୟ ନଥିଲେ, ୨୦୨୨ ବେଳକୁ ଏହି ସଂଖ୍ୟା ବୃଦ୍ଧି ପାଇ ୪୯.୪ ପ୍ରତିଶତରେ ପହଞ୍ଚିଛି ।

କେବଳ ଅଳସୁଆପଣ ନୁହେଁ, ଏହା ସାଙ୍ଗକୁ ମାଡ଼ି ଆସୁଛି ଅନେକ ମାରାତ୍ମକ ରୋଗ । ଯେତେବେଳେ *(ପୃଷ୍ଠା ୭ରେ)*

# ପାରଳାଖେମୁଣ୍ଡି ସବୁଠାରୁ ଅଧିକ ଉତ୍ତପ୍ତ ସହର

**ଭୁବନେଶ୍ୱର, ୨୨ ।୩**

**ନ୍ୟୁଜ୍ ବ୍ୟୁରୋ**

ରବିବାର ଓଡ଼ିଶାରେ ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ଘଟିଛି। ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସବୁଠାରୁ ଉତ୍ତପ୍ତ ସହର ଭାବେ ଦିନର ସର୍ବାଧିକ ତାପମାତ୍ରା ୩୫.୬ଡିଗ୍ରୀ ସେଲସିଅସ୍ ରେକର୍ଡ କରାଯାଇଛି। ଅପରପକ୍ଷରେ, ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୧୬.୪ ଡିଗ୍ରୀ ସେଲିଅସ୍ ରେକର୍ଡ ହୋଇଛି।

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଗତ କିଛି ଦିନ ଧରି ରାଜ୍ୟରେ ଜାରି ରହିଥିବା ଗରମ ରବିବାର ୫ରୁ ୮ଡିଗ୍ରୀ ସେଲିଅସ୍ କମ୍ ରହିଛି। ଯାହା କେତେକ ସ୍ଥାନରେ ସ୍ୱାଭାବିକ ଠାରୁ ୪ରୁ ୫ଡିଗ୍ରୀ କମ୍ ରହିଥିବା ବେଳେ କେତେକ ସ୍ଥାନରେ ୨ରୁ ୩ଡିଗ୍ରୀ କମ୍ ରହିଛି। ସେହିଭଳି, ଦିନର ସର୍ବନିମ୍ନ ତାପମାତ୍ରାରେ ମଧ୍ୟ କେତେକ ସ୍ଥାନରେ ୨ ଡିଗ୍ରୀ ହ୍ରାସ ପାଇଥିବା ବେଳେ କେତେକ ସ୍ଥାନରେ ୨ରୁ୪ଡିଗ୍ରୀ ବୃଦ୍ଧି ପାଇଛି।

ସୋମବାର ବାଲେଶ୍ୱର, ମୟୂରଭଞ୍ଜ, କୋରାପୁଟ ଓ ମାଲକାନଗିରିର କେତେକ ସ୍ଥାନରେ ବର୍ଷା ସହ ପବନ ବହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।



# ଧାମନଗରରେ ଜଳାଶୟ ଓ ନୟନଜୋରି ଜବରଦଖଲ : ଜଳ ନିଷ୍କାସନରେ ସାଜୁଛି ବାଧକ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର ବ୍ଲକ ବିଭିନ୍ନ ସ୍ଥାନରେ ଏବେ ଜବର ଦଖଲ ବଢ଼ିବା ଦ୍ୱାରା ଜଳ ନିଷ୍କାସନ ହେବାରେ ବାଧକ ସାଜିଛି। ଫଳରେ ଦିନକୁ ଦିନ ଗଡ଼ିଆ, ପୋଖରୀ ଓ ଜଳାଶୟ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଧାମନଗରରେ ୩ ପ୍ରତିଶତ ଜଳାଶୟ ହ୍ରାସ ପାଇଛି। ଅନ୍ୟ ଅର୍ଥରେ କହିବାକୁ ଗଲେ ଏହି ପରିମାଣର ଜମିରେ ଉର୍ବରତା କମିଛି ଓ ପଡ଼ିଆ ପଡିଛି। ବିଭିନ୍ନ ସ୍ଥାନରେ କମ୍ୟୁନିଟି ସେଣ୍ଟର, ଖେଳ ପଡ଼ିଆ, ଦୋକାନ ଘର ଆଦି ନିର୍ମାଣ ଲାଗି ଜଳାଶୟଗୁଡ଼ିକୁ ପୋତି ଦିଆଯାଉଥିବା ଦେଖିବାକୁ ମିଳିଛି। ସେହିପରି ଦୀର୍ଘବର୍ଷ ଧରି ଆର୍ଦ୍ର ଭୂମି ଭାବେ ଜଣାଶୁଣା ଜାଗାକୁ ବି ପୋତି ଦିଆ ଗଲାଣି। ଖଡ଼ିପଦା ଛକରୁ ଦୋବଲ ରାସ୍ତାରେ ଏକାଧିକ ସ୍ଥାନରେ ଜଳାଶୟ ପୋତି ଦିଆଯାଇଛି। ବଡ଼ ପୋଲ ପାଖରେ କିଛି ବ୍ୟକ୍ତି ଆର୍ଦ୍ରଭୂମିକୁ ପୋତି ଦୋକାନ ନିର୍ମାଣ ଆରମ୍ଭ କରିଛନ୍ତି। ସେହିପରି ଦକ୍ଷିଣ କୁରୁଆ ଛକରେ ମଧ ଜଳାଶୟ ପୋତି ଦୋକାନ ଘର ନିର୍ମାଣ କରୁଛନ୍ତି। ଧାମନଗରରୁ ଫଳପୁର ରାସ୍ତାରେ ଥିବା ନୟନ ଜୋରିକୁ ଅନେକ ସ୍ଥାନରେ ପୋତି ଘର କରି ଦିଆଗଲାଣି। ନୟନଜୋରିଟି ଏ ଅଞ୍ଚଳର ଜଳ ନିଷ୍କାସନ ପାଇଁ ମହତ୍ୱପୂର୍ଣ୍ଣ। ହେଲେ ତହସିଲ ପ୍ରଶାସନର ସ୍ଥାଣୁତା ଓ ଅବହେଳା ଯୋଗୁଁ ସରକାରୀ ଜମିରେ ଥିବା ନୟନଜୋରି ଜଳାଶୟ ପୋତି ଲୋକେ ଘର, ଦୋକାନ ଘର କରିଦେଲେଣି। ବିଶେଷ କରି ବିରୁହାଁ, ଜାହାଙ୍ଗୀର ଅଞ୍ଚଳରେ ବହୁ ଅଂଶ ପୋତି ଦିଆଯାଇଛି। ସେହିପରି ଧାମନଗରରୁ ଚୁଡ଼ାକୁଟି ରାସ୍ତାରେ ମଧ ନୟନଜୋରି ପୋତି ଦୋକାନ ଘର, ଠାକୁର ଘର, କମ୍ୟୁନିଟି ସେଣ୍ଟର ନିର୍ମାଣ ହୋଇଛି। ଧାମନଗର ବିଜ୍ଞାପିତ ଅଞ୍ଚଳରେ ଏହି ସଂଖ୍ୟା ସର୍ବାଧିକ। ବ୍ଲକ ଛକରୁ ଧାମନଗର କୋର୍ଟ ରାସ୍ତାରେ ଉଭୟ ପାର୍ଶ୍ୱରେ ଥିବା ଖାଲ, ଗଡ଼ିଆ ଓ ପାଣି ନାଳ ପୋତି ଦିଆଗଲାଣି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଅବହେଳା ଓ ଭୁଲ୍ ଟାଉନ ପ୍ଲାନିଂ ଯୋଗୁଁ ବଢ଼ୁଥିବା ଧାମନଗର ସହର ଜଳାଶୟ ମୁକ୍ତ ହୋଇଗଲାଣି। ଫଳରେ ବର୍ଷାଦିନେ ପାଣି ନିଷ୍କାସନ ଏକ ବଡ଼ ସମସ୍ୟା ହୋଇ ଉଭା ହେବ। ପୂର୍ବରୁ ମଧ ଥରେ ଏଭଳି ହୋଇଛି। ଜଗୁ ସାଗର ଚାରିପାଖ ଜବରଦଖଲ ହୋଇଯିବାରୁ ପାଣି ନିଷ୍କାସନ ରାସ୍ତା ବନ୍ଦ ହୋଇଯାଇଥିଲା। ବର୍ଷାଦିନେ ଚାରି ଦିନ ଧରି ଧାମନଗର ଥାନା ଓ ବଡ଼ବଜାର ଛକ ମଝିରେ ମୁଖ୍ୟ ରାସ୍ତାରେ ବନ୍ୟା ପାଣି ଭଳି ବର୍ଷା ପାଣିର ସୁଅ ଛୁଟିଲା। ସହର ମଝିରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଲା। ଜଳାଶୟ ହ୍ରାସ ପାଇବା ଦ୍ୱାରା ଭୟଙ୍କର ପରିବେଶଗତ, ସାମାଜିକ ଏବଂ ଅର୍ଥନୈତିକ ସଙ୍କଟ ସୃଷ୍ଟି ହେଉଛି। ଏହାର ମୁଖ୍ୟ ପ୍ରଭାବ ଗୁଡ଼ିକ ମଧ୍ୟରେ ଜୈବ ବିବିଧତାର ବ୍ୟାପକ କ୍ଷତି, ମରୁଭୂମିକରଣର ବେଗ ବୃଦ୍ଧି, କୃଷି ଉତ୍ପାଦନ ହ୍ରାସ ଏବଂ ଜଳ ବିବାଦ ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଏନେଇ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ କହିବା କଥା ଯେ, କର୍ମଚାରୀ ଅଭାବ ଆମକୁ ଜବରଦଖଲ ଉପରେ ପଦକ୍ଷେପ ନେବାରେ ସମସ୍ୟା ସୃଷ୍ଟି କରୁଛି। ତଥାପି ଜଳାଶୟଗୁଡ଼ିକ ଜବରଦଖଲ ମୁକ୍ତ କରିବାକୁ କଡ଼ା ପଦକ୍ଷେପ ନିଆଯାଉଛି। ଏ ଦିଗରେ ପ୍ରଶାସନ ଆଗୁଆ ପଦକ୍ଷେପ ନ ନେଲେ ବର୍ଷା ଦିନେ ଅନେକ ସମସ୍ୟା ସୃଷ୍ଟି ହେବ।

# ୨୯ରେ ମା' ମଝିଘରିଆଣୀଙ୍କ ଚୈତ୍ର ଯାତ୍ରା



**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଚୈତ୍ର ପର୍ବ ମାର୍ଚ୍ଚ ୨୯ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମନ୍ଦିର ପରିସରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଚୈତ୍ର ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ୨୯ରେ ମା'ଙ୍କ ପାଦ ଉଠାଣ ଓ ଘଟ ସ୍ଥାପନ ସହ ସୂର୍ଯ୍ୟପୂଜା, ଶାଳାପୂଜା, ଚଣ୍ଡୀପାଠ, ଷୋଡଶ ଉପଚାର ପୂଜା ଇତ୍ୟାଦି ଅନୁଷ୍ଠିତ ହେବ। ୩୦ରୁ ୨ ତାରିଖ ଯାଏଁ ପ୍ରତିଦିନ ମା'ଙ୍କ ସୂର୍ଯ୍ୟପୂଜା, ଶାଳାପୂଜା, ଚଣ୍ଡୀପାଠ, ଷୋଡଶ ଉପଚାର ପୂଜା, ଚଣ୍ଡୀପାଠ, ମୁଖ୍ୟ ଦେବୀଙ୍କ ମହାସ୍ନାନ, ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହେବ। ୨ ତାରିଖରେ ମା'ଙ୍କ ଝାମୁଯାତ୍ରା ପାଇଁ ଅଗ୍ନି ସଂଯୋଗ, ପୂଜକଙ୍କ କଣ୍ଟାଦୋଳି ଝୁଲଣ ଏବଂ ଅଗ୍ନି ଗମନାଗମନ କାର୍ଯ୍ୟକ୍ରମ ରହିଛି। ମନ୍ଦିରର ପୂଜକ ଚନ୍ଦ୍ର ପୂଜାରୀ, ରାଜ ପୁରୋହିତ ବିରଞ୍ଚି ଦାଶଙ୍କ ତତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ରାଇସିଂ ବିଡିକି, ଟ୍ରଷ୍ଟି ସଦସ୍ୟ ଇପିଲି ରାଜୁ, ପି.ବାସୁ, ଦେବ ବେହେରା, ବାବୁ ଦଳେଇ, ଶ୍ରୀନିବାସ ରାଓ, ମାଙ୍ଗା ହୁଇକା, ଅଫିସ ସୁପରିଟେଣ୍ଡେଣ୍ଟ ଜାନକୀ ବଲ୍ଲଭ ମହାନ୍ତି, ଭେଙ୍କେଟ ରାଓ ପ୍ରମୁଖ ଶୁଭଖୁଣ୍ଟି ସ୍ଥାପନ ସମୟରେ ଉପସ୍ଥିତ ଥିଲେ।

# ମୃତ୍ୟୁ ପରେ ଅଙ୍ଗଦାନ କରିବାକୁ ପଞ୍ଜୀକରଣ କଲେ ମହିଳା ଚାଷୀ

**କର୍ଲାମୁଣ୍ଡା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଗଜବାହାଲ ପଞ୍ଚାୟତ ଧଅଁରାଖମନ ଗାଁର ସଫଳ ମହିଳା ଜୈବିକ ଚାଷୀ ଫାଲ୍‌ଗୁନି ଭୋଇ (୪୦) ଶରୀରର ଅଙ୍ଗଗୁଡ଼ିକ ଦାନ କରିବାକୁ ଇଚ୍ଛା ପ୍ରକାଶ କରି ଆବେଦନ କରିବା ପରେ ଇଚ୍ଛାକୃତ ଅଙ୍ଗଦନ ପାଇଁ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ସେ ତାଙ୍କର ମୃତ୍ୟୁ ପରେ ତାଙ୍କ ଶରୀରର ଯକୃତ, ବୃକକ୍, ହୃତପିଣ୍ଡ, ଫୁସ୍‌ଫୁସ୍, ଖାଦ୍ୟନଳୀ, ପାଚନଗ୍ରନ୍ଥି ଓ ଦୁଇଟି ଆଖି ଦାନ କରିବାକୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିଶ୍ରୁତି ପ୍ରମାଣପତ୍ର ପାଇଥିବା ସେ କହିଛନ୍ତି। ତାଙ୍କର ଏହି ମହତ ଉଦ୍ଦେଶ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଥିବାବେଳେ ଅନ୍ୟ ମାନଙ୍କ ପାଇଁ ସେ ଉଦାହରଣ ସୃଷ୍ଟି କରିଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ତାଙ୍କ ସ୍ୱାମୀ ଜୈବିକ ଚାଷୀ ବଳଦେବ ଭୋଇ ମଧ ଅଙ୍ଗଦାନ ପାଇଁ ପଞ୍ଜୀକୃତ ହୋଇଛନ୍ତ। ସେ ଜଣେ ସଫଳ ଜୈବିକ ମହିଳା ଚାଷୀ ଭାବେ ଏ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି।

## ସରକାରୀ ମହିଳା ମହାବିଦ୍ୟାଳୟରେ ସଚେତନଧର୍ମୀ ଶୋଭାଯାତ୍ରା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ମହିଳା ମହାବିଦ୍ୟାଳୟ ତରଫରୁ ଜଳର ସଂଚୟ ଓ ସଦ୍ ବିନିଯୋଗ ନିମନ୍ତେ 'ଜଳ ହିଁ ଜୀବନ' ସଚେତନଧର୍ମୀ ଶୋଭାଯାତ୍ରାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ତିନି ଜାତୀୟ ସେବା ଯୋଜନା ପକ୍ଷରୁ ଏହି ଶୋଭାଯାତ୍ରାଟି ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ସୀମା ମହାପାତ୍ର, ଯୁକ୍ତ ତିନି ଜାତୀୟ ସେବା ଯୋଜନା ଅଧିକାରୀ ସୁନୀତା କୁମାରୀ ପ୍ରଧାନ, ବିଦ୍ୟାଧର ମାଳି, ବର୍ଷା ରାଣୀ ନାୟକ, ସ୍ପନ୍ଦନ ରାଓ, ଦୀପକ କୁମାର ଦାସ, ରାଜେନ୍ଦ୍ର ରଣା, କାହ୍ନୁ ଚରଣ ବରଡ଼, ରୂପାଲି ନାଗ, ରୂପା ମିସ୍ତ୍ରୀ, ସତ୍ୟ ନାରାୟଣ କାଣ୍ଡ, ଭୀମସେନ ସୁନା, ବନ୍ଦନା ମହାରଣା, ସୁରଜ ପାତ୍ର, ସନ୍ତୋଷ କୁମାର ପଟ୍ଟନାୟକ, ସୁକାନ୍ତି କୁମାରୀ ବେନିୟା, ଅଜୟ ପାତ୍ର, ଅଭିପ୍ସା ମହାପାତ୍ର ସମେତ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦେଇଥିଲେ। ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ସ୍ବେଚ୍ଛାସେବୀ ଯୋଗଦେଇ ସ୍ଲୋଗାନ, ପୋଷ୍ଟର, ପ୍ରଚାର ପତ୍ର ମାଧ୍ୟମରେ ଲୋକମାନଙ୍କୁ ଜଳର ଅପଚୟ ନକରିବା ନିମନ୍ତେ ସଚେତନ କରିବା ସହ ବର୍ଷା ଜଳ ସଂରକ୍ଷଣ, ଜଳର ସଞ୍ଚୟ, ଆବଶ୍ୟକତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଛନ୍ତି। ସମସ୍ତଙ୍କ ସହଯୋଗରେ ଶୋଭାଯାତ୍ରାଟି ସଫଳ ହୋଇଥିଲା।

# ଆଗକୁ ଅସମ୍ଭାଳ ହେବ ତାତି : ସକାଳୁଆ ସ୍କୁଲ ପାଇଁ ଅଭିଭାବକଙ୍କ ଦାବି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏବେଠୁ ତାତି ଅସମ୍ଭାଳ ହେଲାଣି। ଦିନରେ ସର୍ବାଧିକ ତାପମାତ୍ରା କେଉଁଠି ୩୫ ଡିଗ୍ରୀ ତ ଆଉ କେଉଁଠି ୪୦ ଡିଗ୍ରୀ ଛୁଇଁଲାଣି। ଦିନରେ ଖାଲି ଫ୍ୟାନ୍‌ରେ ବସି ହେଉନି। ଏମିତିରେ ବି ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଏପରି ଅବସ୍ଥାରେ ଦିନରେ ସ୍କୁଲରେ ହନ୍ତସନ୍ତ ହୋଇ ପଢୁଛନ୍ତି ସରକାରୀ ସ୍କୁଲ ଛାତ୍ରଛାତ୍ରୀ। ମାତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସକାଳୁଆ ସ୍କୁଲ କରିବା ବଦଳରେ ଚିରାଚରିତ ଭାବେ ଏପ୍ରିଲ୍ ୨କୁ ଅପେକ୍ଷା କରିଛି। ଏପ୍ରିଲ୍ ୨ ହେଲେ ହିଁ ସକାଳୁଆ ସ୍କୁଲ କରାଯିବ। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଧାନ ନଦେଇ ବେପିକର ହୋଇଛି ବିଭାଗ। ଏପରି କହି ଶିକ୍ଷକ, ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଶିକ୍ଷକ ସଂଗଠନମାନେ ସକାଳୁଆ ସ୍କୁଲ କରିବା ଦାବିରେ ବିଭାଗକୁ ଚିଠି ଲେଖିଛନ୍ତି। ତାତି ୪୦ ଡିଗ୍ରୀ ଛୁଇଁଲାଣି।

ଗ୍ରାମାଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଛି। ଫଳରେ ପିଲାମାନେ ହନ୍ତସନ୍ତ ହେଉଛନ୍ତି। ଏପରିକି କୋମଳମତି ଶିଶୁ ଯେଉଁମାନେ ଶିଶୁବାଟିକାରେ ପଢୁଛନ୍ତି ସେମାନଙ୍କ ଅବସ୍ଥା କ'ଣ ଯେ ହେଉଛି ତାହା ପରିକଳ୍ପନା କରିବା ସମ୍ଭବ ନୁହେଁ ବୋଲି କହିଛନ୍ତି।

ଅଲ୍ ଉତ୍କଳ ପ୍ରାଥମିକ ଟିଚର୍ସ ଫେଡେରେସନ୍ ପକ୍ଷରୁ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଏସଂପର୍କିତ ଏକ ଚିଠି ଦିଆଯାଇଛି। ଚିଠିରେ ଉଲ୍ଲେଖ କରାଯାଇଛି, ୯ ତାରିଖରୁ ୧୩ ତାରିଖ ଯାଏ ପରୀକ୍ଷା ଚାଲିଥିବାରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀର ପିଲାଙ୍କ ପାଇଁ ସକାଳ ସାଢ଼େ ୬ଟାରୁ ସାଢ଼େ ୧୧ଟା ଯାଏ ସ୍କୁଲ ଖୋଲାଥିଲା। ମାତ୍ର ଏବେଠୁ ଗ୍ରୀଷ୍ମ ପ୍ରଭାବର ସ୍ଥିତି ଏପରି ଅବସ୍ଥାରେ ହେଲାଣି ମଧ୍ୟାହ୍ନରେ ପିଲାଙ୍କ ସ୍କୁଲ କରିବା ସମ୍ଭବ ନୁହେଁ। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟି ରଖି ଗ୍ରୀଷ୍ମ ଅବକାଶ ଯାଏ ସକାଳୁଆ ସ୍କୁଲ କରାଯାଉ। ସେହିପରି ପ୍ରାଥମିକ ଶିକ୍ଷକ ନେତା ବ୍ରହ୍ମାନନ୍ଦ ରାଉତ କହିଛନ୍ତି, ଏନେଇ ଆମେ ବାରମ୍ବାର ସରକାରୀ ଅଧିକାରୀଙ୍କୁ ଭେଟୁଛୁ। ମାତ୍ର ସେମାନେ କହୁଛନ୍ତି ସରକାର କହିଲେ ଆମେ ସକାଳୁଆ ସ୍କୁଲ କରିବୁ।

# ନିମ୍ନମାନର ପଥର ପ୍ୟାକିଂ, ନିର୍ମାଣ କାର୍ଯ୍ୟ ନେଇ ଅଭିଯୋଗ

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ କଂସାର ବଡ଼ ଦାଣ୍ଡଆ ପଞ୍ଚାୟତ ବଗଗହନ-ମିଳନମୋଡ଼-ତରପଦା ଗୋବରୀ ନଦୀପାର୍ଶ୍ୱ ଘେରିବନ୍ଧ ନିର୍ମାଣ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ସୁଉଚ୍ଚ ମାଟିବନ୍ଧ ଓ ପାର୍ଶ୍ୱରେ ପଥର ପ୍ୟାକିଂ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ କ୍ଷେତ୍ର ପରିଦର୍ଶନ ଅଧିକାରୀ ଆସୁନାହାନ୍ତି। ଦାୟିତ୍ୱରେ ଥିବା ଠିକାଦାରଙ୍କ ସୁପରଭାଇଜର ମନଇଚ୍ଛାରେ ନିର୍ମାଣ କାର୍ଯ୍ୟକୁ ନେଇ ବୁଦ୍ଧିଜୀବୀ, ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି।

ରାଜ୍ୟ ସରକାରଙ୍କ ନଦୀ ତଟବନ୍ଧ (ଜଳସେଚନ) ବିଭାଗ ପକ୍ଷରୁ ନଦୀକୂଳରେ ଅବସ୍ଥିତ ଗାଁଗୁଡ଼ିକୁ ସାମୁଦ୍ରିକ ଜୁଆର ପାଣିରୁ ସୁରକ୍ଷା ଦେବା ପାଇଁ ସୁଉଚ୍ଚ ମାଟି ବନ୍ଧରେ ପଥର ପ୍ୟାକିଂ ନିର୍ମାଣ କରାଯିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପ୍ରାୟତଃ ୧୦ କିମି ବନ୍ଧ ନିର୍ମାଣ କାର୍ଯ୍ୟ ପାଇଁ ସରକାରୀ ତହବିଲରୁ ବହୁ କୋଟି ବ୍ୟୟ ହେଉଛି। ହେଲେ ନିର୍ମାଣ ବନ୍ଧର ପାର୍ଶ୍ୱରୁ ପଙ୍କ କାଦୁଅ ମେଶିନରେ ଉଠାଇ ତା' ଉପରେ ପଥର ପ୍ୟାକିଂ କରାଯାଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ନଦୀବନ୍ଧ ନିର୍ମାଣରେ ଉଚ୍ଚତା କମ୍ କରାଯାଉଥିବାବେଳେ ଡମ୍ପିଂ ଓ ପଞ୍ଚିଂରେ ଛୋଟ ଛୋଟ ପଥର ବ୍ୟବହାର କରାଯାଉଛି। ଫଳରେ ବର୍ଷା ଓ ସାମୁଦ୍ରିକ ଜୁଆର ମାଡ଼ରେ ଏହା ଭୁଶୁଡ଼ିବା ଆଶଙ୍କା ରହିଛି। ଏହି ନିମ୍ନମାନର ବନ୍ଧ ନିର୍ମାଣରେ କାର୍ଯ୍ୟ ଓ ସ୍ଥାୟିତ୍ୱକୁ ନେଇ ବୁଦ୍ଧିଜୀବୀ ନରୋତ୍ତମ ପାର୍ଥ ସାରଥି ଓ କୃଷକ ନେତା ଅଙ୍କୁର ପଲାଇ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନଦୀ ତଟବନ୍ଧ ଡିଭିଜନ ବିଭାଗ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ସାହୁଙ୍କୁ ପଚାରିବାରେ ଉକ୍ତ ନିର୍ମାଣ କାର୍ଯ୍ୟ ଉପରେ ତଦାରଖ କରାଯିବ ବୋଲି ସେ କହିଛନ୍ତି।

# ବିପଦରେ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ : କଟକଣା ସତ୍ତ୍ୱେ ପଶି ଆସୁଛି ବୋଟ୍, ଟ୍ରଲର

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳ ଗହୀରମଥା ଏବେ ପ୍ରକୃତିର କ୍ରୋଧ ସହ କୃତ୍ରିମ ବିପଦ ସହିତ ଲଢୁଛି। ବିଶ୍ୱପ୍ରସିଦ୍ଧ ଏହି ଏନ୍ତୁଡ଼ିଶାଳରେ ଶାବକ ଜନ୍ମ ନେବା ପୂର୍ବରୁ ବହୁ ସଂଖ୍ୟାରେ ମରିବା ସୁନିଶ୍ଚିତ ହୋଇଯାଉଛି। ସମୁଦ୍ର ତଟକ୍ଷୟ ପ୍ରଜନନ ସ୍ଥଳକୁ ସଂକୁଚିତ କରୁଛି। ସେହିପରି ୧୪୩୫ ବର୍ଗ କି.ମି.ସାମୁଦ୍ରିକ ଅଞ୍ଚଳକୁ ଗତ ନଭେମ୍ବରଠାରୁ ମେ' ମାସ ପର୍ଯ୍ୟନ୍ତ କଟକଣା ସତ୍ତ୍ୱେ ମତ୍ସ୍ୟଜୀବୀମାନେ ପଶି ଆସୁଛନ୍ତି। ବୋଟ, ଟ୍ରଲର ଓ ଜାଲ ମାଧ୍ୟମରେ ମା' କଇଁଛ ମରୁଛନ୍ତି। ଫଳରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବିକ୍ଷିପ୍ତ ଭାବେ ମୃତ କଇଁଛ ଦେଖିବାକୁ ମିଳୁଛି।

ଏ ସମ୍ପର୍କରେ ପ୍ରକୃତିପ୍ରେମୀ ମନୋଜ କୁମାର ନାୟକ କହିଛନ୍ତି, ଗତ ନଭେମ୍ବରରୁ ଆସନ୍ତା ମେ' ପର୍ଯ୍ୟନ୍ତ ଗହୀରମଥାର ସାମୁଦ୍ରିକ ଅଞ୍ଚଳକୁ ବିରଳ ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡାଦାନ ପାଇଁ କଟକଣା ହୋଇଛି। ଏହି ସମୟରେ ବନ ବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷା ବାହିନୀ ପକ୍ଷରୁ ସମୁଦ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା କଥା। ଅବାଧ ଭାବେ ବୋଟ୍, ଟ୍ରଲର ଚଳାଚଳ ଫଳରେ ବନ ବିଭାଗ ରିପୋର୍ଟଠାରୁ ବହୁ ଅଧିକ କଇଁଛଙ୍କ ମୃତ୍ୟୁ ହୋଇଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ସତ୍ତ୍ୱେ ଅଧିକାଂଶ ବୋଟ୍, ଟ୍ରଲରରେ ଟିଇଡି (ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ୍) ବ୍ୟବହାର ହେଉନାହିଁ। ସେହିପରି ବନ ବିଭାଗ ବୋଟ୍‌ଗୁଡିକ ଅଧିକାଂଶ କମ୍ ଶକ୍ତିସମ୍ପନ୍ନ। ଏଥିସହିତ ବୋଟ୍‌ଗୁଡିକ ଖରାପ ରହୁଛି। ପୂର୍ବରୁ କଟକଣା ଅବଧି ମଧ୍ୟରେ ଜବତ ବୋଟ ଟ୍ରଲର ଛାଡ଼ ପାଉ ନ ଥିଲେ। ଏବେ ଜବତ ବୋଟ୍‌ଗୁଡିକ କୋର୍ଟରୁ ତୁରନ୍ତ ରିଲିଜ୍ ହେଉଥିବାରୁ ମାଲିକମାନେ ମାଛଧରା କାର୍ଯ୍ୟରେ ଲଗାଇବାକୁ ସକ୍ଷମ ହେଉଛନ୍ତି।



ବରିଷ୍ଠ ଭାଜପା ନେତା ଭୁବନମୋହନ ଜେନା କହିଛନ୍ତି, କଇଁଛଙ୍କ ଅଣ୍ଡାଦେବା ସ୍ଥାନ ଏବେ ସଙ୍କଟରେ ଅଛି। ବାବୁବାଲି, ମାଦଳି ଓ ଏକକୁଳା ଆଦିରେ ତଟକ୍ଷୟ ଜାରି ରହିଛି। ବନ ବିଭାଗ ଏହି ଅଞ୍ଚଳର ତଟକ୍ଷୟ ପ୍ରତି ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସୁରକ୍ଷା ଯୋଗାଇବା କଥା। ତେବେ ଏ ନେଇ କୌଣସି ପତ୍ରତା ନାହିଁ।

ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପୂର୍ବରୁ ଚନ୍ଦ୍ରଭାଗା ଓ ହରଚଣ୍ଡୀ ତଟାଞ୍ଚଳକୁ ଅଲିଭ୍‌ରିଡ୍‌ଲେ ଆସୁଥିଲେ। ପରିବେଶ ନଷ୍ଟ ଓ ବେଆଇନ ଟ୍ରଲର ଚଳାଚଳ ଯୋଗୁ ୨୦୧୨ରୁ ଏହି ଅଞ୍ଚଳରେ ସମୂହ ଅଣ୍ଡାଦାନ ହେଉନାହିଁ। ପ୍ରାୟ ୧୦୦୦ ଅଣ୍ଡାରୁ ମାତ୍ର ଗୋଟିଏ ଏହି ବିରଳ କଇଁଛ ପ୍ରାପ୍ତବୟସ୍କ ହେଉଥିବାରୁ ଏହାର ସୁରକ୍ଷା ଜରୁରୀ ହୋଇଛି। ସାମୁଦ୍ରିକ ଅଞ୍ଚଳରେ ବେଆଇନ ଭାବେ ଗିଲ ନେଟର ବ୍ୟବହାର, ସଂରକ୍ଷିତ ଭିତରକନିକା ଅଞ୍ଚଳରେ ବେଆଇନ ବସବାସ ଓ ଚିଙ୍ଗୁଡ଼ିଘେରି ଅଲିଭ୍‌ରିଡ୍‌ଲେଙ୍କ ପାଇଁ ବିପଦ ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଗହିରମଥା ରେଞ୍ଜ ଅଧିକାରୀ କପିଳେନ୍ଦ୍ର ପ୍ରଧାନ କହିଛନ୍ତି, କଇଁଛଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଗତ ୪ ମାସ ମଧ୍ୟରେ ୪୯ ବୋଟ୍, ଟ୍ରଲର ସମେତ ୩୫୪ ବେଆଇନ ପ୍ରବେଶକାରୀଙ୍କୁ ଗିରଫ କରାଯାଇଛି। ବାବୁବାଲି ଓ ମାଦେଳିରେ ସ୍ୱତନ୍ତ୍ର କ୍ୟାମ୍ପ ସହିତ ସାମୁଦ୍ରିକ ପାଟ୍ରୋଲିଂ ହେଉଛି। ବିଭାଗର ଶତାଧିକ କର୍ମଚାରୀ ଏଥିରେ ଦିନରାତି ନିୟୋଜିତ ହୋଇଛନ୍ତି। ବିକ୍ଷିପ୍ତ ଭାବେ ଅଣ୍ଡାଦାନ କରିଥିବା ୪୬ କଇଁଛ ବସାରୁ ଅଣ୍ଡା ସଂଗ୍ରହ କରାଯାଇ ହ୍ୟାଚେରିରେ ରଖାଯାଇଛି। ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ଥାନାରୁ ଅଧିକ ସହଯୋଗ ଆଶା ରଖିଥିବା ରେଞ୍ଜ ଅଧିକାରୀ ପ୍ରଧାନ କହିଛନ୍ତି।

# ପୋଲେରୁ ସେତୁ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ କଡ଼ା ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଗୁରୁତ୍ୱପୂର୍ଣ୍ଣ ପୋଲେରୁ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି ଜିଲ୍ଲାପାଳ ପ୍ରଥମେଶ ଆରବିନ୍ଦ ରାଜଶିର୍କେ। ନିର୍ମାଣାଧୀନ ସେତୁ ସ୍ଥଳ ପରିଦର୍ଶନ କରିବା ସହ କାମ କେତେଦୂର ଆଗେଇଛି, ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ସ୍ଥାନୀୟ ବାସିନ୍ଦାଙ୍କ ସହ ସିଧାସଳଖ କଥା ହୋଇଥିଲେ। ଏହି ସେତୁ କେବଳ ଏକ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଅଞ୍ଚଳବାସୀଙ୍କ ଆବେଗ ଓ ସଂସ୍କୃତି ସହ ଜଡ଼ିତ। ବିଶେଷକରି ପ୍ରସିଦ୍ଧ ବଡ଼ ଯାତ୍ରା ସମୟରେ ଏହି ରାସ୍ତାର ଗୁରୁତ୍ୱ ଅଧିକ ରହିଥିବାରୁ ଲୋକଙ୍କ ମହତ୍ୱକୁ ସେ ସ୍ୱୀକାର କରିଛନ୍ତି। ଲୋକଙ୍କ ସୁବିଧା ଓ ସଂସ୍କୃତିର ସୁରକ୍ଷା ଆମର ପ୍ରାଥମିକତା – ଏହି ବାର୍ତ୍ତା ଦେଇ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେତୁ ନିର୍ମାଣରେ ହେଉଥିବା ବିଳମ୍ବକୁ ଦୂର କରି ତୁରନ୍ତ ଏହାକୁ ସମ୍ପୂର୍ଣ୍ଣ କରିବାକୁ ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୋଲେରୁ ସେତୁଟି ସ୍ଥାନୀୟ ଅଞ୍ଚଳକୁ ଆନ୍ଧ୍ରପ୍ରଦେଶ ସହ ସଂଯୋଗ କରିବା ପାଇଁ ଏକ ପ୍ରମୁଖ ସେତୁ। ଏହାର ନିର୍ମାଣ ଶେଷ ହେଲେ ହଜାର ହଜାର ଲୋକ ଉପକୃତ ହେବା ସହ ଯାତାୟାତରେ ବଡ଼ ପରିବର୍ତ୍ତନ ଆସିବ। ସେହିପରି ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ଧାର୍ମିକ ସ୍ଥଳର ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ଜିଲ୍ଲାପାଳ। ଏହି ପରିପ୍ରେକ୍ଷୀରେ, ପୋଲେରୁର ପ୍ରସିଦ୍ଧ ମାଉଳି ମା' ମନ୍ଦିର ଏବଂ ମାନ୍ୟମକୋଣ୍ଡା ମନ୍ଦିର ପରିଦର୍ଶନ କରି ଦର୍ଶନ କରିଥିଲେ ଶ୍ରୀ ରାଜଶିର୍କେ। ମାନ୍ୟମକୋଣ୍ଡା ଅଞ୍ଚଳରେ ଥିବା ଏହି ପ୍ରସିଦ୍ଧ ପୀଠର ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଆଲୋଚନା କରାଯାଇଛି। ଏହା ସହିତ ଟାଗରକୋଟା ପାହାଡ଼ ଉପରେ ଥିବା ପ୍ରସିଦ୍ଧ ଶିବ ମନ୍ଦିରର ନିର୍ମାଣାଧୀନ ଭିତ୍ତିଭୂମି କାର୍ଯ୍ୟ ବୁଲି ଦେଖିଛନ୍ତି। ସୂଚନାଯୋଗ୍ୟ ଯେ, ଟାଗର କୋଟାରେ ଏକ ୩୦ ଫୁଟ ଉଚ୍ଚର ମହାଦେବଙ୍କ ପ୍ରତିମା ଏବଂ ମାଇକ୍ରୋ-ପର୍ଯ୍ୟଟନ ସୁବିଧା ଯଥା ପାନୀୟ ଜଳ, ଆଲୋକୀକରଣ ଓ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥାର ବିକାଶ ଚାଲିଛି। ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏହି ଗସ୍ତ ସମୟରେ କାଲିମେଳା ବ୍ଲକ କନିଷ୍ଠ ଯନ୍ତ୍ରୀ, ସହାୟକ ଯନ୍ତ୍ରୀ, ବ୍ଲକ ମଙ୍ଗଳ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଟ୍ରେନ୍‌ରେ ଜଙ୍ଘରୁ କଟିଯାଇଛି ୨ ଗୋଡ଼ : ସ୍ୱାଭିମାନର ସହ ବଞ୍ଚିବାକୁ ସନ୍ତୋଷଙ୍କ ସଂଘର୍ଷ

**ଗୁଣୁପୁର, ନ୍ୟୁଜ୍‌ବ୍ୟୁରୋ**



ଟ୍ରେନ୍ ଧକ୍କାରେ ଜଙ୍ଘରୁ କଟି ଯାଇଛି ଦୁଇ ଗୋଡ଼। ତଥାପି ସେ ଭାଙ୍ଗିପଡ଼ିନାହାନ୍ତି। ସ୍ୱାଭିମାନର ସହ ବଞ୍ଚିବାକୁ ଦୀର୍ଘ ୮ ବର୍ଷ ହେଲା ସଂଘର୍ଷ କରୁଛନ୍ତି। ହାତରେ ତୂଳୀ ଧରି ବିଭିନ୍ନ ସରକାରୀ ଯୋଜନାର ସୂଚନା ଫଳକ ଆଙ୍କି ଦୁଇପଇସା ରୋଜଗାର କରୁଛନ୍ତି। ସେ ହେଲେ ଦୁର୍ଗମ ଅଞ୍ଚଳର ଉଚ୍ଚ ଶିକ୍ଷିତ ଲାଞ୍ଜିଆ ସୌରା ଯୁବକ ସନ୍ତୋଷ ଶବର। ସରକାରଙ୍କ ପକ୍ଷରୁ ଏକ ଇ-ସ୍କୁଟି ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ୍ ଶଗଡ଼ା ପଞ୍ଚାୟତ ଅଞ୍ଜରସିଂ ଗାଁରେ ସନ୍ତୋଷଙ୍କ ଘର। ଗୁଣପୁରରେ ରହି ଗଜପତି ଜିଲ୍ଲା କାଶୀନଗର ଶ୍ରୀରାମ କଲେଜରେ ଯୁକ୍ତ ୩ ବିଜ୍ଞାନ ପଢୁଥିଲେ।

୨୦୧୮ ସେପ୍ଟେମ୍ବର ପହିଲାରେ ଟ୍ରେନ୍‌ରେ କାଶୀନଗରରୁ ଗୁଣପୁର ଫେରୁଥିଲେ। ଦୁର୍ଭାଗ୍ୟ ବଶତଃ କାଶୀନଗର ନିକଟରେ ଟ୍ରେନ୍ରୁ ଖସି ଗୁରୁତର ହୋଇଥିଲେ। ଦୀର୍ଘଦିନର ଚିକିତ୍ସା ପରେ ତାଙ୍କ ଜୀବନ ବଞ୍ଚିଗଲା ସତ, ହରାଇବାକୁ ପଡ଼ିଲା ଜଙ୍ଘରୁ ଦୁଇ ଗୋଡ଼। ଏବେ ସେ ସରକାରୀ ଯୋଜନାରେ ଭୀନ୍ନକ୍ଷମ ଭତ୍ତା ସହ ଟ୍ରାଇସାଇକେଲ ଖଣ୍ଡେ ପାଇଛନ୍ତି। ସେଥିରେ ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଚଢ଼ିବା ସମ୍ଭବ ହେଉନି। ଅନେକ ସମୟରେ ବହୁ କଷ୍ଟ ସହିବାକୁ ପଡୁଛି। ଦୁର୍ଘଟଣାର ଭୟ ରହୁଛି। ସରକାରୀ ଯୋଜନାରେ ଇ-ସ୍କୁଟି ମିଳିଲେ ସବୁଦିଗରେ ତାଙ୍କୁ ସହାୟକ ହୋଇପାରିବ ବୋଲି କହିଛନ୍ତି।

ଆନ୍ଧ୍ରରେ ବିଇଡି ପଢୁଥିବାରୁ ବର୍ତ୍ତମାନ ଆଉଜଣକ ସାହାରା ନେବାକୁ ପଡୁଛି। ପିଲାଟି ଦିନରୁ ସେ ଶିକ୍ଷକ ହେବାକୁ ସ୍ୱପ୍ନ ଦେଖିଛନ୍ତି। ଏହାଦ୍ୱାର ଦୁର୍ଗମ ଅଞ୍ଚଳର ପିଲାଙ୍କ ଭିତରେ ଶିକ୍ଷାର ପ୍ରଦୀପ ଜାଳିପାରିବେ ବୋଲି ଆଶା ରଖିଛନ୍ତି। ଅନ୍ୟପକ୍ଷରେ ନିଜ ପଢ଼ା ଖର୍ଚ୍ଚ ଏବଂ ପେଟପାଟଣା ପାଇଁ ସଂଘର୍ଷ ଜାରିରଖିଛନ୍ତି। ସନ୍ତୋଷ ଜଣେ ଭଲ ଚିତ୍ରକର। ହାତରେ ତୂଳୀ ଓ ରଙ୍ଗ ଧରି ଗାଁକୁ ଆସୁଥିବା ବିଭିନ୍ନ ସରକାରୀ ଯୋଜନାର ସୂଚନା ଫଳକ ଆଙ୍କି ରୋଜଗାର କରୁଛନ୍ତି। ଏ ସମ୍ପର୍କରେ ଆମେ ବିଧାୟକ ସତ୍ୟଜିତ ଗମାଙ୍ଗଙ୍କୁ ପଚାରିବାରୁ କହିଛନ୍ତି, ସନ୍ତୋଷଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ ଲାଗି ବ୍ୟବସ୍ଥା କରିବେ। ବିଡିଓ ସ୍ୱସ୍ତିକ ଜମାଦାର ମଧ ଏ ଦିଗରେ ଦୃଷ୍ଟି ଦେବେ।

# ଗୁଡ୍‌ଭେଲା ବ୍ଲକ୍‌ରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଗୁଡଭେଲା ବ୍ଲକର ୮୧ଟି ପରୀକ୍ଷା କେନ୍ଦ୍ରରେ ଦ୍ୱିତୀୟ ପର୍ଯ୍ୟାୟ ନବଭାରତ ସାକ୍ଷରତା ଅଭିଯାନ 'ଉଲ୍ଲାସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୪୮୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସମୁଦାୟ ୮୧୯ ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ବିଇଓ ନମିତା ରାଣୀ ଭୋଇ, ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଓ ବିପିନ ବାଗ ଏବଂ ସିଆରସିସି ପ୍ରହଲ୍ଲାଦ ଦଣ୍ଡସେନା, ଜଗମୋହନ ତ୍ରିପାଠୀ, ଷଡ଼ାନନ ପ୍ରଧାନୀ, କାର୍ତ୍ତିକ ହରପାଲ, ପୂର୍ଣ୍ଣ ଚନ୍ଦ୍ର ଭୋଇ, ସୁଧାଂଶୁ ପୁଟା, ଟଙ୍କଧର ସା, ରମେଶ ଚନ୍ଦ୍ର ଭୋଇ ତଥା ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିଲେ।

# ବ୍ଲକ୍‌ରେ ନାହିଁ ଶିଶୁଉଦ୍ୟାନ, ଖେଳପଡ଼ିଆ, ପାଠାଗାର

**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ୨୩ ପଞ୍ଚାୟତବାସୀ, ଶିଶୁ, କିଶୋର, ମହିଳା, ଯୁବଗୋଷ୍ଠୀ ଓ ବୃଦ୍ଧାବୃଦ୍ଧଙ୍କ ପାଇଁ କୌଣସି ଚିତ୍ତ ବିନୋଦନର ସାଧନ ନ ଥିବା ଦେଖିବାକୁ ମିଳିଛି। ବ୍ଲକ୍ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଥିବା ବେଳେ ଦୈନିକ ପର୍ଯ୍ୟଟକ ଏହି ଅଞ୍ଚଳକୁ ଆଗମନ ହେଉଛି। ଲୋକଙ୍କ ଚିତ୍ତ ବିନୋଦନ ସାଧନ ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା କରୁଥିଲେ ସୁଦ୍ଧା ବ୍ଲକ୍ ସଦର ମହକୁମା ସମେତ ୨୩ ପଞ୍ଚାୟତରେ ଏଯାଏ ଗୋଟିଏ ମଧ ଶିଶୁ ଉଦ୍ୟାନ, ପାଠାଗାର, ଚିତ୍ତ ବିନୋଦନ କେନ୍ଦ୍ର ଓ ଖେଳପଡ଼ିଆ ନିର୍ମାଣ ହୋଇ ନ ଥିବା ଅଭିଯୋଗ ହୋଇଛି। ଶିଶୁ, କିଶୋରୀ ଓ ଯୁବ ଗୋଷ୍ଠୀଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ବାଧକ ହେଉଛି। ଭିତ୍ତିଭୂମି ଅଭାବରୁ ଛୋଟ ଶିଶୁ ଓ ପିଲା ମାନେ ସମୟ ଅତିବାହିତ କରିବାକୁ ସାଧନ ପାଉନାହାନ୍ତି। ଏଥିଯୋଗୁ ବାଧ ହୋଇ ବହୁଳ ପରିମାଣରେ ମୋବାଇଲ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ସ୍ମାର୍ଟଫୋନ ଯୋଗୁ ପିଲାଙ୍କ ଉପରେ କୁପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି। ସେମାନଙ୍କ ସ୍ୱାସ୍ଥ୍ୟ ସହ ମାନସିକ ଅବିବୃଦ୍ଧିରେ ବାଧା ଆସୁଛି। ସମାନ ଅବସ୍ଥା ଯୁବଗୋଷ୍ଠୀଙ୍କ ମଧ୍ୟରେ ଦେଖିବାକୁ ମିଳେ। ବୃଦ୍ଧାବୃଦ୍ଧ ବରିଷ୍ଠ ନାଗରିକ ଚାଲିବା, ବୁଲିବା, ବସିବା ପଢ଼ିବା ଆଦି ସାଧାରଣ ସୁବିଧା ନ ପାଇ ଚାପଗ୍ରସ୍ତ ହୋଇ ରହୁଛନ୍ତି। ଏଣୁ ରାଜ୍ୟ ସରକାର, ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

# ଅମଳ ଖର୍ଚ୍ଚ ବି ଉଠାଇ ପାରୁନାହାନ୍ତି ଟମାଟୋ ଚାଷୀ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ମାଟିରେ ମିଶୁଛି ଝାଳ ବୁହାଇ ଅମଳ କରିଥିବା ଟମାଟୋ। ବର୍ତ୍ତମାନ ବଜାରରେ ଟମାଟୋ ଦର ଏଭଳି ସ୍ତରକୁ ଖସି ଆସିଛି ଯେ, ଚାଷୀଟିଏ ତା'ର ଅମଳ ଖର୍ଚ୍ଚ ବି ଉଠାଇ ପାରୁନାହିଁ। ଏପରିକି ମଜୁରି ଦେବାକୁ ଅକ୍ଷମ ହେଉଥିବାରୁ ଚାଷୀ ଗଛରୁ ଟମାଟୋ ତୋଳିବାକୁ ବି ଅମଙ୍ଗ ହେଉଛନ୍ତି। ଏହି ଭଳି ଘଟଣା ଏବେ ଗଞ୍ଜାମ ବ୍ଲକ ସିପକୁଦା, ଝାରେଡ଼ି, ବିଞ୍ଝଣାପଲ୍ଲୀ ଆଦି ବିଭିନ୍ନ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ଅଧିକାଂଶ ଚାଷୀ ପନିପରିବା ଚାଷ ଉପରେ ନିର୍ଭର କରିଥାନ୍ତି। ବାରମାସ ଏଠାକାର ଲୋକ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି। ଟମାଟୋ ଦର ୨ ଟଙ୍କାରୁ ୫ ଟଙ୍କାକୁ ଖସି ଆସିଛି ଏବଂ ବେପାରୀ ନେବା ପାଇଁ ମଧ ଅମଙ୍ଗ ହେଉଛନ୍ତି । ଗୋଟେ ଟ୍ରେ'ରେ ୨୭ କିଲୋ ଟମାଟୋ ରହୁଥିବା ବେଳେ ୫୦ରୁ ୬୦ ଟଙ୍କାରେ ନେବା ପାଇଁ ଅମଙ୍ଗ ହେଉଛନ୍ତି ବେପାରୀ। ବିଲରୁ ଟମାଟୋ ତୋଳିବା ପାଇଁ ଯେତିକି ଶ୍ରମିକ ମଜୁରି ଲାଗୁଛି ବିକ୍ରି କରିବା ପରେ ବି ସେତିକି ଟଙ୍କା ମିଳୁ ନ ଥିବା ଚାଷୀ କହିଛନ୍ତି। ଏପରିକି ଅନେକ ଚାଷୀ ଗଛରୁ ଟମାଟୋ ତୋଳିବାକୁ ନାରାଜ ହେଉଥିବା ବେଳେ କିଛି ଚାଷୀ ରାସ୍ତାକଡ଼ରେ ଜମା କରିରଖିଥିବା ଦେଖିବାକୁ ମିଳିଛି। ଚାଷୀଙ୍କ କହିବା କଥା ଯଦି ଶୀତଳ ଭଣ୍ଡାର ରହିଥାନ୍ତା ତେବେ ତାହାକୁ ସେମାନେ ସଂରକ୍ଷଣ କରି ରଖିପାରିଥାନ୍ତେ। ଏହାର ଅଭାବ ହେତୁ ଚାଷୀ ତା'ର ଅମଳ ଟମାଟୋକୁ ସାଇତି ରଖିପାରୁନାହିଁ ଏବଂ ପଚିଯିବା ଭୟରେ କମ୍ ଦରରେ ବିକ୍ରି ପାଇଁ ବାଧ ହେଉଛନ୍ତି। ବିକ୍ରିର କିଛି ସୁବିଧା ନ ଥିବାରୁ ଚାଷୀ ସିଧାସଳଖ ଖାଉଟିଙ୍କ ପାଖକୁ ଯାଇପାରୁନାହାନ୍ତି। ଯାହାର ସୁଯୋଗ ନେଇ ମଧ୍ୟସ୍ଥିମାନେ ଶସ୍ତାରେ ମାଲ କିଣୁଛନ୍ତି। ହତାଶ ହୋଇପଡ଼ିଥିବା ଚାଷୀମାନେ ସରକାରଙ୍କ ନିକଟରେ କ୍ଷତିପୂରଣ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଦାବି ହୋଇଛି। ଯଦି ସରକାର ଆଗାମୀ ଦିନରେ ଚାଷୀଙ୍କଠାରୁ ସିଧାସଳଖ ଟମାଟୋ କିଣିବା ପାଇଁ ବ୍ୟବସ୍ଥା ନ କରନ୍ତି ତେବେ ଚାଷୀ ଆର୍ଥିକ କ୍ଷତିଗସ୍ତ ହେବେ। ଏହି ଅଞ୍ଚଳ ଚାଷୀମାନଙ୍କ ଏହା ଦୀର୍ଘଦିନର ଯନ୍ତ୍ରଣା।



ପ୍ରତିବର୍ଷ ଅଧିକ ଅମଳ ହେଉଥିଲେ ମଧ ସ୍ଥାନୀୟ ବଜାରରେ ଚାହିଦା ଅପେକ୍ଷା ଯୋଗାଣ ଅଧିକ ହେଉଥିବାରୁ ଦର କମ୍ ରହୁଛି। ଅଧିକାଂଶ ଚାଷୀ ମହାଜନମାନଙ୍କଠାରୁ ରଣ ଆଣି ଚାଷ କାର୍ଯ୍ୟ କରିଥାନ୍ତି। କେମିତି ଶୁଝିବେ ଚାଷୀଙ୍କୁ ଏବେ ଚିନ୍ତା ଘାରିଛି। ସରକାର ଯଦି ବିକ୍ରିର ବ୍ୟବସ୍ଥା ଏବଂ ଶୀତଳଭଣ୍ଡାରର ବ୍ୟବସ୍ଥା କରିଥିଲେ ଚାଷୀ ପାଇଁ ଲାଭବାନ ହୋଇଥାନ୍ତା କିନ୍ତୁ ତାହା ବହୁବାର ଦାବି ହୋଇଆସୁଥିଲେ ବି ଫଳ ଶୂନ। କେବଳ ସିପକୁମା ନୁହେଁ ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀମାନେ ଅକ୍ଲାନ୍ତ ପରିଶ୍ରମ କରି ଟମାଟୋ ଚାଷ କରିଥାନ୍ତି। କିନ୍ତୁ ବିକ୍ରି ସମୟରେ ପୁଣି ସେହି ପୁରୁଣା ସମସ୍ୟା ଦେଖାଦେଉଛି। କ୍ଷେତରେ ଟମାଟୋ ପଡ଼ିରହିଛି କିନ୍ତୁ କିଣିବାକୁ ଗ୍ରାହକ ନାହାନ୍ତି କି ବେପାରୀ ବି ଆସୁନାହାନ୍ତି। ଏଠାରୁ ଅମଳ ହେଉଥିବା ଟମାଟୋକୁ ବାହାର ରାଜ୍ୟ କିମ୍ବା ବଡ଼ ସହରକୁ ପଠାଇବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଶୀତଳଭଣ୍ଡାରର ଅଭାବ। ନଚେତ୍ ସରକାରୀସ୍ତରରେ ସିଧାସଳଖ କ୍ରୟ ବ୍ୟବସ୍ଥା କରାଗଲେ ଚାଷୀ ମଧ୍ୟସ୍ଥି କବଳରୁ ମୁକ୍ତି ପାଇ ଉଚିତ ଦର ପାଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୩ ମାର୍ଚ୍ଚ ୨୦୨୬ ସୋମବାର





# ରାଇରଙ୍ଗପୁର ଜେଲ୍‌ରୁ ମୁକୁଳିଲେ ଗିରଫ ୩୪ଜଣ ଆଦିବାସୀ

**ବାରିପଦା, ନ୍ୟୁଜ ବ୍ୟୁରୋ**



ପୋଲିସକୁ ଆକ୍ରମଣ ଘଟଣାରେ ଗିରଫ ୩୪ଜଣ ଆଦିବାସିମାନଙ୍କୁ ଜେଲରୁ ଖଲାସ କରାଯାଇଛି । ମୟୁରଭଞ୍ଜ ଆଦିବାସି ଏକତା ମଞ୍ଚର ବାମନଘାଟି ଉପଖଣ୍ଡ ବନ୍ଦକୁ ନେଇ ସମସ୍ତ ଗିରଫଙ୍କୁ ଶନିବାର ଜେଲରୁ ମୁକୁଳାଇବେ ନେଇ ଲିଖିତ ପ୍ରତିଶ୍ରୁତି ମିଳିଥିଲା । ଯାହାକୁ ନେଇ ଶନିବାର ସନ୍ଧ୍ୟାରେ ଖଲାସ କରାଯାଇଛି । ଏହାପରେ ଆସେକା ଠାରେ ମୟୁରଭଞ୍ଜ ଆଦିବାସି ଏକତା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଜଣାଇଥିଲେ । ୩୪ଜଣ ଗିରଫ ଆଦିବାସିଙ୍କ ମଧ୍ୟରେ ୨୭ଜଣ ମହିଳା ଓ ୭ଜଣ ପୁରୁଷ ରହିଛନ୍ତି । ତିରିଂ ଥାନା ଅଞ୍ଚଳର ଜୈନିକା ନାବାଳିକାକୁ ଅସଦାଚରଣ ନେଇ ବହଳଦା ବାଇପାସରେ ଗ୍ରାମବାସୀମାନେ ରାସ୍ତା ଅବରୋଧ କରିଥିଲେ । ଉକ୍ତ ସମୟରେ ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ । ଗ୍ରାମବାସୀମାନଙ୍କ ଆକ୍ରମଣରେ ୧୩ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ । ଯାହାକୁ ନେଇ ପୋଲିସ ପକ୍ଷରୁ ବହଳଦା ଥାନାରେ ୫୯ଜଣଙ୍କ ନାମ ମାମଲା ରୁଜୁ କରିଥିବା ବେଳେ ୩୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ତାଙ୍କୁ ଖଲାସ ଦାବିରେ ମୟୁରଭଞ୍ଜ ଆଦିବାସି ଏକତା ମଞ୍ଚ ପକ୍ଷରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦାନ କରାଯାଇଥିଲା । ଦୁଇ ଦିନ ଧରି ଆନ୍ଦୋଳନ ପରେ ବି ଦାବି ପୂରଣ ନହେବାରୁ ୪୮ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ଶୁକ୍ରବାର ସକାଳ ୬ରୁ ରବିବାର ସକାଳ ୬ ପର୍ଯ୍ୟନ୍ତ ବାମନଘାଟି ଉପଖଣ୍ଡ ବନ୍ଦ ଡାକରା ଦିଆଯାଇଥିଲା । ମିଳିତ ଆଦିବାସି ମଞ୍ଚ ପକ୍ଷରୁ ଜୋରଦାର ବନ୍ଦ ପାଳନ କରାଯାଇଥିଲା । ଯାହାକୁ ନେଇ ବନ୍ଦର ୧୨ଘଣ୍ଟା ମଧ୍ୟରେ ଦାବି ପୂରଣ ନେଇ ପୋଲିସ ପ୍ରଶାସନ ରାଜି ହୋଇଥିଲେ । ବିଜେଡି ସମେତ ବିଭିନ୍ନ ଆଦିବାସି ସଙ୍ଗଠନର ନେତୃତ୍ୱମାନଙ୍କ ସହ ପୋଲିସ ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଥିଲା । ଶନିବାର ଅପରାହ୍ନ ସୁଦ୍ଧା ୩୪ ଜଣ ଆଦିବାସି ମାନଙ୍କୁ ମୁକୁଳାଇବା ପାଇଁ ସମସ୍ତ ଦାୟିତ୍ୱ ନିଜେ ଗ୍ରହଣ କରିବେ ବୋଲି ରାଇରଙ୍ଗପୁର ଅତିରିକ୍ତ ଏସପି ଯଦୁନାଥ ଜେନା ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଏହାକୁ ନେଇ ମୟୂରଭଞ୍ଜ ମିଳିତ ଆଦିବାସି ମଞ୍ଚର ୪୮ଘଣ୍ଟିଆ ବନ୍ଦ ଡ଼ାକରା ସ୍ଥଗିତ ରହିଥିଲା । ଲିଖିତ ପ୍ରତିଶ୍ରୁତି କ୍ରମେ ଗିରଫ ଆଦିବାସି ଜେଲରୁ ଖଲାସ ହୋଇଛନ୍ତି । ଜେଲରୁ ବାହାରି ସ୍ୱତନ୍ତ୍ର ବସରେ ଆସେକାକୁ ଆସିଥିଲେ । ସେଠାରୁ ବିଭିନ୍ନ ସ୍ଥାନରୁ ଆସିଥିବା ୫୦୦୦ରୁ ଉର୍ଦ୍ଧ୍ୱ ଆଦିବାସି ଲୋକଙ୍କ ସମାଗମ ହୋଇଥିଲା । ସ୍ୱତନ୍ତ୍ର ସଭାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନଗରପାଳ ଅଭିଷେକ ପଟ୍ଟନାୟକ, ବିଜେଡି କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ମହିଳା ସଭାନେତ୍ରୀ ତନୁଜା ମହାନ୍ତ, ଜିଲ୍ଲା ପରିଷଦ ସଭ୍ୟ ସୂର୍ଯ୍ୟମଣି ହାଁସଦା, ଆସେକା ସାଧାରଣ ସମ୍ପାଦକ ଜିତେନ୍ଦ୍ର ହାଁସଦା ସମେତ ନେତା ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଆରଟିଓ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଭୁବନେଶ୍ୱର– ୨ ପକ୍ଷରୁ ଗାଡ଼ି ଚାଳକ ଓ ଯାତ୍ରୀଙ୍କ ସୁରକ୍ଷା ଏବଂ ଜରୁରୀକାଳୀନ ବ୍ୟବସ୍ଥା ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ବହୁ ଦୂର ଦୁରାନ୍ତରୁ ଆସୁଥିବା ପର୍ଯ୍ୟଟକ ବସ ଚାଳକଙ୍କୁ ନେଇ ଏହି ଆଲୋଚନା ନନ୍ଦନକାନନ ବସ ଷ୍ଟାଣ୍ଡରେ ଅନୁଷ୍ଠିତ ହୋଇଥିଲା । ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଏବଂ ଓଡ଼ିଶାର ପର୍ଯ୍ୟଟକ ଓ ଚାଳକଙ୍କ ସହ ଭୁବନେଶ୍ୱର ଆରଟିଓ– ୨ ର ଇନଫୋର୍ସମେଣ୍ଟ ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ସଡ଼କ ସୁରକ୍ଷା ସମସ୍ୟା, ପ୍ରତିରକ୍ଷାମୂଳକ ଗାଡି ଚାଳନା, ଜରୁରୀକାଳୀନ ଦ୍ୱାର ବ୍ୟବସ୍ଥା, ବସ୍‌ରେ ଅଗ୍ନି ନିରାପତ୍ତା ଉପକରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ସଚେତନତା କର୍ମଶାଳାରେ ଏମଭିଆଇ ରବିନ୍ଦ୍ରନାଥ ଜେନା ଏବଂ ଟ୍ରାଫିକ ଇନ୍ସପେକ୍ଟର ସୁମନ୍ତ ପାତ୍ରଙ୍କ ସମେତ ଓଡ଼ିଶା ମୋଟରଯାନ ବିଭାଗ ଓ ଆରଟିଓର କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।



# ଯୁବ ବନପାଳ ସୁଧିର କୁମାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ

**ପାଟଣାଗଡ଼, ନ୍ୟୁଜ ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ହରିଶଙ୍କର ରେଞ୍ଜ ସଦର ସେକ୍ସନର ଯୁବ ବନପାଳ ସୁଧିର କୁମାର ଜେନା ରାଜ୍ୟସ୍ତରୀୟ ବନ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ଭୁବନେଶ୍ୱର ଅରଣ୍ୟ ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁଗର୍ଗ ପ୍ରମୁଖଙ୍କ ଉପସ୍ଥିତି ରେ ରାଜ୍ୟର କିଛି ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସେହି ଭିତରେ ଖପ୍ରାଖୋଲ ରେଞ୍ଜ୍‌ର ଯୁବ ବନପାଳ ସୁଧୀର କୁମାର ଜେନାଙ୍କୁ ମଧ୍ୟ ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା, କାଠ ଚୋରାଚାଲାଣ ଓ ବନ୍ୟ ପ୍ରାଣୀ ଶିକାର ନିୟନ୍ତ୍ରଣ ରେ ଉଲ୍ଲେଖନିୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଯାଇଛି । ତାଙ୍କ ଏହି ସଫଳତା ପାଇଁ ହରିଶଙ୍କର ରେଞ୍ଜ ଅଧିକାରୀ ତଥା ଏ ସି ଏଫ୍ ଅରବିନ୍ଦ ନାଏକ, ତଥା ପରିବେଶବିଦ୍ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି ।

# କୋଇଲା ଓ ଅଙ୍ଗାର ଜାଳେଣୀକୁ ଫେରୁଛି ହୋଟେଲ୍ ଶିଳ୍ପ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ସହରରେ ଇନ୍ଧନ ଗ୍ୟାସ ସଙ୍କଟ ଦିନକୁ ଦିନ ଜଟିଳ ଆକାର ଧାରଣ କରୁଛି । ସାହି, ଗଳି କନ୍ଦିରୁ ଆରମ୍ଭ କରି ହୋଟେଲ୍ ଶିଳ୍ପ ପର୍ଯ୍ୟନ୍ତ ଏହି ସମସ୍ୟାରୁ କେହି ମୁକୁଳି ପାରୁନାହାନ୍ତି । ଗତ କିଛି ଦିନ ଧରି ସମସ୍ତେ ଗ୍ୟାସ ସିଲିଣ୍ଡର ଅଭାବ ସମସ୍ୟାରେ ଜୁଝି ହେଉଛନ୍ତି । ଘରୋଇ ଇନ୍ଧନ କାମ ମଧ୍ୟ ପ୍ରଭାବିତ ହେଉଛି । ଗ୍ୟାସ ଏଜେନ୍ସି ସମ୍ମୁଖରେ ଲମ୍ବା ଲାଇନ୍ ଲାଗୁଛି । ସିଲିଣ୍ଡର ପାଇଁ ଲୋକେ ବହୁ ଦିନ ଅପେକ୍ଷା କରୁଛନ୍ତି । ଏହି ସଙ୍କଟରେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ଛୋଟ ବ୍ୟବସାୟୀ । ଛୋଟ ହୋଟେଲ୍, ମାବା ଓ ଖାଦ୍ୟ ଦୋକାନ ଚଲାଉଥିବା ଲୋକଙ୍କ ଜୀବିକା ଅସ୍ଥିର ହୋଇପଡ଼ିଛି । ଦିନକୁ ଦିନ ଗ୍ୟାସ ନ ମିଳିବାରୁ ସେମାନେ ବିକଳ୍ପ ଖୋଜୁଛନ୍ତି । ଅନେକ ବ୍ୟବସାୟୀ ଏବେ କୋଇଲା ଓ ଅଙ୍ଗାର ଉପରେ ନିର୍ଭରଶୀଳ ହେଉଛନ୍ତି । ସହରର ବିଭିନ୍ନ ହୋଟେଲ୍‌ରେ ପୁଣି ପୁରୁଣା ପଦ୍ଧତି ଫେରିଆସିଛି । କୋଇଲା ଓ ଅଙ୍ଗାର ବ୍ୟବହାର ବୃଦ୍ଧି ପାଇବାରେ ଦେଖାଯାଉଛି । ଏଥିରୁ ପରିବେଶ ପ୍ରଦୂଷଣ ନେଇ ଚିନ୍ତା ବଢ଼ିଛି । ଧୂଆଁ ଓ ଧୂଳିରେ ସ୍ଥାନୀୟ ଲୋକ ଅସୁବିଧା ଭୋଗୁଛନ୍ତି । କିଛି ହୋଟେଲ୍ ମାଲିକ କହିଛନ୍ତି ଯେ, ବାଧ୍ୟ ଏହି ପଦକ୍ଷେପ ନେବାକୁ ପଡିଛି । ଗ୍ୟାସ ନଥିଲେ ବ୍ୟବସାୟ ଚଳାଇବା ଅସମ୍ଭବ ବୋଲି ସେମାନେ କହିଛନ୍ତି । ସରକାରୀ ସ୍ତରରେ ଏହି ସମସ୍ୟାର ସମାଧାନ ନେଇ ଦାବି ବଢୁଛି । ସ୍ଥାନୀୟ ଲୋକେ ଓ ବ୍ୟବସାୟୀମାନେ ଶୀଘ୍ର ଗ୍ୟାସ ଯୋଗାଣ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି । ସମୟମତେ ସିଲିଣ୍ଡର ମିଳିଲେ ସମସ୍ୟା ହ୍ରାସ ପାଇପାରିବ । ନହେଲେ ଆଗାମୀ ଦିନରେ ସଙ୍କଟ ଆହୁରି ଗଭୀର ହେବାର ଆଶଙ୍କା ରହିଛି । ସମସ୍ତଙ୍କ ଦୃଷ୍ଟି ଏବେ ପ୍ରଶାସନୀୟ ପଦକ୍ଷେପ ଉପରେ ରହିଛି । କେବେ ସ୍ଥିତି ସାଧାରଣ ହେବ ସେନେଇ ଅପେକ୍ଷା ଜାରି ରହିଛି । ଅପରପକ୍ଷେ ବ୍ରହ୍ମପୁର ସହରରେ ଗ୍ୟାସ ସଙ୍କଟ ସିଧାସଳଖ ଖାଇବା ସାମଗ୍ରୀ ଉପରେ ପଡୁଛି । ଗ୍ୟାସ ସିଲିଣ୍ଡର ଅଭାବ ଓ କଳାବଜାରୀରୁ ବିଭିନ୍ନ ଖାଇବା ଦର ବି ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଗ୍ରାହକ ଅସନ୍ତୋଷ ପ୍ରକାଶ କରୁଛନ୍ତି । ସେ ଯାହା ହେଉନା କାହିଁକି ଯେଉଁ ରାସ୍ତା ଛାଡ଼ି ମଣିଷ ନୂଆ ବାଟ ଆପଣାଇଥିଲା ସେଥିରୁ ମୁହଁ ଫେରାଇ ପୁନଃ ଅଙ୍ଗାର ଓ କୋଇଲା ପଦ୍ଧତିକୁ ଆପଣାଇଛନ୍ତି । ବୟସ୍କମାନେ ଏହାକୁ ଦେଖି ପୂର୍ବ ଜମାନା ଫେରୁଛି ବୋଲି ମତବ୍ୟକ୍ତ କରିଛନ୍ତି ।

# ହାଇଟେକ ଡେଣ୍ଟାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ହାଇଟେକ ଡେଣ୍ଟାଲ କଲେଜ ଓ ହସ୍ପିଟାଲ ତରଫରୁ ନେହେରୁ ଯୁବ ପ୍ରତିଷ୍ଠାନ ସହଯୋଗରେ ଏକ ନିଶୁଳ୍କ ଦନ୍ତ ରୋଗ ସମ୍ବନ୍ଧୀୟ ପରାମର୍ଶ ଓ ଚିକିତ୍ସା ଶିବିର ନେହେରୁ ଯୁବ ପ୍ରତିଷ୍ଠାନ ପରିସର ମଧ୍ୟରେ ଅନୁଷ୍ଠିତ ହେଇଯାଇଛି, ହାଇଟେକ୍ ଡେଣ୍ଟାଲ କଲେଜର ହାଉସସର୍ଜନ ମିସ୍ ମେଘନା ପ୍ରିୟଦର୍ଶିନୀ ପଣ୍ଡା, ମାମାଲି ବିଜୟିନ୍ତା, ଜ୍ୟୋତିରେଖା ପ୍ରଧାନ ଓ କ୍ରିଷ୍ଟା ବେହେରା ଏହି ଶିବିରରେ ଯୋଗ ଦେଇ ପ୍ରାୟ ୩୫ ଜଣଙ୍କ ଦାନ୍ତ ପରୀକ୍ଷା କରେଇ ଥିଲେ, ଶିବିରରୁ ଚିହ୍ନଟ ଦନ୍ତରେ ସମସ୍ୟା ଥିବା ରୋଗୀଙ୍କର ପରବର୍ତ୍ତୀ ଚିକିତ୍ସା ସମୟ ରେ ପାଇଁ ହସ୍ପିଟାଲ୍ ପକ୍ଷରୁ ନିଃଶୁଳ୍କ ଚିକିତ୍ସା ସହ ଯିବା ଆସିବା ପାଇଁ ଗାଡିର ବ୍ୟବସ୍ଥା କରା ଯାଇଛି, ନେହେରୁ ଯୁବ ପ୍ରତିଷ୍ଠାନ ତରଫରୁ ସଭାପତି ସହଦେବ ଜୟସିଂହ, ଉପସଭାପତି ସଞ୍ଜୀବ ସାହୁ, ସଂଯୋଜକ ଆଶିଷ ବେବର୍ତ୍ତା, ସାଂସ୍କୃତିକ ସମ୍ପାଦିକା ଲିଲିପ୍ସା ମହାପାତ୍ର ସମସ୍ତ ଡାକ୍ତରମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ହାଇଟେକ୍ ଡେଣ୍ଟାଲ କଲେଜର ଏହି ଜନସେବା ଉଦ୍ୟମକୁ ପ୍ରଶଂସା କରିଥିଲେ, ଶିବିରକୁ କାର୍ଯ୍ୟକ୍ରମ ସଂଯୋଜକ ଉମେଶ ନନ୍ଦ, ବିରୂପାକ୍ଷ ମିଶ୍ର ଓ ସୁମନ୍ତ ନାୟକ ପରିଚାଳନା କରିଥିଲେ, ବରିଷ୍ଠ ସଭ୍ୟ ସନ୍ତୋଷ ଦାସ, ରଜତ ପାତ୍ର, କମଳ ପତି, ସୁବ୍ରତ ଦାସ, ମଞ୍ଜୁ ନନ୍ଦ, ମିନତୀ ତ୍ରିପାଠୀ, ବାସନ୍ତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# କେନ୍ଦୁଝର ଦରବାର ହଲ୍‌ରେ ମହିଳା ଜନ ଶୁଣାଣି

**କେନ୍ଦୁଝର, ନ୍ୟୁଜ**

ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ 'ଜନ ଶୁଣାଣି' କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି । ଆସନ୍ତା ମାର୍ଚ୍ଚ ୨୩ ତାରିଖ (ସୋମବାର) ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ଦରବାର ହଲ୍‌ଠାରେ ଏହି ବିଶେଷ ଶିବିର ଅନୁଷ୍ଠିତ ହେବ ।ଏହି ଶିବିରରେ କେନ୍ଦୁଝର ଏବଂ ଦେବଗଡ଼ ଜିଲ୍ଲାର ମହିଳାମାନେ ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିପାରିବେ । ବିଶେଷ କରି ଘରୋଇ ହିଂସା, ନିର୍ଯାତନା, ଯୌତୁକ ଜନିତ ସମସ୍ୟା, କର୍ମକ୍ଷେତ୍ରରେ ହେଉଥିବା ହଇରାଣ, ସାଇବର ଅପରାଧ ଏବଂ ମହିଳା ଅଧିକାର ଉଲ୍ଲଂଘନ ସମ୍ପର୍କିତ ଯେକୌଣସି ଅଭିଯୋଗର ଏଠାରେ ଶୁଣାଣି କରାଯିବ ।ଆୟୋଗଙ୍କ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ, ଯେଉଁ ମହିଳାମାନେ ପୂର୍ବରୁ ଆୟୋଗଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏବଂ ସମାଧାନ ଚାହୁଁଛନ୍ତି, ସେମାନେ ଏହି ଶିବିରରେ ଉପସ୍ଥିତ ରହି ନିଜର ଅଭିଯୋଗ ଉପସ୍ଥାପନ କରିପାରିବେ । ଏହା ବ୍ୟତୀତ, ଯେଉଁମାନେ ନୂତନ ଭାବେ ଅଭିଯୋଗ ପଞ୍ଜିକରଣ କରିବାକୁ ଚାହୁଁଛନ୍ତି, ସେମାନେ ମଧ୍ୟ ଶିବିରରେ ଉପସ୍ଥିତ ରହି ଦରଖାସ୍ତ ପ୍ରଦାନ କରିବାକୁ ରାଜ୍ୟ ମହିଳା ଆୟୋଗଙ୍କ ଆବାହକ ସଚିବ ଅନୁରୋଧ କରିଛନ୍ତି ।

# ରୋଗୀ ମୃତ୍ୟୁ ଘଟଣାରେ ଜିଲ୍ଲାପାଳଙ୍କ ତଦନ୍ତ : ଥାନାରେ ମାମଲା ରୁଜୁ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ସହରର ଆଶା ନର୍ସିଂ ହୋମ ଠାରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଗତକାଲି ତରଭା ସହରର ମହାବୀର ଅଗ୍ରୱାଲ(୪୩)ଙ୍କ ମୃତ୍ୟୁ ଘଟଣାର ଆଜି ସନ୍ଧ୍ୟାରେ ତଦନ୍ତ ଆରମ୍ଭ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ । ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପହଞ୍ଚି ମେଡିକାଲ ପରିଦର୍ଶନ କରି ପଞ୍ଜୀକରଣ କାଉଣ୍ଟରରେ ବସି କର୍ମଚାରୀଙ୍କୁ ପଚାରି ବୁଝିବା ପରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ୍ ଅଧିକ୍ଷକଙ୍କ ସହ ଆଲୋଚନା କରି ଶ୍ରୀ ଅଗ୍ରୱାଲଙ୍କ ଚିକିତ୍ସାର ସମସ୍ତ ତଥ୍ୟ ବୁଝିଥିଲେ । ମୁଖ୍ୟ ଚିକିତ୍ସାଳୟରୁ ରେଫର୍ କରି ସ୍ଥାନୀୟ ଆଶା ନର୍ସିଂ ହୋମରେ ନେଇ ଚିକିତ୍ସା କରିଥିବା ଉଭୟ ଡାକ୍ତର ହଠାତ୍ ଛୁଟିରେ ପଳେଇ ଥିବାରୁ ଏଥିରୁ ତାଙ୍କର ତ୍ରୁଟିପୂର୍ଣ୍ଣ ଚିକିତ୍ସାର ଗନ୍ଧ ବାରି ହେଉଛି ବୋଲି ବିସ୍ମିତ ହୋଇଥିଲେ । ଏହି ସବୁ ଘଟଣା ବିଷୟ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ । ପରେ ସେଠାରୁ ତୁରନ୍ତ ଘରୋଇ ଆଶା ନର୍ସିଂ ହୋମକୁ ପରିଦର୍ଶନ କରି ଶ୍ରୀ ଅଗ୍ରୱାଲଙ୍କ ଚିକିତ୍ସା ବିଷୟରେ ବିଭିନ୍ନ ପ୍ରଶ୍ନ ସହ ତଦନ୍ତ କରିଥିଲେ । ଏବଂ ତ୍ରୁଟି ପୂର୍ଣ୍ଣ ଚିକିତ୍ସାରେ ସାମିଲ୍ ଥିବା ଡାକ୍ତର ଓ ନର୍ସିଂ ହୋମ ମାଲିକଙ୍କ ଉପରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡ଼. ସାହୁ କହିଥିଲେ । ସେପଟେ ଏହି ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସୂଚନାରୁ ପ୍ରକାଶ ଯେ ତରଭା ସହରର ମହାବୀର ଅଗ୍ରୱାଲ (୪୩) ବୀରମହାରାଜପୁର ସ୍ଥିତ ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟରୁ ନିଜ ଚକ୍ଷୁ ପରୀକ୍ଷା କରି ବାଇକରେ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ବୁଢ଼ାରଜା ଛକରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗି ଗୁରୁତର ହୋଇଥିଲେ । ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ହେଲେ ସେଠାରେ ଚିକିତ୍ସା କରୁଥିବା ଡାକ୍ତର ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କୃତ୍ତିବାସ ସୁବୁଦ୍ଧି ଏହି ସରକାରୀ ଡାକ୍ତରଖାନାରେ କୌଣସି ସୁବିଧା ନାହିଁ । ତୁମେ ତୁରନ୍ତ ଆଶା ନର୍ସିଂ ହୋମକୁ ନେଇଯାଅ ବୋଲି କହିଥିବା ମୃତକଙ୍କ ବଡ଼ଭାଇ ସୁଦର୍ଶନ ଅଗ୍ରୱାଲ ଅଭିଯୋଗ କରିଛନ୍ତି । ପରେ ତୁରନ୍ତ ମହାବୀରଙ୍କୁ ଆଶା ନର୍ସିଂ ହୋମକୁ ନିଆଯାଇଥିଲା । ସେଠାରେ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସମ୍ବିତ ମହାନ୍ତି ଅପରାହ୍ନ ୩ ଟାରେ ଆସି ଭାଙ୍ଗି ଯାଇଥିବା ଗୋଡରେ ଅସ୍ତ୍ରୋପଚାର ପାଇଁ କିଛି ନିଶ୍ଚେତକ ଇଞ୍ଜେକ୍ସନ ଦେଇଥିଲେ । କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମହାବୀରଙ୍କ ଚେତା ଫେରି ନ ଥିଲା । କିନ୍ତୁ ପରିବାର ଲୋକେ ପଚାରିବାରୁ ୩/୪ ଘଣ୍ଟା ପରେ ଚେତା ଫେରିବ ତୁମେ ତୁରନ୍ତ ବଲାଙ୍ଗିର ବଡ଼ ଡାକ୍ତରଖାନା ଆଇସିୟୁକୁ ନେଇଯାଅ ବୋଲି ଡାକ୍ତର କହିଥିଲେ । ପରିବାର ଲୋକେ ଭୀମଭୋଇ ମେଡିକାଲକୁ ନେବା ବେଳକୁ ସେଠାରେ ମହାବୀରଙ୍କ ପ୍ରାଣବାୟୁ ଉଡ଼ି ଯାଇଥିବା ଦେଖିଥିବା ବନ୍ଧୁ, ପରିଜନ କହିଥିଲେ । ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଭାଇଙ୍କ ଜୀବନ ଚାଲିଯାଇଥିବା ଜଣାପଡ଼ିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରିବାର ଲୋକେ ପୁଣି ଶବକୁ ସେଠାରୁ ଫେରାଇ ଆଣି ଆଶା ନର୍ସିଂ ହୋମକୁ ଯାଇ ହୋ-ହଲ୍ଲା କରିଥିଲେ । ପରେ ଶବକୁ ଆମ୍ବୁଲାନ୍ସ ରେ ଧରି ସୋନପୁର ଥାନାକୁ ନେଇ ସେଠାରେ ଲିଖିତ ଅଭିଯୋଗ ପରେ ପୁଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହକୁ ପଠାଇ ଦେଇଥିଲେ । ଏ ନେଇ ଥାନାରେ ସମ୍ପୃକ୍ତ ଡାକ୍ତର ଓ ନର୍ସିଂ ହୋମ ମାଲିକଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଆଶା ନର୍ସିଂ ହୋମରେ ତଦନ୍ତ ପାଇଁ ମୁଖ୍ୟ ଡାକ୍ତର ଖାନାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ପୋଲିସ ପରବର୍ତ୍ତୀ ପଦକ୍ଷେପ ପାଇଁ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିବା ସୋନପୁର ଆଇଆଇସି ଯାଦବ ବାଗ କହିଛନ୍ତି ।

# ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣରେ ରାତ୍ରି ଜଗୁଆଳି ମୃତ, ମହିଳା ପ୍ରିନ୍ସପାଲ ଗୁରୁତର

**ବାରିପଦା, ନ୍ୟୁଜ ବ୍ୟୁରୋ**



ଶୁକ୍ରବାର ବିଳମ୍ବିତ ରାତିରେ ରକ୍ତାକ୍ତ ବିଟ୍ ବଜାର । ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣରେ ଜଣେ ମୃତ ଓ ଜଣେ ମହିଳା ଗୁରୁତର । ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ଛକ ନିକଟରେ । ମୃତକ ହେଲେ ବୈଶିଙ୍ଗା ଥାନା ଧନାପାଳ ଅଞ୍ଚଳର ସନ୍ୟାସୀ ଦାସ(୫୦) । ଗୁରୁତର ମହିଳା ହେଲେ କଳମାର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷୟତ୍ରୀ କାଦମ୍ବିନୀ ରାଉତ (୬୦) । ସୂଚନା ଅନୁସାରେ, ରାତ୍ରଜଗୁଆଳି ସନ୍ୟାସୀଙ୍କ ଦେହ ଅସୁସ୍ଥ ହେବାରୁ, ସେ ପ୍ରିନ୍ସପାଲଙ୍କ ସହ ବାଇକ୍‌ରେ କଳମାରେ ଥିବା ଶିକ୍ଷା କେନ୍ଦ୍ର ମାଲିକ ବା ଡା ବିଜୟ ରାଉତଙ୍କ କ୍ଲିନିକକୁ ଯାଉଥିଲେ । ମାତ୍ର ସ୍କୁଲ୍‌ରୁ ମାତ୍ର କିଛି ଦୂର ଏନଏଚ ୧୮ ପହଞ୍ଚିବା ପୂର୍ବରୁ କେହି ଦୁର୍ବୃତ୍ତ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ଏଥିରେ ୫୦ ବର୍ଷୀୟ ରାତ୍ରଜଗୁଆଳି ସନ୍ୟାସୀଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରିନ୍ସପାଲ କାଦମ୍ବିନୀ ରାଉତ ରକ୍ତ ଜଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ । ଖବର ପାଇ ବିଦ୍ୟାଳୟର ମାଲିକ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ମରଣାନ୍ତକ ଆକ୍ରମଣ ଘଟଣାରେ ବିଦ୍ୟାଳୟ ମାଲିକ ଡା ବିଜୟ ରାଉତଙ୍କ ଅଭିଯୋଗ କ୍ରମେ ବାଲେଶ୍ୱର ପୁଲିସ ଓ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି । ତେବେ ଏହି ବର୍ବର ଆକ୍ରମଣ ପଛର କାରଣ ଏବେ ବି ଅସ୍ପଷ୍ଟ ରହିଛି ।

# ଆଇଆଇସି ରାକେଶ କୁମାରଙ୍କୁ 'ଡିଜିପି ଡିସ୍କ ଆୱାର୍ଡ'

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ପୋଲିସ ପ୍ରଶାସନିକ କ୍ଷେତ୍ର ରେ ନିଜର ଉତ୍କୃଷ୍ଟ କାର୍ଯ୍ୟ, ସାହସିକତା, ତ୍ୟାଗ ଏବଂ ଅସାଧାରଣ ସେବା କାର୍ଯ୍ୟରେ ଦକ୍ଷତା ଅର୍ଜନ କରିଥିବା ଯାଜପୁର ଜିଲ୍ଲାର ଜଣେ ଦକ୍ଷ୍ୟ ପୋଲିସ ଅଧିକାରୀ ତଥା ଅନନ୍ୟ ପ୍ରତିଭା ତଥା କୋରେଇ ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଆସନ୍ତା ଉତ୍କଳ ଦିବସ ଅବସରରେ ରାଜ୍ୟ ପୋଲିସ ମୁଖ୍ୟାଳୟ କାର୍ଯ୍ୟ ଠାରେ ପୋଲିସ ମହା ନିର୍ଦ୍ଦେଶକଙ୍କ ଠାରୁ ଡିଜିପି ଡିସ୍କ ଆୱାର୍ଡ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ନିଜ କାର୍ଯ୍ୟକାଳ ଭିତରେ ଉଲ୍ଲେଖନୀୟ ପ୍ରଦର୍ଶନ, ଶୃଙ୍ଖଳା ଓ ସମର୍ପଣକୁ ମାନ୍ୟତା ଦେବା ଥିବାରୁ ଏହି ରାଜ୍ୟ ସ୍ତରୀୟ ପୁରସ୍କାର ଶ୍ରୀ ତ୍ରିପାଠୀଙ୍କୁ ଦେବାପାଇଁ ସ୍ଥିର କରାଯାଇଅଛି । ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ଥାନା ଅନ୍ତର୍ଗତ ବାଲିପୋଖରୀ ଗ୍ରାମର ପିତା ସ୍ୱର୍ଗତ ଶରତ ଚନ୍ଦ୍ର ତ୍ରିପାଠୀ ଓ ମାତା ରୁକ୍ମିଣୀ ତ୍ରିପାଠୀଙ୍କ ପୁତ୍ର ରାକେଶ ତ୍ରିପାଠୀ ୨୦୦୯ ମସିହା ରେ ପୋଲିସ ସବ ଇନ୍ସପେକ୍ଟର ଭାବେ ନିଯୁକ୍ତି ପାଇଥିବା ବେଳେ ପ୍ରଥମେ କୋରାପୁଟ ଜିଲ୍ଲାରୁ ନିଜର ଚାକିରୀ ଜୀବନ ଆରମ୍ଭ କରି ୨୦୧୭ ମସିହାରେ ଇନସେପ୍ଟର ଭାବେ ପଦୋନ୍ନତି ପାଇଥିଲେ । ବିଭିନ୍ନ ଜିଲ୍ଲାରେ ସଫଳତାର କାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ଯାଜପୁର ଜିଲ୍ଲାରେ ଜଣେ ଦକ୍ଷ୍ୟ ଓ ସଚୋଟ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି ।ସାତ ଗୋଟି ସେଣ୍ଟ୍ରାଲ ରେଞ୍ଜ ଭିତରେ ଯାଜପୁର ଜିଲ୍ଲାର ଆଇଆଇସି ରାକେଶ ତ୍ରିପାଠୀଙ୍କୁ ଏହି ସ୍ୱତନ୍ତ୍ର ମେଡାଲ ଓ ପ୍ରଶଂସା ପତ୍ର ମିଳିବା ସହିତ ତାଙ୍କ ନାମ ରାଜ୍ୟର ସମସ୍ତ ପୁରସ୍କାର ପ୍ରାପ୍ତ କର୍ମଚାରୀଙ୍କ ସର୍ଭିସ ବୁକରେ ନାମ ଉଲ୍ଲେଖ କରାଯିବା ହେତୁ ଯାଜପୁର, ନିଜ ଜନ୍ମସ୍ଥାନ ଭଦ୍ରକ ଓ ରାଜ୍ୟ ପାଇଁ ପ୍ରଶଂସାର ପାତ୍ର ହୋଇଥିବା ଦେଖିବାକୁ ମିଳୁଛି । ଚଳିତ ମାସ ୧୮ ତାରିଖରେ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରୁ ୧୫୯୩/୨୬ ସିରିଏଲ ନମ୍ବରରେ ରାକେଶ ତ୍ରିପାଠୀଙ୍କୁ ଏପ୍ରିଲ ଏକ୍ରେ ପୋଲିସ ମହାନିର୍ଦ୍ଦେଶକଙ୍କ ଠାରୁ ସଂମ୍ମାନିତ କରାଯିବାର ଖବର ପ୍ରକାଶ ପାଇବା ପରେ ଅନେକ ବୁଦ୍ଧିଜୀବୀ ଓ ଜନସାଧାରଣ ତାଙ୍କୁ ଅଗ୍ରିମ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସୋସିଆଲ ମିଡ଼ିଆରେ ତାଙ୍କୁ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୨୩।୦୩।୨୦୨୬, ଚୈତ୍ର ଦି୯ନ, ସୋମବାର**

**ସୂର୍ଯ୍ୟୋଦୟ– ଘ ୫।୫୧।୨୭** **ଚନ୍ଦ୍ରୋଦୟ– ଦିଘ ୮।୪୧।୨୨**

**ପଞ୍ଚମୀ–** ସଂଘ ୬।୪୦ ପର୍ଯ୍ୟନ୍ତ । କୃତ୍ତିକା ନକ୍ଷତ୍ର ରାଘ ୮।୫୦ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର–** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି–** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର–** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ–** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–** ବେଲ ଓ ପଣସ ସଂଘ ୬।୪୦ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା–** ପ୍ରାଘ ୫।୫୪ ଗତେ ଦିଘ ୭।୪୫ ମଧ୍ୟେ । ଦିଘ ୪।୨୫ ଗତେ ଦିଘ ୫।୫୦ ପର୍ଯ୍ୟନ୍ତ । **ପର୍ବୋତ୍ସବ–** ପୀଠେ ବାସନ୍ତିକ ଷଷ୍ଠୀ ପୂଜା ।



**ମେଷ:** ବ୍ୟକୁଳିତ ହେବେ । ତଥାପି କୌଣସି କାର୍ଯ୍ୟ କରିବା କଷ୍ଟସାଧ । ପରିବାରରେ ଅଯଥା ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ । ଆୟ ଓ ବ୍ୟୟ ସମାନ ରହିବ । ଦୂର ଯାତ୍ରା କରିପାରନ୍ତି ।



**ବୃଷ:** ପର ଉପକାର କରି ଆନନ୍ଦିତ ଅନୁଭବ କରିବେ । ବହୁଳେ ପ୍ରଶଂସିତ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କୌଣସି ନୂତନ କାର୍ଯ୍ୟରେ ମନ ନିବେଶ ଲରିବେ । ଗୃହେ ଶାନ୍ତି ଲାଭ ।



**ମିଥୁନ:** ମନରେ ସରସତା ଆସିବ । କିନ୍ତୁ ଅପରାହ୍ନେ ଦୁଶ୍ଚିନ୍ତାର ପରିମାଣ ବଢ଼ିବ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ରହିବ । ଦେହ ଭଲ ରହିବ । ପରିବାରରେ ସୁଖ ଶାନ୍ତି ମିଳିବ । ଦେହ ଭଲ ରହିବ ।



**କର୍କଟ:** ପାରିବାରିକ ସୁଖ ଶାନ୍ତି ଲାଭ କରିବେ । ଦୂରଯାତ୍ରା କରିପାରନ୍ତି । ଆମୋଦ ପ୍ରମୋଦ ମଧ୍ୟରେ ଦିନଟି କଟିବ । ଆୟ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବାର ସୂଚନା । ବନ୍ଧୁ ଦର୍ଶନ ।



**ସିଂହ:** କର୍ମକ୍ଷେତ୍ରରେ ସହଯୋଗ ଲାଭ କରିବେ । ବାକିଥିବା କାର୍ଯ୍ୟରେ ଅଗ୍ରଗତି ଦେଖାଦେବ । ସର୍ବଦା କର୍ମଚଞ୍ଚଳ ରହିବେ । ରୋଜଗାର ବଢିବ । ଘରେ ସମସ୍ତେ ଖୁସିରେ ରହିବେ । ମହିଳାମାନେ ସୁଖୀ ହେବେ ।



**କନ୍ୟା:** ହିସାବପତ୍ର କାମରେ ନିଜକୁ ନିୟୋଜିତ କରିବେ। ପଠନ ଲିଖନ ପରି ପରିସ୍ଥିତି ସୃଷ୍ଟି ହେବ । ପାରିବାରିକ ସହଯୋଗ ମିଳିବ । ଆୟରେ ଅଗ୍ରଗତି ହେବ । ବନ୍ଧୁ ସହଯୋଗ ମଧ୍ୟ ପ୍ରାପ୍ତ ହେବ ।



**ତୁଳା:** ସମସ୍ତଙ୍କ ପ୍ରିୟପାତ୍ର ହେବେ । ପ୍ରଶଂସା ଲାଭ ହେବ । ପାରିବାରିକ ସହଯୋଗ ମିଳିବ । ରୋଜଗାର ଭଲ ହେବ । ପରିଶ୍ରମ କଷ୍ଟ ଅଧିକ ହେଲେ ବି ପ୍ରାଧାନ୍ୟତା ବୃଦ୍ଧି ପାଇବ । ମନ ଖୁସି ରହିବ ।



**ବିଛା:** ପାରିବାରିକ ଜଞ୍ଜାଳ ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ମନରେ ବିରକ୍ତି ପ୍ରକାଶ ପାଇବା ଦୁଶ୍ଚିନ୍ତା ବଢିବାର ସୂଚନା । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଶରୀର ଅସୁସ୍ଥ ରହିବ ।



**ଧନୁ:** ମନୋବଳ ଦୃଢ ହେବ । ସବୁ କଥାକୁ ଆଗ୍ରହ ସହକାରେ କରିବେ । ଆୟ ଭଲ ହେବ । ଘରୋଇ ସହଯୋଗ ବୃଦ୍ଧି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । କଥାର ମୂଲ୍ୟ ବଢିବା ଦେହ ଭଲ ରହିବ ।



**ମକର:** ଆଜି ଆପଣ ଜଗି ରଖି ଚଳିବେ । ନଚେତ୍ ସମ୍ମାନ ହାନି ଘଟିପାରେ । ସହକର୍ମୀ ସହଯୋଗ କରିବେ । ଅୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଆସ୍ୱସ୍ତି ଲାଭ ହେବା ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କର୍ମକ୍ଷେତ୍ରରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ । ଗୃହେ ଖୁସିର ବାତାବରଣ ଦେଖାଦେବ ।



**ମୀନ:** କର୍ମକ୍ଷେତ୍ରରେ ପରିଶ୍ରମର ପରିମାଣ ବୃଦ୍ଧି ହେବ । ଆଶାନୁରୂପ ଫଳ ମିଳିବ ନାହିଁ । ପାରିବାରିକ ଶାନ୍ତି ଲାଭ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀହେବେ । ଦେହ ଭଲ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୨୪।୦୩।୨୦୨୬, ଚୈତ୍ରଦି୧୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ– ଘ୫।୪୯।୩୫** **ଚନ୍ଦ୍ରୋଦୟ–ଦିଘ୯।୩୮।୪୧**

**ଷଷ୍ଠୀ–** ଦିଘ୪।୧୧ପର୍ଯ୍ୟନ୍ତ । ରୋହିଣୀନକ୍ଷତ୍ର ସଂଘ୭।୦୮ପର୍ଯ୍ୟନ୍ତ **ବୃଷଚନ୍ଦ୍ର– ଅହୋରାତ୍ର । ଚନ୍ଦ୍ରଶୁଦ୍ଧି–**ମେଷ,ବୃଷ,କର୍କଟ,ସିଂହ,କନ୍ୟା,ଧନୁ,ମକର ଓ ମୀନ ରାଶିର **ଘାତ ଚନ୍ଦ୍ର–**ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ–**ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–**ନିମ୍ବ ଦିଘ୪।୧୧ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା–** ପ୍ରାଘ ୮।୫୬ ଗତେ ଦିଘ ୧୦।୪୩ ମଧ୍ୟେ ଦିଘ୫।୨୬ଗତେ ଦିଘ୫।୦୮ ମଧ୍ୟେ । ପର୍ବୋତ୍ସବ–ଚୈତ୍ର ମଙ୍ଗଳବାର ଓଷା

ପ୍ରଭାତୀୟ
32 YEARS
ସମ୍ବାଦ କଳିକା

# ମହଙ୍ଗା ହେବ ପେଟ୍ରୋଲ ଓ ଡିଜେଲ

**ଇ**ରାନ ପକ୍ଷରୁ ବିଭିନ୍ନ ଉପସାଗରୀୟ ଦେଶଗୁଡ଼ିକରେ ତୈଳ ଏବଂ ଗ୍ୟାସ ଠିକଣାରେ ନୂଆ ଆକ୍ରମଣ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ ଦରରେ ୩୦% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି । ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତରେ କ୍ରୁଡ୍ ଦର ପ୍ରାୟ ଦୁଇଗୁଣା ହୋଇ ୧୪୬ ଡଲାରରେ ପହଞ୍ଚିଯାଇଛି, ଯାହାକି ଯୁଦ୍ଧ ପୂର୍ବରୁ ଥିଲା ୭୧ ଡଲାର । ଅନ୍ତର୍ଜାତୀୟ ବେଞ୍ଚମାର୍କ ବ୍ରେଣ୍ଟ କ୍ରୁଡ୍ ଦର ୭୩ ଡଲାର ତଳେ ଥିଲା । ଏହା ଏବେ ୧୨୦ ଡଲାର ମୁହାଁ । ଏସବୁ ମଧ୍ୟରେ ଆଗକୁ ଭାରତରେ ଗ୍ୟାସ ସିଲିଣ୍ଡର ଏବଂ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ଥୟ । ନିର୍ବାଚନର ତୁରନ୍ତ ବାଦ ମହଙ୍ଗା ହୋଇପାରେ ଇନ୍ଧନ । ଲିଟର ପିଛା ଡିଜେଲ ବିକ୍ରିରେ ୪୦ ଟଙ୍କା ଏବଂ ପେଟ୍ରୋଲ ବିକ୍ରିରେ ୨୦ ଟଙ୍କା କ୍ଷତି ସହୁଛନ୍ତି ତୈଳ କମ୍ପାନୀ । ଅଶୋଧିତ ତୈଳ ଯୋଗାଣ ବଡ଼ ଆକାରରେ ବାଧା ପାଇଛି । ସରକାର ଯେତେ ବୁଝାଇଲେ ବି ଷ୍ଟକ ସରିବା ପାଇଁ ବେଶି ଦିନ ଲାଗିବ ନାହିଁ । କାରଣ ଯୋଗାଣ କମିଯାଇଛି । ଆମେରିକା ଏବଂ ଚୀନ୍ ଭଳି ରାଷ୍ଟ୍ର ନିଜ ନିଜର ତୈଳ ଭଣ୍ଡାର ଭର୍ତ୍ତି କରିଚାଲିଛନ୍ତି । ନିଜ ରଣନୈତିକ ତୈଳ ଭଣ୍ଡାରରୁ ଭାରତ ବଜାରକୁ ତୈଳ ଛାଡ଼ିପାରିବ ନାହିଁ । ଏଭଳି ସ୍ଥିତିରେ ତୈଳ ଅଭାବ ପରିସ୍ଥିତିର ସାମ୍ନା କରିବା ପାଇଁ କମର୍ସିଆଲ ଗ୍ୟାସ ଭଳି ତୈଳ ବ୍ୟବହାର ଉପରେ ବି କଟକଣା ଲାଗିପାରେ । କାରଣ କେତେକ ରାଜ୍ୟରେ ନିର୍ବାଚନ ଥିବାରୁ ବର୍ତ୍ତମାନ ପାଇଁ ଦର ବଢ଼ିବ ନାହିଁ । ଅବଶ୍ୟ କମ୍ପାନୀଗୁଡ଼ିକର ବୋଝକୁ କମାଇବା ପାଇଁ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କରେ ୧୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରିପାରନ୍ତି । ଏହା କହିଛନ୍ତି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ, ଓଡ଼ିଶାର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ । ତେବେ ନିର୍ବାଚନ ପରେ ଯଦି ଅନ୍ତର୍ଜାତୀୟ ସ୍ଥିତି ବର୍ତ୍ତମାନ ଭଳି ରୁହେ ତେବେ ବର୍ତ୍ତମାନ ଦରରେ ପେଟ୍ରୋଲ ଓ ଡିଜେଲ ବିକ୍ରି କରିବା ତୈଳ କମ୍ପାନୀଙ୍କ ପାଇଁ କଠିନ ହେବ । ଏଭଳି ପରିସ୍ଥିତିରେ ଖାଉଟିଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲ ଦର ୧୦ ରୁ ୧୫ ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ । ଏହାସହିତ ଏଲପିଜି ଦର ବି ବଢ଼ିପାରେ । ଖାଦ୍ୟ ସାମଗ୍ରୀ ମହଙ୍ଗା ହେବ । ଅଶୋଧିତ ତୈଳରୁ କେବଳ ପେଟ୍ରୋଲ ଏବଂ ଡିଜେଲ ପ୍ରସ୍ତୁତ ହୋଇ ନ ଥାଏ ବରଂ ପେଣ୍ଟ, ପ୍ଲାଷ୍ଟିକ, ସାର ଏବଂ ଔଷଧର କଞ୍ଚାମାଲ ବି ହୋଇଥାଏ । ଡିଜେଲ ମହଙ୍ଗା ହେବା ଦ୍ୱାରା ମାଲ ପରିବହନ ମହଙ୍ଗା ହେବ, ଯାହାଦ୍ୱାରା ଫଳ, ପନିପରିବା ଏବଂ ଶସ୍ୟ ଆଦି ଦାମ ବଢ଼ିବ । ଆମ୍ ଆଦମୀଙ୍କ ବଜେଟ ବିଗିଡ଼ିବ । ବର୍ତ୍ତମାନ ପାଇଁ ପେଟ୍ରୋଲ ଏବଂ ଡିଜେଲ ଉପରେ ହେଉଥିବା କ୍ଷତିକୁ ସମ୍ଭାଳିବା ପାଇଁ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ପାଖରେ ପର୍ଯ୍ୟାପ୍ତ ଲାଭ ରହିଛି । କିନ୍ତୁ ଆଗକୁ ଅଙ୍କ କାମ କରି ନ ପାରେ । ନିର୍ବାଚନ ପରେ ଯଦି ସମାନ ସ୍ଥିତ ରୁହେ ତେବେ ଖାଉଟିଙ୍କ ଉପରେ ବୋଝ ପକାଯାଇପାରେ । ପେଟ୍ରୋଲ ଏବଂ ଡିଜେଲ ଦର ୧୫ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ । ବର୍ତ୍ତମାନ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୨୧.୯୦ ଟଙ୍କା ଏବଂ ୧୭.୮୦ ଟଙ୍କାର ଉତ୍ପାଦ ଶୁଳ୍କ ଲାଗୁଛି । ସେହିଭଳି ଉଭୟ ଇନ୍ଧନ ଉପରେ ରାଜ୍ୟ ଭାଟ ରହିଛି ଯଥାକ୍ରମେ ୨୧.୨୮ ଟଙ୍କା ଏବଂ ୧୭.୪୬ ଟଙ୍କା ।



ଶ୍ରୀମଦ୍ ବାବା
ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

### ଦ୍ୱିତୀୟ ଅଧ୍ୟାୟ

### ଭକ୍ତର ଲକ୍ଷଣ

**କ**ଷ୍ଟ ନଜଲେ କୃଷ୍ଣ ଲାଭ ହୁଏନା । ଗୋଟିଏ ଶିଶୁ ନ ଖଟିଲେ ପାଏ । କାରଣ ସେ ଜାଣେ – 'ମା' ତାର ସବୁ । ତାର ଯାହା ଦରକାର 'ମା' ଆଣିଦେବ । ତେଣୁ ସେ 'ମା' ବ୍ୟତୀତ ଆଉ କିଛି ଜାଣେ ନାହିଁ । ତାକୁ ନିଜ ପାଇଁ କିଛି ଭାବିବାକୁ ପଡେ ନାହିଁ । ଧର୍ମ ଜୀବନରେ ଠିକ ଶିଶୁର ମନ ଓ ଶିଶୁ ପ୍ରାଣ ଦରକାର । ଶିଶୁକୁ ଯେତେବେଳେ କ୍ଷୁଧା ଲାଗେ ସେ କାନ୍ଦେ । ସେତେବେଳେ ମା' ତାକୁ ଆପେ କୋଳକୁ ନେଇ କ୍ଷୀର ପାନ କରାଏ । ଭକ୍ତ ସେହିପରି ଭକ୍ତି ଲାଭର ପିପାସାରେ ବ୍ୟାକୁଳ ହୋଇ ପ୍ରାର୍ଥନା କରି କାନ୍ଦିଲେ ଭଗବାନ ତା କଥା ଶୁଣନ୍ତି । ସେଥିଲାଗି କୁହାଯାଏ ଯେ, ଭକ୍ତର ଲକ୍ଷଣ ଶିଶୁଭଳି ।

# ଅଧଶହ ବର୍ଷର ଓଡ଼ିଶା ଓ ଗୋଦାବରୀଶ ମିଶ୍ର (୨)

## ପ୍ରଥମ ପ୍ରକାଶିତ ଉତ୍ତାରୁ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

**ଗୋ**ଦାବରୀଶଙ୍କ ନିଜ ପାଠପଢ଼ା ଜୀବନର କଥା। ତହିଁରୁ ସେକାଳର ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ମିଳେ। ସେ ସମୟରେ ନିମ୍ନ ପ୍ରାଥମିକ ପରୀକ୍ଷା ପୂରାପୂରି ମୌଖିକ। ଉଚ୍ଚ ପ୍ରାଥମିକ ପରୀକ୍ଷା ଆଂଶିକ ମୌଖିକ। ମଧ୍ୟ ପରୀକ୍ଷା ବେଳକୁ ତାହା ଲିଖିତ ରୂପ ନେଲା। ସବ୍‌ଡିଭିଜନ୍‌ରେ ଥିବା ଉଚ୍ଚ ବିଦ୍ୟାଳୟମାନଙ୍କରେ ସମୟ କ୍ରମେ ପ୍ରବେଶିକା ପରୀକ୍ଷା କେନ୍ଦ୍ର ହେଲାଣି। ଏକଦା ଛବିଶ ଗଡ଼ଜାତ ରାଜ୍ୟ ସମେତ ସାରା ଓଡ଼ିଶାର ପ୍ରବେଶିକା ପରୀକ୍ଷା ନିମନ୍ତେ ଏକମାତ୍ର କେନ୍ଦ୍ର ଥାଏ କଟକର ରେଭେନ୍‌ସା କଲେଜ। ସମଗ୍ର ଓଡ଼ିଶାରେ ପାଞ୍ଚ ଶହରୁ ଅଧିକ ମାଇନର ସ୍କୁଲ୍ ଥାଏ। ବୋଧହୁଏ ପ୍ରତି ସବ୍‌ଡିଭିଜନ୍‌ରେ ଗୋଟିଏ କରି ମାଇନର ସ୍କୁଲ୍ ଥିବ, ବାକି ପ୍ରତ୍ୟେକ ଥାନାରେ ଗୋଟିଏ ଗୋଟିଏ ମଧ୍ୟ ଓଡ଼ିଆ ବିଦ୍ୟାଳୟ ଥାଏ। ଏଥିରୁ ଉତ୍ତୀର୍ଣ୍ଣ ହେଲେ ଉଚ୍ଚ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ଦେବାର ବ୍ୟବସ୍ଥା ଥିବା ଗୋଦାବରୀଶ ଉଲ୍ଲେଖ କରିଛନ୍ତି।

୧୯୦୬ ମସିହା କଥା। ଗୋଦାବରୀଶ ପ୍ରବେଶିକା ପରୀକ୍ଷା ଦେବା ପାଇଁ ପୁରୀରୁ କଟକ ଗଲେ। ସେ ଯେଉଁ ବସାରେ ରହିଲେ, ସେଠାରେ ଆଗରୁ ଜଣେ ସହରୀ ପରୀକ୍ଷାର୍ଥୀ ଥିଲେ। ସେ ବେଶ୍ ଠଉରେଇ ନେଲେ ଗୋଦାବରୀଶଙ୍କ ମଫସଲୀ ଠାଣି ମାଣି। ସହରୀ ପିଲାଟି ତାଙ୍କୁ ନାମ ପଚାରିଲା। ଗୋଦାବରୀଶଙ୍କ ଉତ୍ତର ଶୁଣି ତାଚ୍ଛଲ୍ୟ କଲା। 'ଗୋଦାବରୀଶ', 'କୁଆଖାରଶ' ନାମ କାହିଁ ନ ହେଲା ? ଏତକ କହି ଠୋ ଠୋ ହସିଲା। ଗୋଦାବରୀଶଙ୍କ କଲିଜା ପାଣି ଫାଟିଗଲା। ସେଦିନର ଅନୁଭୂତିକୁ ସେ ଲେଖିଲେ, "ଏବେ ମଧ୍ୟ ବୋଧହୁଏ ମଫସଲୀ ପିଲାଙ୍କୁ ସହରୀ ପିଲାମାନେ ପ୍ରଥମ ଦେଖାରେ ସେହିପରି ରୀତିରେ ଚମକାଉ ଥିବେ।" ତାଙ୍କ ଅନୁମାନ ସମ୍ପୂର୍ଣ୍ଣ ସତ୍ୟ। ଏବେ ଖାଲି କଥାରେ ନୁହେଁ, ସାଣ୍ଡୁଣା ଶିକ୍ଷା ନାଁରେ ବଡ଼ ଶ୍ରେଣୀର ପିଲା ସାନମାନଙ୍କୁ ନିର୍ଯ୍ୟାତନା ଦିଅନ୍ତି। ତାହା ରେଗିଂ। ଇଞ୍ଜିନିୟରିଂ, ମେଡ଼ିକାଲ କଲେଜରେ ଏହା ମାତ୍ରାଧିକ। ବହୁ ମଫସଲୀ ପିଲା ନାଁ ଲେଖାଇ ଦେଇ ଡରରେ ଘରେ ରହନ୍ତି ଅବା ବନ୍ଧୁବାନ୍ଧବ ଘରେ। କ୍ରମେ ଏଇ ରେଗିଂ ବ୍ୟାଧି ଅସମ୍ଭାଳ ହେଲା, ଶେଷରେ ମାନ୍ୟବର ଅଦାଲତ ମୁଣ୍ଡ ପୂରାଇଲେ। ରେଗିଂ ପାଇଁ କଠୋର ଶାସ୍ତି ବିଧାନର ବ୍ୟବସ୍ଥା ହେଲା। ଅନେକାଂଶରେ ଏହାର ସୁଫଳ ମିଳିଲା। ହେଲେ ଏଯାବତ୍ ସମ୍ପୂର୍ଣ୍ଣ ବନ୍ଦ ହୋଇପାରିନି। ଶିକ୍ଷାକ୍ଷେତ୍ରରେ ସୃଷ୍ଟ ଏଇ ଭୟଙ୍କର ଦୁରବସ୍ଥାକୁ ସେବେଠାରୁ ଆକଳନ କରି ନେଇଥିଲେ ସ୍ରଷ୍ଟା ଗୋଦାବରୀଶ।

ଯେଉଁ ବର୍ଷ ଗୋଦାବରୀଶ ମଧ୍ୟ-ଓଡ଼ିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ, ସେହି ବର୍ଷ ବାଣପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଇଂରାଜୀ ପଢ଼ା ଆରମ୍ଭ ହେଲା। ଇଂରାଜୀ ମାଷ୍ଟ୍ରେ ପ୍ରଧାନଶିକ୍ଷକ, ତାଙ୍କ ଦରମା ମାସିକ ୧୫ ଟଙ୍କା। ମଧ୍ୟବିଦ୍ୟାଳୟ ପ୍ରଧାନ ପଣ୍ଡିତଙ୍କ ବେତନହାର ୧୨ ଟଙ୍କା। ସେଇ ବେତନରେ ସେମାନେ ଭଲ ଚଳୁଥିଲେ। କଟକୀ ସେରରେ ଚାଉଳ ସେର ଭାଉ ତିନି ପଇସା, ଦୁଧ ସେରକୁ ଅଣାଏ, ମାଛ ସେର ପାଞ୍ଚ ପଇସା। ପ୍ରଧାନ ପଣ୍ଡିତ ବେତନ ପାଉଥିଲେ ଜିଲ୍ଲାବୋର୍ଡ଼ରୁ। ପ୍ରଧାନଶିକ୍ଷକଙ୍କ ଦରମା ଚାନ୍ଦା ଆଦାୟରୁ। କ୍ରମେ ଚାନ୍ଦା ଅଭିଭାବକମାନେ ଦେଲେନି। ଏହାର ମୁଖ୍ୟ କାରଣଟି ଅତି ସ୍ପଷ୍ଟ। ଲୋକଙ୍କର ଇଂରାଜୀ ଭାଷା ପ୍ରତିଥିବା ଘୃଣା ସେପର୍ଯ୍ୟନ୍ତ କମିନଥିଲା। ଫଳରେ ମଧ୍ୟ ଇଂରାଜୀ ବିଦ୍ୟାଳୟଟି ଦେଖିଲାନି ପ୍ରଭାତ, ମଧ୍ୟାହ୍ନ ଆଦି ଦିବସର ବିଭିନ୍ନ ସମୟ। କ୍ରମେ ପ୍ରଦୋଷରେ ପରିଣତ ହେଲା। ଉତ୍ସାହର କୁଟା ନିଆଁ ହୁ ହୁ ଜଳି କ୍ରମେ ଲିଭିଗଲା। ବର୍ତ୍ତମାନର ବାଣପୁରରେ ଯେଉଁ ମଧ୍ୟ ଇଂରାଜୀ ବିଦ୍ୟାଳୟଟି ଅଛି ତାହା ସ୍ଥାପିତ ହେଲା ୧୯୧୫ ମସିହାରେ। ଶିକ୍ଷକ ନିର୍ବାଚନ ଭାର ପୁରୀ ଜିଲ୍ଲା ବୋର୍ଡ଼ ପକ୍ଷରୁ ଗୋଦାବରୀଶଙ୍କ ଉପରେ ନ୍ୟସ୍ତ ଥିଲା। ଭୁବନେଶ୍ୱରର ନିଷ୍ଠାପର, ନିରଳସ କର୍ମୀ ପଣ୍ଡିତ ରଘୁନାଥ ମହାପାତ୍ର ପ୍ରଧାନ ଶିକ୍ଷକ ପଦରେ ରହିଲେ। ସେତେବେଳେ ଓଡ଼ିଶାରେ ଏକମାତ୍ର ଖବରକାଗଜ 'ଉତ୍କଳ ଦୀପିକା'। ଏହାର ପ୍ରଚାର ପ୍ରସାର ସମ୍ପର୍କରେ ଗୋଦାବରୀଶ ସମ୍ପୂର୍ଣ୍ଣ ଅବଗତ ନଥିଲେ। ବାଣପୁର ଥାନା ଭିତରକୁ ଖଣ୍ଡିଏ ମାତ୍ର ଯାଏ। ଏହାକୁ ଖଜୁରିଆ ଗ୍ରାମର ଜଣେ ନେଉଥିଲେ। ସେ ଗାଁଟି ବାଣପୁର ଠାରୁ ୮ ମାଇଲ ଦୂର। ଲେଖକ ସେଇ ଗାଁକୁ ଯାଇ 'ଉତ୍କଳ ଦୀପିକା'ରୁ ନିଜ ପରୀକ୍ଷା ଫଳ ଜାଣୁଥିଲେ। ପରବର୍ତ୍ତୀ ସମୟରେ ଦୈନିକ 'ସମାଜ' ପ୍ରାୟ ଶହେଖଣ୍ଡ, ସରକାରୀ ପ୍ରଜାତନ୍ତ୍ର ପ୍ରାୟ ୮ ଖଣ୍ଡ ବାଣପୁରରେ ପ୍ରତ୍ୟହ କଟିଲା। ଏଗୁଡ଼ିକରେ ସମ୍ବାଦ ପରିବେଷଣ କରାଯାଉଥିଲା। ଏଥି ସହିତ ଶିକ୍ଷା, ସାହିତ୍ୟ, ସଂସ୍କୃତି; ବିଶେଷ କରି ଜାତୀୟତାବାଦୀ ଚିନ୍ତନ ସମ୍ବଳିତ ଲେଖାମାନ ବି ପ୍ରକାଶ ପାଉଥିଲା। ଓଡ଼ିଆର ସ୍ୱାର୍ଥରକ୍ଷା ଏ ସବୁ କାଗଜର ମୂଳ ଲକ୍ଷ୍ୟ ଥିଲା। ସମୟକ୍ରମେ ଓଡ଼ିଆଏ ଇଂରାଜୀ ପଢ଼ିଲେ; ମାତ୍ର ଢେର ଡେରିରେ। ଇଷ୍ଟଇଣ୍ଡିଆ କମ୍ପାନୀ ଓଡ଼ିଶା ଅଧିକାର କଲା (୧୮୦୩)। ସେତେବେଳକୁ କମ୍ପାନୀ ଅଧୀନରେ ଚାକିରିଟିଏ ପାଇଁ ଇଂରାଜୀ ପଢୁଆ ଜଣେ ହେଲେ ଓଡ଼ିଆ ଯୋଗ୍ୟ ନଥିଲେ। ଏହାର ପରିଣତି ଏ ଜାତି ଭୋଗିଲା। କର୍ମଲୋଭରେ ବହୁ ପାଠୁଆ ବଂଗପ୍ରଦେଶରୁ ଆସି ଓଡ଼ିଶାରେ ଚାକିରିକଲେ। ସେତେବେଳକୁ ସେମାନଙ୍କର ଢଙ୍ଗ, ରଙ୍ଗ, ଚାଲିଚଳଣି ଏକ ପ୍ରକାର ବିଲାତି ହୋଇ ଯାଇଥିଲା। ଏହାର କାରଣଟି ମଧ୍ୟ ଅତି ସାଧାରଣ। ଫିରିଙ୍ଗି କମ୍ପାନୀ ଷୋଡ଼ଶ ଶତାବ୍ଦୀରେ ବମ୍ବେ, ଦିଲ୍ଲୀ, ମାନ୍ଦ୍ରାଜ, କଲିକତା ଆଦି ପ୍ରଧାନ ପ୍ରଧାନ ସହରରେ ଉପନିବେଶମାନ ସ୍ଥାପନ କରିଥିଲେ। ଏସବୁ ସ୍ଥାନ ସେମାନଙ୍କର ମୁଖ୍ୟ ବାଣିଜ୍ୟ ପେଣ୍ଠ ଥିଲା। ସେଠାକା ଲୋକେ ଆଗେ ଇଂରାଜୀ ପଢ଼ିଲେ। ପାଶ୍ଚାତ୍ୟ ରୁଚିକୁ ଆଦରି ନେଲେ। ଏ କ୍ଷେତ୍ରରେ ଓଡ଼ିଶାବାସୀ ବହୁ ପଛରେ ଥିଲେ। ଫଳତଃ ଅନେକ ଅସାଧୁ ବଂଗୀୟ କର୍ମଚାରୀଙ୍କ ଦ୍ୱାରା ଏମାନେ ଶୋଷିତ ହେଲେ। ସେମାନଙ୍କର ଇଂରାଜୀ ଚଳଣିକୁ ମଧ୍ୟ ଅନ୍ଧାନୁକରଣ କଲେ। ଧୀରେ ଧୀରେ ଓଡ଼ିଶା ବାସୀ ଇଂରାଜୀ ପ୍ରତି ଆକୃଷ୍ଟ ହେଲେ, ପଢ଼ିଲେ ବି। ଏଇଟି ଥିଲା ଗୋଟେ ଆନ୍ତର୍ଜାତୀୟ ଭାଷା ଅଧ୍ୟୟନର ଅମୃତମୟ ଦିଗ। କିନ୍ତୁ ପାଶ୍ଚାତ୍ୟ ରୁଚି ଆର୍ଦ୍ର ଅନେକ ପାଠୁଆ ଆପଣାର ସଂସ୍କୃତି, ଆଚାର, ବିଚାର ସହିତ ଗ୍ରାମ୍ୟ ପରମ୍ପରାର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅଣଦେଖା କଲେ। ତାହାହିଁ ହେଲା ଇଂରାଜୀ ଶିକ୍ଷାର ହଳାହଳ ଦିଗ।

ମୁକ୍ତିସଂଗ୍ରାମକୁ ବେଗଗାମୀ କରାଇଥିବା ସବୁ ନେତୃସ୍ଥାନୀୟ ବ୍ୟକ୍ତି ଉଚ୍ଚ ଇଂରାଜୀ ପଢୁଆ। ଏମାନେ ଦେଶକୁ ବେଢ଼ି ଶୃଙ୍ଖଳମୁକ୍ତ କରିବାରେ ବ୍ରତୀ ହେଲେ। ଆଉ ଗୋଟେ ସେଇପରିକା ପାଠୁଆମାନେ 'ବାବୁ' ପାଲଟିଲେ। ଫିରିଙ୍ଗି ଶାସନରେ ଗୋଲାମଗିରି କଲେ। ପେଟ ପୋଷିବା, ଟଙ୍କା କମେଇବା, ବଡ଼ ହେବା; ବିଶେଷ କରି ନକଲି ଇଂରେଜ ବନିବା ସେମାନଙ୍କର ମୂଳ ଲକ୍ଷ୍ୟ ହେଲା। ଏଇଟି ଥିଲା ଓଡ଼ିଆ ଜାତି ପାଇଁ ଏକ ସତର୍କ ଘଣ୍ଟି। ସବୁ ଯେମିତି ବିଲାତି, ବିଲାତି। ଏ ପ୍ରକାର ପାଶ୍ଚାତ୍ୟଶିକ୍ଷା ପ୍ରାପ୍ତ ଖୋସାମତିଆଙ୍କୁ ଦେଖି ଜନେ ଥଟ୍ଟା ମଜା କରୁଥିଲେ। ସବୁ ହାସ ପରିହାସ ମଧ୍ୟରେ କାଣିଚାଏ ସତ ବି ଥାଏ, ଯେମିତି ନିଆଁ, ଧୂଆଁ। ତାହାହିଁ ଦର୍ଶାଇ ଦେଇଛନ୍ତି ବିଶିଷ୍ଟ ସମାଜ ସଂସ୍କାରକ, ଦେଶପ୍ରେମୀ ଗୋଦାବରୀଶ ମିଶ୍ର। ଇଂରାଜୀ ପଢ଼ି ସ୍ୱଭାବକୁ ବଦଳାଇ ଦେଲେ ଶିକ୍ଷିତ ଯୁବଗୋଷ୍ଠୀ। ଯଥେଷ୍ଟ ଜ୍ଞାନ ନଥାଇ ଅନେକ ଶିକ୍ଷାଦାନ ବୃତ୍ତି ଗ୍ରହଣ କଲେ। ଏମାନେ ବିଶେଷ ହଟହଟା ହେଲେ।

ଇଂରେଜମାନଙ୍କ ଆଗମନ ପୂର୍ବର କଥା। ଓଡ଼ିଶାର ଶିକ୍ଷା କହିଲେ ଚାଟଶାଳୀ, ସଂସ୍କୃତ ଟୋଲ୍‌ର ପାଠ। ବିଶେଷ କରି ସଂସ୍କୃତ ପଣ୍ଡିତମାନେ ଇଂରେଜୀ ବିମୁଖ ଥିଲେ। ସେଇପରି ଜଣେ ପଣ୍ଡିତ ଦୀନବନ୍ଧୁ ରଥ। ସେ ଗୋଦାବରୀଶଙ୍କ ମାମୁପୁଅ ଭାଇ। ବିଶ୍ୱବିଦ୍ୟାଳୟର ଉଚ୍ଚ ପରୀକ୍ଷାର୍ଥୀମାନଙ୍କ କଥାକୁ କୌତୁକରେ ବର୍ଣ୍ଣନା କରନ୍ତି। ଇଂରାଜୀ ଶବ୍ଦ ଗୁଡ଼ିକ ଶେଷରୁ 'ଡ଼' କଟାଯାଇ ବାକି ତକ ରଖାଯାଇଛି ବୋଲି ତାଙ୍କର ମତ। ସେ ସମୟରେ ଆଇ.ଏ. ପରୀକ୍ଷାକୁ ଏକଦା ଏଫ୍.ଏ. କୁହାଯାଉଥିଲା। ତା' ଆଗରୁ ଏହାର ନାମ ଏଲ୍.ଏ.। ଦୀନବନ୍ଧୁ ରଥେ ମଜାରେ କହନ୍ତି, ଏଲ୍.ଏ. ପାଶ୍ କଲେ ଯୁବକମାନେ ଲ୍ୟାଡ୍ 'ପିଲା', ବି.ଏ. ପାଶ୍ କରିଗଲା ପରେ ବ୍ୟାଡ୍ (ମନ୍ଦ)। ଏମ୍.ଏ. ପାଶ୍ କରିବା ମାତ୍ରେ ମ୍ୟାଡ୍ (ପାଗଳ) ହୋଇ ଯାଆନ୍ତି। ସେ ଏପରିକା ଥଟ୍ଟାରେ କହୁଥିଲେ; କିନ୍ତୁ ଏଥିରେ କିଛି କିଛି ସତ ବି ଥିଲା। ଏଇ କଥାକୁ ଗୋଦାବରୀଶ ସ୍ପଷ୍ଟ ଭାବେ ବ୍ୟକ୍ତ କରିଛନ୍ତି। ପାଶ୍ଚାତ୍ୟ ଶିକ୍ଷା ଆମ ଦେଶରେ ବଡ଼ ବଡ଼ ଲୋକଙ୍କୁ ଲଘୁମନା କରିପକାଇଛି। ଅଶିକ୍ଷିତ ଲୋକଙ୍କ ତୁଳନାରେ ଶିକ୍ଷିତ ସଂପ୍ରଦାୟ ପ୍ରାୟ ସ୍ୱାର୍ଥପର ହୋଇ ପଡ଼ିଛନ୍ତି। ହାତକୁ ଶାସନ କ୍ଷମତା ଆସିବା ପରେ ପ୍ରଚଳିତ ଆଇନ୍‌କାନୁନ୍ ଏମାନେ ବଦଳେଇ ଦେଇଛନ୍ତି। ନିଜକୁ ସୁହାଇବା ପରି ତିଆରି କରି ସାମାଜିକ ସଂଗଠନକୁ ଭାଙ୍ଗି ଚୂରି ପାଶ୍ଚାତ୍ୟ ଛାଞ୍ଚରେ ଦେଶର ନେତୃବର୍ଗ ଢାଳିବାକୁ ବସିଛନ୍ତି। ଏଇଟି ସେମାନଙ୍କର ପାଗଳ ପଣ ନୁହେଁ ତ ଆଉ କ'ଣ ? ଏ ପ୍ରକାର ସାମାଜିକ ସ୍ଥିତାବସ୍ଥା ମିଶ୍ର ମହାଶୟଙ୍କ ପରି ଦେଶଭକ୍ତଙ୍କୁ ଗଭୀର ବ୍ୟଥା ଦେଇଛି।

ଗୋଦାବରୀଶଙ୍କ ପାଠପଢ଼ା ସମୟର କଥା। ସେତେବେଳେ ଆଜିକାଲି ପରି ଗାଁ ଗହଳିରେ ସ୍କୁଲ କଲେଜ ନଥିଲା। ଭଲପିଲାଏ ବୃତ୍ତି ପାଇ କଟକ, ପୁରୀ ଯାଉଥିଲେ। ଏମ୍.ଏ. ସହ ଆଇନ୍ ପଢ଼ିବା ପାଇଁ କଲିକତା ଯିବାକୁ ପଡୁଥିଲା। କେହି କେହି ବଡ଼ବଡ଼ିଆଙ୍କ ପିଲା ବିଲାତ ଯାଉଥିଲେ। କଲିକତାର ବିଭିନ୍ନ ଶିକ୍ଷାନୁଷ୍ଠାନ ଉଚ୍ଚ ତାଲିମ ପାଇଁ ମେଧାବୀ ଶିକ୍ଷକଙ୍କୁ ବିଲାତ ମଧ୍ୟ ପଠାଉଥିଲେ। ଏ ପ୍ରକାର ସୁଯୋଗ ଗୋଦାବରୀଶଙ୍କ ପାଇଁ ଆସିଥିଲା। କଲିକତାର ଏକ 'ମୂକ ବଧିର ବିଦ୍ୟାଳୟ'ତାଙ୍କୁ ବିଲାତ ପଠାଇବାକୁ ସ୍ଥିର କଲା। ସେ ଏହାକୁ ପ୍ରତ୍ୟାଖ୍ୟାନ କରିବାକୁ ବାଧ୍ୟ ହେଲେ। ସେତେବେଳକୁ ସେ ଗୋପବନ୍ଧୁ ଦାସଙ୍କ ଆଦର୍ଶାନୁପ୍ରାଣିତ ହୋଇ ଯାଇଥିଲେ। ଗୋଦାବରୀଶ ଚଠି ଖଣ୍ଡେ ଲେଖିଲେ, ବିଦେଶ ଯିବା ପାଇଁ ଅନୁମତି ଲୋଡ଼ିଲେ। ତାଙ୍କ ପାଖକୁ ଗୋପବନ୍ଧୁ ଦରଦଭରା ପତ୍ରଟିଏ ଲେଖିଲେ। ଚିଠିଟି ଏଇ ପରିକା, 'ଗୋଦାବରୀଶ, ତୁମେ କଲିକତାର ମୂକ-ବଧିର ବିଦ୍ୟାଳୟର ଶିକ୍ଷକ ହେବାକୁ ଯାଉଛ। ଏଣେ ଓଡ଼ିଶାର ଲକ୍ଷ ଲକ୍ଷ ମୂକ-ବଧିରଙ୍କର କଥା କ'ଣ ଭୁଲିଗଲ ?" ଚିଠି ନୁହେଁ, ଗୋପବନ୍ଧୁଙ୍କ ସ୍ୱର ତିନିଶହ ମାଇଲ ଦୂରରୁ ଆସି ବାଜିଲା ଗୋଦାବରୀଶଙ୍କ କାନରେ। ତାଙ୍କ ପ୍ରାଣ ବିକଳ ହେଲା। ସେଇ ମୁହୂର୍ତ୍ତରେ ସେ ବିଲାତ ଯିବା କଳ୍ପନା-ଜଳ୍ପନାକୁ ପାସୋରି ପକାଇଲେ।

ପ୍ରାକ୍ ସ୍ୱାଧୀନତାକାଳୀନ ଛାତ୍ରଙ୍କର ମତିଗତି ସମ୍ପର୍କରେ ଗୋଦାବରୀଶ ଏକ ପ୍ରାଞ୍ଜଳ ଚିତ୍ର ପ୍ରଦାନ କରିଛନ୍ତି। ଉଚ୍ଚଶିକ୍ଷା ପାଇଁ ଯାଉଥିଲେ ଥିଲାବାଲାଙ୍କ ପିଲା। ଗୋଦାବରୀଶଙ୍କ ପରି ନିଦରବ ପରିବାରର କେତେକ ମେଧାବୀ ପିଲା ମଧ୍ୟ ବୃତ୍ତି ପାଇ ଯାଉଥିଲେ ଏଇ ଲକ୍ଷ୍ୟରେ। ଉଭୟ ଗୋଷ୍ଠୀର ଛାତ୍ରଙ୍କ ଊଣା ଅଧିକେ ହାବ, ଭାବ ବଦଳିଯାଏ। ଛାତ୍ରମାନେ ଛତରା ହୁଅନ୍ତି, ପଢ଼ାଶୁଣା କରନ୍ତି ନାହିଁ, ବୁଲନ୍ତି, ଶୁଅନ୍ତି, ବାରଚାଉଳିଆ ହୋଇଯାଆନ୍ତି। ସେତେବେଳେ ଭବିଷ୍ୟତ କଥା ଭୁଲିଯାଆନ୍ତି। ମିଶ୍ରେ ମଧ୍ୟ ତାଙ୍କ ଏମ୍.ଏ. ପାଠ ପଢ଼ାରେ କିଛିଟା ଅବହେଳା କଲେ, ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ। ବିଫଳମନା ଛାତ୍ରଟିଏ ଦାରୁଣ ମାନସିକ ଯନ୍ତ୍ରଣା ପାଏ। କେହି କେହି ସଚେତନ ଛାତ୍ର ବଡ଼ପୁଅ ମରିଯିବା ପରି ଯାତନା ପାଆନ୍ତି, କେତେକ ଆତ୍ମହତ୍ୟାର ବାଟ ବାଛିନିଅନ୍ତି। ଏ ପ୍ରକାର ଅନୁଶୋଚନାରୁ ପରବର୍ତ୍ତୀ ସମୟରେ ସୁଫଳ ମିଳେ। ଅନେକ ନିଜ ତ୍ରୁଟି ସଜାଡ଼ିବାରେ ଲାଗିପଡ଼ନ୍ତି। ଗୋଦାବରୀଶ ତାହାହିଁ କଲେ। ଦେହର ଘାଆ ପରି ମନର ଘାଆ ବି କ୍ରମେ ପୂରି ଆସେ। ପୁରୁଣା କଥାକୁ ଭୁଲି ନୂଆ ଚିନ୍ତାରେ ମଣିଷ ମଜ୍ଜିରହେ। ତା'ର ଭବିଷ୍ୟତ ଗଢ଼େ। ଏଇଟି ଭଲ ମଣିଷର ଲକ୍ଷଣ। ଭୁଲର ଏକମାତ୍ର ମହୌଷଧି ହିଁ ଅନୁତାପ।

ଗୋଦାବରୀଶ କଲିକତାରେ ଏମ୍.ଏ. ସହ ଆଇନ୍ ପଢ଼ିଲେ। ପ୍ରଥମ ବର୍ଷ ପରେ ଆଉ ପାଠରେ ମନ ବଳାଇଲେନି। କଲିକତା ରହଣି ତାଙ୍କ ପାଇଁ ସୁଖପ୍ରଦ ନଥିଲା। କିନ୍ତୁ ବିହାର-ଓଡ଼ିଶା ପ୍ରଦେଶ ସରକାର ଗୋଟେ ନୂଆ ନିୟମ କଲେ। ବୃତ୍ତି ପାଇ ଆଇନ ପଢୁଥିବା ପିଲାମାନେ ପାଠ ସମାପ୍ତ କରିବାକୁ ବାଧ୍ୟ। ମଝିରେ ଛାଡ଼ି ଯାଇ ନ ପାରିବା ନିୟମ କଡ଼ାକଡ଼ି ହୋଇଗଲା। ଆଇନପଢ଼ା ରାତିରେ। ପ୍ରତିଦିନ ସନ୍ଧ୍ୟାରେ ଯିବାକୁ ପଡ଼େ, ଇଚ୍ଛା ଥାଉ ବା ନଥାଉ। ପଙ୍କରେ ପଡ଼ିଲେ ଲୋକେ ଗୋଡ଼ ଧୁଅନ୍ତି; କିନ୍ତୁ ଯାହାର ନିତି ପଙ୍କରେ କାମ, ସେ ଗୋଡ଼ ସଫାକରି ଧୋଇବାକୁ ଚେଷ୍ଟା କରେ ନାହିଁ। ଗୋଦାବରୀଶ ନିୟମିତ କ୍ଲାସ୍ କଲେ, ସଫଳତା ବି ପାଇଲେ। ଆଇନ୍ ଡିଗ୍ରୀ ପ୍ରତି କ୍ରମେ ତାଙ୍କର ମୋହ ବଢ଼ିଲା। ଉତ୍ତମ ରୂପେ କୃତକାର୍ଯ୍ୟ ହେଲେ ମଧ୍ୟ।

ସେତେବେଳେ ଆଇନ୍ କଲେଜରେ ପଢ଼ିବା ଗୋଟେ ମଜାକଥା। ପ୍ରଥମବର୍ଷ ଶ୍ରେଣୀରେ ଦୁଇଟା ଭାଗ। ପ୍ରତ୍ୟେକ ଭାଗରେ ଦେଢ଼ଶହ ଛାତ୍ର ପଢ଼ନ୍ତି। ପଢ଼ିବା କଥା କହିଲେ ଠିକ୍ ହେବନି, ତା' ମଧ୍ୟରୁ ଦଳେ ଖାଲି ବସନ୍ତି, ଗଣ୍ଡଗୋଳ କରନ୍ତି। ଅନେକ ଆସନ୍ତିନି। ଦେଢ଼ଶହ ପିଲା ଏକ ସମୟରେ କୌଣସି ଦିନ ଶ୍ରେଣୀରେ ବସିଥିବା ଗୋଦାବରୀଶ ମଧ୍ୟ ଦେଖୁନାହାନ୍ତି। ଅଧ୍ୟାପକଙ୍କ ପାଠ ଶୁଣିବା ପିଲା ଆଗ ବେଞ୍ଚରେ। ଆଉ ସବୁ ବଦ୍‌ମାସିଆ ପଛ ବେଞ୍ଚରେ। ପଛ ବେଞ୍ଚ ପିଲା ଖବରକାଗଜ ପଢ଼ନ୍ତି, ଚିନାବାଦାମ, ବୁଟଭଜା ଛଡ଼ାଛଡ଼ି ହୋଇ ଖାଆନ୍ତି। ଇଂରାଜୀ ଶବ୍ଦ ତିଆରି କରନ୍ତି, ତାସ୍ ବି ଖେଳନ୍ତି। ଦିନେ ଗୋଦାବରୀଶ ବସିଗଲେ ପଛ ବେଞ୍ଚରେ। ଶୀତଦିନ। ଉଷୁମ ପାଇଁ ମୁଣ୍ଡରେ ଖଣ୍ଡେ ନାଲିଆ ଲୁଆନଟା ପଡ଼ିଛି। ଅଧ୍ୟାପକ ଜଣକ କହିଲେ, "ବୋହୂପିଲା, ତୁମେ ଆଡୁଆଳରେ ବସିଛ କାହିଁକି ? ଆଗକୁ ଆସ। ଏ ପ୍ରଶ୍ନଟାର ଉତ୍ତର ଦିଅ।" ଗୋଦାବରୀଶ ନଯିବାରୁ ପୁଣି ଅଧ୍ୟାପକ ଜଣକ କହିଲେ, "ବେଶ୍ ଭଲ କଥା, ବସିଛ, ବସିଥାଅ। ତେବେ ତମ ମୁହଁଟା ମୋତେ ଦିଶୁଛି, ବେଞ୍ଚ ତଳକୁ ବସିପଡ଼।" ଏସବୁ ଗୋଟେ ଗୋଟେ ଅନୁଭୂତି; କିନ୍ତୁ ସବୁଦିନେ ସବୁ ପିଲାଙ୍କର ଗୋଟେ ସମାନ ଅନୁଭୂତି। ତାହାକୁ ମିଶ୍ରେ ବର୍ଣ୍ଣନା କରିଛନ୍ତି, ତତ୍ ସହିତ ସମ୍ପୃକ୍ତ ଅଧ୍ୟାପକଙ୍କ ଦୁର୍ଦ୍ଦଶା କଥାକୁ ମଧ୍ୟ ଲେଖିବାକୁ ଭୁଲି ନାହାନ୍ତି।

ଆଇନ୍ କ୍ଲାସ୍ ଚାଲୁଥାଏ ଗୋଟେ ଅସ୍ଥାୟୀ ଚାଳିଆରେ। 'ଦରଭଙ୍ଗା ଭବନ' ସେତେବେଳକୁ ତିଆରି ହୋଇନଥାଏ। ଅଧ୍ୟାପକ ପ୍ରାୟ ୧୦୦ ହାତ ଦୂରରେ, ବିଶ୍ୱ ବିଦ୍ୟାଳୟ ହତାରେ ପାଦ ପକାଇବା ମାତ୍ରେ ଆରମ୍ଭ ହୋଇଯାଏ ହସ କୌତୁକ। ଅଧ୍ୟାପକ ଜଣକକ ମିଷ୍ଟର ବାସୁ। ତାଙ୍କୁ ଦଳେ ଅଭିବାଦନ କରି କହନ୍ତି, "ମିଷ୍ଟର ବାସୁ ଆସନ୍ତୁ।" ଆଉ କେତେକ କହନ୍ତି ନା ନା ଫେରିଯାଆନ୍ତୁ। ଫେରିଗଲେ ଦିନକର ଦରମା ଗଲା। ବାସୁ ସାର୍ ବାଧ ହୋଇ ଶ୍ରେଣୀ କକ୍ଷରେ ପ୍ରବେଶ କରନ୍ତି। ବସିବା ମାତ୍ରେ ଦଶ ତିରିଶ ହାତରେ ତାଙ୍କ ମୁଣ୍ଡରେ ପୁଷ୍ପ ବୃଷ୍ଟି ହୁଏ, ଖାଲି ଛିଣ୍ଡା କାଗଜ। କେହି ପିଲା 'ହୁଳ ହୁଳି' ଦିଅନ୍ତି, କିଏ ଟେବୁଲରେ ହାତ କଚାଡ଼ି ବାଜା ବଜାଏ। ଗାଇପାରୁଥିବା ପିଲାଯାକ ଗୀତ ଗାଆନ୍ତି। ଏମିତି ଚାଲେ ପନ୍ଦର ମିନିଟ୍। ମିଷ୍ଟର ବାସୁ 'ଭଦ୍ରଗଣ !' 'ବନ୍ଧୁବର୍ଗ' – ଏମିତି ଯେତେ ପ୍ରକାର କହି ଟେବୁଲ ଉପରେ ହାତ ବାଡ଼େଇଲେ କିଛି ଫଳ ହୁଏନି। ସବୁ ପବନରେ ମିଳେଇ ଯାଏ। ସତେ ଯେମିତି ତାଙ୍କ ଭୌତିକ ପ୍ରାଣ କିଛିକ୍ଷଣ ପିଣ୍ଡରୁ ଚାଲିଯାଏ !

ଆଇନ୍ ଶ୍ରେଣୀରେ ଏ ପ୍ରକାର ସ୍ଥିତିର ଗୋଟେ ବଳିଷ୍ଠ କାରଣ ଥିଲା। ଆଇନ୍ କଲେଜକୁ ଅଧ୍ୟାପକ ହୋଇ ଆସନ୍ତି ଓକିଲ, ବାରିଷ୍ଟର, ଯାହାଙ୍କର ପାହୁଲାଏ ବି ରୋଜଗାର ନଥାଏ। ଅଧ୍ୟାପକ ପାଆନ୍ତି ମାସକୁ ୨୨୫ଟଙ୍କା ବେତନ। ଧରାଧରି ପ୍ରଥାଟି ବି ଥିଲା। ଟୋକା ବାରିଷ୍ଟରମାନେ ବିଲାତରୁ ପାଶ୍ କରି ଆସିଥାନ୍ତି। କୁଳପତିଙ୍କୁ ଧରାଧରି କରି ଆଇନ୍ କଲେଜରେ ଅଧ୍ୟାପକ ହୋଇ ଯାଆନ୍ତି। ଭାତ ହାଣ୍ଡିରୁ ଗୋଟିଏ ଚିପିଲେ ସବୁ ବାରି ହୋଇଯାଏ। ପିଲାଏ ପ୍ରଥମ ଦିନରୁ ଅଧ୍ୟାପକଙ୍କ ପାଠପଢ଼ା ପରଖି ନିଅନ୍ତି। ଜାଣିନିଅନ୍ତି କିଏ ଭଲ, କିଏ ଭେଲ। ଭେଲଙ୍କର କପାଳ ଫାଟେ। ଭଲ ଅଧ୍ୟାପକଙ୍କ ଶ୍ରେଣୀରେ ସମସ୍ତେ ଚୁପ୍‌ଚାପ୍ ବସି ଶୁଣନ୍ତି। ସମସ୍ତେ ଯେମିତି ଗୋଟେ ଗୋଟେ 'ଆରୁଣି'। ମନୁଷ୍ୟ ଭିତରେ ପଙ୍କ ଅଛି ପାଣି ବି। ଯେ ଉପରେ ରହି ପିଇବ ପାଣି ପିଇବ, ଯେ ତଳକୁ ଗଡ଼ିବ ପଡ଼ିଯିବ। ତା ଭାଗ୍ୟରେ ପଙ୍କ ଜୁଟିବ। ରୋହି ଭାକୁଡ଼ ପାଣି ପିଅନ୍ତି, ତୋଡ଼ି ଗଡ଼ିଶା ପଙ୍କରେ ପେଟ ପୂରାନ୍ତି। ଭଲ ଅଧ୍ୟାପକ ପିଲାଙ୍କୁ ଶ୍ରଦ୍ଧା କରନ୍ତି, ବଦଳରେ ତାଙ୍କୁ ଭକ୍ତି ମିଳେ। ଯାହାଙ୍କ ହୃଦୟରେ ଗୁଣ ନଥାଏ, ସେମାନେ ଲାଞ୍ଛନା ସହନ୍ତି, ଉପହାସିତ ହୁଅନ୍ତି। ବ୍ୟଙ୍ଗର ପାତ୍ର ବି। ସବୁ ଅଙ୍ଗରେ ତ କ୍ରାନ୍ତିଏ ସତ ଅଛି – ଏକଥା କି ଅନ୍ୟଥା।

# ହର୍ମୁଜ୍ ପ୍ରଣାଳୀ ଏବଂ ଭାରତର ଅର୍ଥନୀତି



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ – ୮୨୪୯୦୦୭୭୭୬

**ମ**ଧ୍ୟପ୍ରାଚ୍ୟ କ୍ଷେତ୍ର ବିଶ୍ୱର ଭୌଗୋଳିକ ଏବଂ ରାଜନୈତିକ ମାନଚିତ୍ରରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ଆଉ ମଧ୍ୟପ୍ରାଚ୍ୟ ବହୁ ପୂର୍ବରୁ ରାଜନୈତିକ ଉତ୍ତେଜନା ଏବଂ ସାମରିକ ସଂଘର୍ଷ ପାଇଁ ଜଣାଶୁଣା। ଯଦି ଏହି ଅଞ୍ଚଳରେ ଯୁଦ୍ଧ କିମ୍ବା ସଂଘର୍ଷ ବୃଦ୍ଧି ପାଏ, ତେବେ ଏହାର ସମଗ୍ର ବିଶ୍ୱ ଅର୍ଥନୀତି ଉପରେ ଏକ ବିନାଶକାରୀ ପ୍ରଭାବ ପଡ଼ିବ। ଏହା ମୁଖ୍ୟତଃ ମଧ୍ୟପ୍ରାଚ୍ୟର ତୈଳ ସମ୍ପଦ ଏବଂ ବିଶ୍ୱ ଶକ୍ତି ବ୍ୟବସ୍ଥାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯୋଗୁଁ। ଏହି ଦୃଷ୍ଟିରୁ, ହର୍ମୁଜ୍ ପ୍ରଣାଳୀ ବିଶେଷ ଗୁରୁତ୍ୱପୂର୍ଣ୍ଣ। ହର୍ମୁଜ୍ ପ୍ରଣାଳୀ ବିଶ୍ୱ ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜଳପଥ। ଏହା ଓମାନ ଉପସାଗରକୁ ପାରସ୍ୟ ଉପସାଗର ସହିତ ସଂଯୋଗ କରେ। ଏହି ପ୍ରଣାଳୀ ପାରସ୍ୟ ଉପସାଗରରେ ଅବସ୍ଥିତ ସାଉଦି ଆରବ, ଇରାନ, ଇରାକ, କୁଏତ, ବାହାରିନ, କତାର ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଭଳି ତୈଳ-ସମ୍ପୃକ୍ତ ଦେଶଗୁଡ଼ିକରୁ ତୈଳ ଏବଂ ଗ୍ୟାସ ରପ୍ତାନି ପାଇଁ ମୁଖ୍ୟ ମାର୍ଗ। ବିଶ୍ୱର ପ୍ରାୟ ୨୦-୨୫ ପ୍ରତିଶତ ଅଶୋଧିତ ତୈଳ ଏହି ଜଳପଥ ଦେଇ ଗତି କରେ। ତେଣୁ, ହରମୁଜ୍ ପ୍ରଣାଳୀକୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ମାର୍ଗ ଭାବରେ ବିବେଚନା କରାଯାଏ। ହର୍ମୁଜ୍ ପ୍ରଣାଳୀ ଇରାନ ଏବଂ ଓମାନ ମଧ୍ୟରେ ଅବସ୍ଥିତ। ଯଦିଓ ଏହାର ସର୍ବନିମ୍ନ ପ୍ରସ୍ଥ ପ୍ରାୟ ୩୩ କିଲୋମିଟର, ଏହାର ମଧ୍ୟଭାଗର କେବଳ ୬ କିଲୋମିଟର ପରିବହନ ପାଇଁ ବ୍ୟବହୃତ ହୁଏ। ପ୍ରତିଦିନ ଲକ୍ଷ ଲକ୍ଷ ବ୍ୟାରେଲ ତୈଳ ପରିବହନ କରୁଥିବା ଜାହାଜ ଏହି ସଂକୀର୍ଣ୍ଣ ଜଳପଥ ଦେଇ ଯାତାୟାତ କରେ। ତେଣୁ, ଏହି ପ୍ରଣାଳୀର ସୁରକ୍ଷା ଏବଂ ସ୍ଥିରତା ବିଶ୍ୱ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ଅନେକ ଦେଶ ମଧ୍ୟପ୍ରାଚ୍ୟରୁ ତେଲ ଉପରେ ନିର୍ଭର କରନ୍ତି। ପ୍ରାୟ ସମସ୍ତ ତେଲ ହରମୁଜ୍ ପ୍ରଣାଳୀ ଦେଇ ଅନ୍ତର୍ଜାତୀୟ ବଜାରରେ ପହଞ୍ଚେ। ଯଦି ଏହି ଜଳପଥ କେବେ ଅବରୋଧ ହୁଏ କିମ୍ବା ଯୁଦ୍ଧ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୁଏ, ତେବେ ବିଶ୍ୱ ତୈଳ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଏ, ଯାହା ଏକ ଆର୍ଥିକ ସଙ୍କଟ ସୃଷ୍ଟି କରେ। ଏହା କେବଳ ତେଲ ନୁହେଁ ବରଂ ପରିବହନ, ଶିଳ୍ପ, ବିମାନ ଚଳାଚଳ ଏବଂ ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରେ।

ମଧ୍ୟପ୍ରାଚ୍ୟ ପ୍ରାୟତଃ ରାଜନୈତିକ ଉତ୍ତେଜନାର ଏକ ସ୍ଥାନ, ବିଶେଷକରି ଇରାନ ଏବଂ ପଶ୍ଚିମ ଦେଶଗୁଡ଼ିକ ମଧ୍ୟରେ। ଇରାନ ପ୍ରାୟତଃ କହିଛି ଯେ ଆକ୍ରମଣ ହେଲେ କିମ୍ବା ଆର୍ଥିକ ପ୍ରତିବନ୍ଧକ ଲାଗିଲେ ଏହା ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିପାରେ। ଏପରି ଘୋଷଣା ବିଶ୍ୱବ୍ୟାପୀ ଚିନ୍ତା ବଢାଇ ଦେଉଛି କାରଣ ଏହା ତୈଳ ବାଣିଜ୍ୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ। ଭାରତ ଏକ ପ୍ରମୁଖ ତୈଳ ଆମଦାନୀକାରୀ। ଭାରତର ପ୍ରାୟ ୮୦% ଅଶୋଧିତ ତୈଳ ବିଦେଶରୁ ଆସେ, ଏବଂ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟପ୍ରାଚ୍ୟର ଦେଶଗୁଡ଼ିକରୁ ଆସେ। ସାଉଦି ଆରବ, ଇରାକ, କୁଏତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଭଳି ଦେଶଗୁଡ଼ିକରୁ ତେଲ ହର୍ମୁଜ୍ ପ୍ରଣାଳୀ ଦେଇ ଭାରତରେ ପହଞ୍ଚେ। ତେଣୁ, ଏହି ବ୍ୟବସ୍ଥାର ସୁରକ୍ଷା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି କେବେ ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧ କିମ୍ବା ଉତ୍ତେଜନା ଦେଖାଦିଏ, ଯାତାୟାତ ବାଧାପ୍ରାପ୍ତ ହୁଏ, ତେବେ ଏହା ଭାରତୀୟ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇପାରେ। ଯଦି ତୈଳ ମୂଲ୍ୟ ବୃଦ୍ଧି ପାଏ, ତେବେ ଭାରତର ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇବ। ଫଳସ୍ୱରୂପ, ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ଯାହା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିବ। ପେଟ୍ରୋଲ, ଡିଜେଲ, ଗ୍ୟାସ ଏବଂ ପରିବହନର ମୂଲ୍ୟ ବୃଦ୍ଧି ଲୋକଙ୍କ ଉପରେ ଆହୁରି ବୋଝ ପକାଇବ।

ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ, ଭାରତ ସର୍ବଦା ସମନ୍ୱୟ ଏବଂ ଶାନ୍ତି ପାଇଁ ସମର୍ଥନ କରିଆସିଛି। ଭାରତ ଇରାନ, ସାଉଦି ଆରବ ଏବଂ ଅନ୍ୟାନ୍ୟ ଉପସାଗରୀୟ ଦେଶମାନଙ୍କ ସହିତ ଭଲ ସମ୍ପର୍କ ବଜାୟ ରଖିବାକୁ ଚାହୁଁଛି। ଭାରତ ବିଶ୍ୱାସ କରେ ଯେ ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବିଶ୍ୱ ଅର୍ଥନୀତିର ସ୍ୱାସ୍ଥ୍ୟ ସୁନିଶ୍ଚିତ କରିପାରିବ। ଭାରତ ସମୟ ସମୟରେ ଏହି ଅଞ୍ଚଳରେ ଏହାର ନୌସେନା ମୁତୟନ କରେ, ଯାହା ଭାରତୀୟ ଜାହାଜ ଏବଂ ନାବିକମାନଙ୍କର ସୁରକ୍ଷା ସୁନିଶ୍ଚିତ କରେ। ଯୁଦ୍ଧ ପରିସ୍ଥିତିରେ, ଭାରତ ଏହାର ନାଗରିକମାନଙ୍କୁ ସୁରକ୍ଷିତ ଭାବରେ ସ୍ୱଦେଶ ଫେରାଇ ଆଣିବା ପାଇଁ ବିଶେଷ ଅଭିଯାନ ପରିଚାଳନା କରେ। ଭାରତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ବିକଳ୍ପ ଶକ୍ତି ଉତ୍ସ ଅନୁସନ୍ଧାନ କରୁଛି। ଭାରତ ସୌରଶକ୍ତି, ପବନଶକ୍ତି ଏବଂ ବୈଦ୍ୟୁତିକ ଯାନବାହନ ଭଳି ପରିବେଶ ଅନୁକୂଳ ଶକ୍ତି ଉତ୍ସଗୁଡ଼ିକୁ ଗୁରୁତ୍ୱ ଦେଉଛି। ଏହା ଭବିଷ୍ୟତରେ ମଧ୍ୟପ୍ରାଚ୍ୟ ତୈଳ ଉପରେ ଏହାର ନିର୍ଭରଶୀଳତାକୁ କିଛି ପରିମାଣରେ ହ୍ରାସ କରିପାରିବ। ଲକ୍ଷ ଲକ୍ଷ ଭାରତୀୟ ଉପସାଗରୀୟ ଦେଶଗୁଡ଼ିକରେ କାମ କରନ୍ତି। ସେମାନଙ୍କର ପଠାଣ ଭାରତୀୟ ଅର୍ଥନୀତି ପାଇଁ ବହୁତ ମୂଲ୍ୟବାନ। ଯଦି ଏହି ଅଞ୍ଚଳରେ ଯୁଦ୍ଧ କିମ୍ବା ଅସ୍ଥିରତା ବୃଦ୍ଧି ପାଏ, ତେବେ ସେଠାରେ ରହୁଥିବା ଭାରତୀୟଙ୍କ ଜୀବନ ଏବଂ ଚାକିରି ପ୍ରଭାବିତ ହୋଇପାରେ। ହର୍ମୁଜ୍ ପ୍ରଣାଳୀ ବିଶ୍ୱ ଶକ୍ତି ବ୍ୟବସ୍ଥାର ଜୀବନରେଖା। ଏହାର ସୁରକ୍ଷା ଏବଂ ସ୍ଥିରତା କେବଳ ମଧ୍ୟପ୍ରାଚ୍ୟ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତ ଭଳି ଏକ ତୈଳ ଆମଦାନୀକାରୀ ରାଷ୍ଟ୍ର ପାଇଁ, ଏହାର ଗୁରୁତ୍ୱ ଆହୁରି ଅଧିକ। ତେଣୁ, ଭାରତ ସର୍ବଦା ଏହି ଅଞ୍ଚଳରେ ଶାନ୍ତି, ସହଯୋଗ ଏବଂ ଅନ୍ତର୍ଜାତୀୟ ଯୋଗାଯୋଗକୁ ସମର୍ଥନ କରିଆସିଛି। ଭବିଷ୍ୟତରେ, ଭାରତ ବିକଳ୍ପ ଶକ୍ତି ଉତ୍ସ ବିକାଶ କରି ଏହି ବ୍ୟବସ୍ଥା ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଚେଷ୍ଟା କରିବା ଉଚିତ। ତେଣୁ, ହର୍ମୁଜ୍ ପ୍ରଣାଳୀ ଏବଂ ଭାରତର ସ୍ଥିତି ଗଭୀର ଭାବରେ ଜଡିତ, ଯାହା ସିଧାସଳଖ ଭାରତର ରାଜନୀତି, ଅର୍ଥନୀତି ଏବଂ ଶକ୍ତି ସୁରକ୍ଷାକୁ ପ୍ରଭାବିତ କରେ। ମଧ୍ୟପ୍ରାଚ୍ୟ ଏବଂ ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧ ଗଭୀର ଭାବରେ ଜଡିତ। ଏହି ବ୍ୟବସ୍ଥା ବିଶ୍ୱ ଶକ୍ତି ବ୍ୟବସ୍ଥା ପାଇଁ ଏକ ଜୀବନରେଖା। ତେଣୁ, ଏହାର ସୁରକ୍ଷା ଏବଂ ମଧ୍ୟପ୍ରାଚ୍ୟରେ ଶାନ୍ତି ବିଶ୍ୱ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ମାର୍ଚ୍ଚ ୨୦୨୬ ସୋମବାର








# ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ନୀତି ଛାତ୍ରଛାତ୍ରୀଙ୍କୁ ନବ ସୃଜନ ପାଇଁ ଉତ୍ସାହିତ କରୁଛି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ପରିସରରେ ଛାତ୍ରଛାତ୍ରୀମାନଙ୍କୁ ଷ୍ଟାର୍ଟଅପ୍ ଆରମ୍ଭ କରିବା ନିମନ୍ତେ ଉତ୍ସାହିତ କରିବାକୁ ଅଟଳ ଇନୋଭେସନ୍ ସେଣ୍ଟର-ସୋଆ ଫାଉଣ୍ଡେସନ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ତଥା ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କେନ୍ଦ୍ରକୁ ଉଦ୍‌ଘାଟିତ କରିଥିଲେ। ନିତି ଆୟୋଗ ପରିଚାଳିତ ଅଟଳ ଇନୋଭେସନ୍ ମିସନ୍ ସହାୟତାରେ ଏହି କେନ୍ଦ୍ରକୁ ସ୍ଥାପନ କରାଯାଇଛି। ଏହି କେନ୍ଦ୍ର ସ୍ଥାପନ କରିଥିବାରୁ ସୋଆକୁ ଶୁଭେଚ୍ଛା ଜଣାଇ ଶ୍ରୀ ମଲ୍ଲିକ କହିଥିଲେ ଯେ ଓଡ଼ିଶା ସରକାରଙ୍କ ଷ୍ଟାର୍ଟ ଅପ୍ ନୀତି ଛାତ୍ରଛାତ୍ରୀଙ୍କୁ ଷ୍ଟାର୍ଟ ଅପ୍ ନିମନ୍ତେ ଉତ୍ସାହିତ କରିବା ନିମନ୍ତେ ଉଦ୍ଦିଷ୍ଟ। ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ବୃଦ୍ଧି କରିବା ବର୍ତ୍ତମାନ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଅର୍ଥନୀତିର ଅଭିବୃଦ୍ଧି ନିମନ୍ତେ ଷ୍ଟାର୍ଟ ଅପ୍ ଗୁଡ଼ିକର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏଆଇସି-ସୋଆ ଫାଉଣ୍ଡେସନ୍ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳ ବିଚାରକୁ ସ୍ଥାୟୀ ବ୍ୟବସାୟିକ ଉଦ୍ୟମରେ ପରିଣତ କରିବା ନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇଦେବ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଟଳ ଇନୋଭେସନ୍ ମିସନ୍‌ର ମିସନ୍ ନିର୍ଦ୍ଦେଶକ ଡକ୍ଟର ଦୀପକ ବାଗଲା କହିଥିଲେ ଯେ ଆଗାମୀ ଦିନରେ ପ୍ରତି ୧୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ ଜଣ ନିଜସ୍ୱ ଉଦ୍ୟମରେ ଷ୍ଟାର୍ଟ ଅପ୍ ଆରମ୍ଭ କରିବେ। ବର୍ତ୍ତମାନର ଛାତ୍ରଛାତ୍ରୀ ମାନଙ୍କୁ ଏକ ବିଶେଷ ସୁଯୋଗ ଲାଭ ନିମନ୍ତେ ପ୍ରସ୍ତୁତ ପିଢ଼ି ବୋଲି ଉଲ୍ଲେଖ କରି ସେ କହିଥିଲେ ଯେ ଏକ ନୂତନ ଭାରତକୁ ଗଢ଼ି ତୋଳିବା ନିମନ୍ତେ ସେମାନେ ନିଜ କାନ୍ଧରେ ଦାୟିତ୍ୱ ନେବା ଆବଶ୍ୟକ। ଡକ୍ଟର ବାଗଲା କହିଥିଲେ ଯେ ଜାନୁଆରୀ ୨୦୧୬ରେ ଭାରତରେ ମାତ୍ର ୪୦୦ ଷ୍ଟାର୍ଟ ଅପ୍ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୨୦୦,୦୦୦ ଅତିକ୍ରମ କରିସାରିଛି। ଆଜି ଭାରତ ବିଶ୍ୱରେ ନୂତନ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ୧ ନମ୍ବରରେ ଥିବା ବେଳେ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ୨ୟ ଓ ୟୁନିକର୍ଣ୍ଣ କ୍ଷେତ୍ରରେ ୩ୟ ସ୍ଥାନରେ ରହିଛି ବୋଲି ସେ କହିଥିଲେ।

# ବାଂଶପାଳ ବ୍ଲକର ବିନିଦା ଘାଟି ରାସ୍ତା ପାଲଟିଛି ମରଣଯନ୍ତା

**କେନ୍ଦୁଝର, ନ୍ୟୁଜ୍**





ବାଂଶପାଳ ବ୍ଲକ ଅନ୍ତର୍ଗତ ବିନିଦା ଘାଟି ରାସ୍ତାଟିର ମରାମତି ଅଭାବରୁ ଏହି ଚଳଚଞ୍ଚଳ ରାସ୍ତାଟି ଦିନକୁ ଦିନ ଶୋଚନୀୟ ହୋଇପଡୁଥିବାର ଜଣାପଡିଛି। ମିଳିଥିବା ସୂଚନାରୁ ପ୍ରକାଶ ଯେ, ଏହି ରାସ୍ତାଟି ରାଇସୁଆଁ ଠାରୁ ଅଁରା-ଶ୍ରୀମେଟାଲିକ୍ - ଫୁଲଝର ପର୍ଯ୍ୟନ୍ତ ସଂଯୋଗ କରୁଥିବା ବେଳେ ଏହି ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଗାଡ଼ି ଯାତାୟାତ କରୁଛନ୍ତି । ଟ୍ରକ୍ ଠୁ ଆରମ୍ଭ କରି ବାଇକ୍ ପର୍ଯ୍ୟନ୍ତ ବହୁତ୍ ଭାରି ଯାନ ମଧ୍ୟ ଯାତାୟାତ କରୁଥିବା ବେଳେ ରାସ୍ତାର ମଧ୍ୟ ପାର୍ଶ୍ୱରେ ବଡ଼ ବଡ଼ ପଥର ମଧ୍ୟ ଖସିବା ଅବସ୍ଥାରେ ରହି ବିପଦ ଜନକ ପରିସ୍ଥିତି ଉପୁଜିବାର ଆଶଙ୍କା ଦେଖାଦେଇଥିବାର ନିକଟସ୍ଥ ଅଞ୍ଚଳ ଯୁବକ ପଙ୍କଜ ବାରିକ୍ ଅଭିଯୋଗ କହିଛନ୍ତି । ଏଭଳି ବିପଦ ଜନକ ଅବସ୍ଥାରେ ଥିବା ରାସ୍ତା ବିନିଦା ଘାଟି ଠାରୁ ରାଇସୁଆଁ ଯିବା ରାସ୍ତାଟି ଖାଲି ମେଟାଲ ପକାଇ କାମ ସାରିଦେଇ ଥିବାରୁ ଉକ୍ତ ରାସ୍ତା ଚିପ୍ସ, ମେଟାଲ୍ ଉପରକୁ ବାହାରି ଆସୁରି କଦର୍ଯ୍ୟମୟ ଓ ଦୁର୍ଘଟଣା ସୃଷ୍ଟି କାରଣ ହୋଇପଡୁଛି । ତେଣୁ ଉକ୍ତ ବିନିଦା ଘାଟି ଠାରୁ ରାଇସୁଆଁ ଯିବା ପର୍ଯ୍ୟନ୍ତ ରାସ୍ତାଟିରେ ମରାମତି ନିକଟସ୍ଥ ଅଞ୍ଚଳର ଅଧିବାସୀମାନେ ଦୃଢ ଦାବି କରିଛନ୍ତି ।



# ମହିଳା ଓ ଶିଶୁ ମାନଙ୍କ ପାଇଁ ଆଇନ୍ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ମହିଳା ଓ ଶିଶୁ ମାନଙ୍କ ପାଇଁ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ସମଜା ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହିଳା ଆୟୋଗ ସଦସ୍ୟା ଡ଼ କଳ୍ପନା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସିଡବ୍ଲୁସି ଅଧକ୍ଷା ସ୍ୱାଗତିକା ପାତ୍ର, ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ ପ୍ରଶିକ୍ଷକ ଭାବେ, ଡିଏସ୍‌ପି ବବିତା ଦଳାଇ, ଡିସିପିଓ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ମହିଳା ମାନଙ୍କର ଅଧିକାର, ତାଙ୍କର କର୍ତ୍ତବ୍ୟ, ତାଙ୍କର ଆଇନ୍‌ରେ ଥିବା ଅଧିକାର ସଂପର୍କରେ ସଚେତନତା କରାଇଥିଲେ । ବର୍ତ୍ତମାନ ବିଶ୍ୱରେ ମହିଳ ମାନେ ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ସବୁ ସ୍ତରରେ ମହିଳାମାନେ ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚାଇ ପାରିବେ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ସୁସ୍ଥ ସମାଜ ଗଠନରେ ମହିଳା ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବା ସହ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲଲାଟେନ୍ଦୁ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପିଓ ସବିତା ସିଂହ, ସୁକାନ୍ତୀ ମହାପାତ୍ର, ମନୋରଞ୍ଜନ ଦାସ, ମମତାର ଡିପିଏ ସୁଭେନ୍ଦୁ ଦାସ, ଡିସି ସଂଜୟ ପାତ୍ର ପ୍ରମୁଖ ସହଯୋଗ କରିଥିବା ବେଳେ ହରପ୍ରିୟା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏକମାତ୍ର ପୁଅର ଅଣଦେଖା:ରୋଗଗ୍ରସ୍ତ ବୃଦ୍ଧ ପିତାମାତାଙ୍କ ଅବସ୍ଥା ଦୟନୀୟ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ କୁଣ୍ଡକୋଠି ପଞ୍ଚାୟତର ଖୁରାଣ ଗ୍ରାମରେ ଦେଖିବାକୁ ମିଳିଛି ଏକ ଦୟନୀୟ ମାନବୀୟ ଚିତ୍ର । ଏଠାରେ ବସବାସ କରୁଥିବା ଜଗଦୀଶ ବର ଓ ତାଙ୍କ ଧର୍ମପତ୍ନୀ କାନନ ବର ବର୍ତ୍ତମାନ ଅତ୍ୟନ୍ତ କଷ୍ଟରେ ଦିନ କାଟୁଛନ୍ତି । ଦୀର୍ଘ ଦିନ ଧରି ଜଗଦୀଶ ବର ପାରାଲିସିସ୍ ରୋଗରେ ପଡିତ ହୋଇ ଶଯ୍ୟାଶାୟୀ ଅବସ୍ଥାରେ ରହିଥିବା ବେଳେ ତାଙ୍କର ସମସ୍ତ ଦେଖାଶୁଣା କରୁଛନ୍ତି ବୃଦ୍ଧା ପତ୍ନୀ କାନନ ବର । ପରିବାର କହିଲେ ବର୍ତ୍ତମାନ ଏହି ଦମ୍ପତି ଦୁଇଜଣ ମାତ୍ର । ତାଙ୍କର ତିନି ଝିଅଙ୍କ ବାହାଘର ସରିଯାଇଛି । ସେମାନେ ନିଜ ନିଜ ଶାଶୁଘରରେ ରହୁଥିବା ବେଳେ ଗୋଟିଏ ପୁଅ ପାରାଦ୍ୱୀପରେ ଚାକିରୀ କରୁଛି । କିନ୍ତୁ ଅଭିଯୋଗ ହେଉଛି ଯେ ସେ ନିଜ ବୃଦ୍ଧ ବାପା ଓ ମା'ଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରୁଛି । ଗାଁରୁ ଖବର ଦେଲେ କିମ୍ବା ଫୋନ୍ କଲେ ମଧ୍ୟ ସେ ଫୋନ୍ ଧରୁନାହିଁ କି ସେମାନଙ୍କ ସହ କଥା ହେଉନାହିଁ । ଯେଉଁ ସମୟରେ ବୃଦ୍ଧାବସ୍ଥାରେ ସନ୍ତାନଙ୍କ ସାହାରା ଦରକାର, ସେହି ସମୟରେ ଏହି ଦମ୍ପତି ଆଜି ଅସହାୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି । ଏହାଠାରୁ ମଧ୍ୟ ଦୁଃଖଦ କଥା ହେଉଛି ସରକାରୀ ଯୋଜନା ମଧ୍ୟ ଏମାନଙ୍କ ପାଇଁ ଠିକ୍ ସେ ସଦୃଶ ହୋଇପଡ଼ିଛି । ଜଗଦୀଶ ବରଙ୍କୁ ମଧୁବାବୁ ପେନସନ୍ ଯୋଜନାରେ କିଛି ଅର୍ଥ ସହାୟତା ମିଳୁଥିବା ବେଳେ ତାଙ୍କ ଧର୍ମପତ୍ନୀ କାନନ ବରଙ୍କୁ ୬୦ ବର୍ଷ ପୂରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ । କାନନ ବର ବାରମ୍ବାର ଅନ୍‌ଲାଇନ୍ ଆବେଦନ କରିବା ସହିତ ପଞ୍ଚାୟତ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ପଞ୍ଚାୟତ ସରପଞ୍ଚଙ୍କ ଅକାଳ ମୃତ୍ୟୁ ଘଟିଥିବାରୁ ବର୍ତ୍ତମାନ ନାଏବ ସରପଞ୍ଚ ଦାୟିତ୍ୱରେ ରହିଛନ୍ତି । ଏହି ଘଟଣା ସମ୍ପର୍କରେ ପଞ୍ଚାୟତର ସହକାରୀ କାର୍ଯ୍ୟକାରୀ ଅଧିକାରୀଙ୍କୁ ଅବଗତ କରାଯାଇଥିବା ବେଳେ ସେ ପ୍ରଥମେ ଏହା ବିଷୟରେ ଅବଗତ ନଥିବା କହିଥିଲେ। ପରେ ସମସ୍ତ ତଥ୍ୟ ଜାଣିବା ପରେ ସେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ ଓ ଯାହା ସରକାରୀ ସହାୟତା ମିଳିବା ଦରକାର ସେସବୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ନାଏବ ସରପଞ୍ଚ ମଧ୍ୟ ତୃଣମୂଳ ସ୍ତରରେ ପହଞ୍ଚି ସହଯୋଗ କରିବେ ବୋଲି କହିଛନ୍ତି । କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ତିନି ଝିଅ ଓ ଗୋଟିଏ ପୁଅ ଥିଲେ ମଧ୍ୟ କାହିଁକି ଏହି ବୃଦ୍ଧ ଦମ୍ପତି ଆଜି ଏତେ ଅସହାୟ ? ପୁଅ ପାରାଦ୍ୱୀପରେ ପରିବାର ସହ ଆରାମରେ ରହୁଥିବା ବେଳେ ବାପା–ମା'ଙ୍କ ଦୁଃଖ କଷ୍ଟ ଦେଖିବାକୁ ମଧ୍ୟ ଆସୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରି ଦୟନୀୟ ସମୟରେ ଜାତୀୟ ମାନବାଧିକାର ପରିଷଦର କର୍ମକର୍ତ୍ତାମାନେ ଆଗକୁ ଆସି ମାନବିକତାର ଦୃଷ୍ଟାନ୍ତ ପ୍ରଦର୍ଶନ କରିଛନ୍ତି । ମାନବାଧିକାର ପରିଷଦର ରାଜ୍ୟ ସଭାପତି ନୃସିଂହ ମଲ୍ଲିକ ଓ ଜଗତସିଂହପୁର ଜିଲ୍ଲା ସଭାପତି ମନୋଜ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ପଡିତ ବୃଦ୍ଧ ଦମ୍ପତିଙ୍କୁ ସାହାଯ୍ୟର ହାତ ବଢ଼ାଇଥିଲେ । ସେମାନଙ୍କ ସହ ମାନବାଧିକାର ପରିଷଦର ଅନ୍ୟ କର୍ମକର୍ତ୍ତାମାନେ ଯଥା ରମାକାନ୍ତ ନାୟକ, ବେଦବ୍ୟାସ ପୃଷ୍ଟି, ଗୋପାଳ କୁମାର ମାଝୀ, ଦୀପକ ଗୋଛାୟତ, ଗଗନ ଦାସ ଓ ବିଶ୍ୱଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ପଡିତ ଦମ୍ପତିଙ୍କୁ ଏକ ମାସର ରାସନ ସାମଗ୍ରୀ ଯୋଗାଇ ଦେଇ ସହାନୁଭୂତି ଓ ସହଯୋଗର ହାତ ବଢ଼ାଇଥିଲେ। ଏହି ଘଟଣା ପୁଣିଥରେ ସମାଜରେ ଏକ ଗଭୀର ପ୍ରଶ୍ନ ଉଠାଇଛି । ଯଦି ସନ୍ତାନମାନେ ବୃଦ୍ଧ ବାପା–ମା'ଙ୍କୁ ଏଭଳି ଅଣଦେଖା କରିବେ ଓ ସରକାରୀ ଯୋଜନା ସମୟରେ ସେମାନଙ୍କ ପାଖକୁ ପହଞ୍ଚିବନାହିଁ, ତେବେ ଏମିତି ଅସହାୟ ଲୋକମାନେ ଶେଷରେ କାହା ପାଖରେ ନ୍ୟାୟ ଓ ସହାୟତା ଖୋଜିବେ ?

# ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ହନ୍ତସନ୍ତ ହେଉଛନ୍ତି ଦିବ୍ୟାଙ୍ଗ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜଣେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନକୁ ବର୍ଷାଧିକ ସମୟ ପରେ ମଧ୍ୟ ମିଳୁନଥିବା ଅଭିଯୋଗ ହୋଇଛି । ଏଭଳି ବିରିକ୍ ସମସ୍ୟା ନେଇ ସିଟି ହସ୍ପିଟାଲରେ ଡ୍ରିଆଇସି କେନ୍ଦ୍ରରେ ହୋହାଲ୍ଲା ହୋଇଥିଲା । ପ୍ରମାଣପତ୍ର ବିଳମ୍ବରେ ପ୍ରଦାନ କାରଣରୁ ସରକାରୀ ସୁବିଧା ପାଇବାରେ ଦିବ୍ୟାଙ୍ଗମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗତ ବର୍ଷ ମାର୍ଚ୍ଚରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଆବେଦନ କରିଥିବା ଅନେକ ଆବେଦନକାରୀ ଏବେ ପ୍ରମାଣପତ୍ର ପାଉଛନ୍ତି । ଏହରି ବିଳମ୍ବ ହେତୁ ଅନେକ ଦିବ୍ୟାଙ୍ଗ ହିତାଧିକାରୀ ସରକାରୀ ପକ୍ଷରୁ ମିଳୁଥିବା ଚାକିରି ସୁଯୋଗ, ଭତ୍ତା, ଶିକ୍ଷାବୃତ୍ତି ଓ ଅନ୍ୟାନ୍ୟ ଜରୁରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ପ୍ରତିମାସର ଛୁଟିଦିନ ବ୍ୟତୀତ ୨ୟ ଓ ୪ର୍ଥ ଶୁକ୍ରବାର ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନ ନିମନ୍ତେ ପଞ୍ଜିକରଣ କରାଯାଏ । ଏହାପରେ ଦିବ୍ୟାଙ୍ଗ ମାନେ ଡାକ୍ତରଙ୍କ ପରାମର୍ଶ କରିଥାନ୍ତି । ଏଭଳି ବିଭିନ୍ନ ପ୍ରକ୍ରିୟା ଦେଇ ଗତି କରୁଥିବା ପରେ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ । କିନ୍ତୁ ବିଭାଗର ନିଷ୍ପତି କ୍ରମେ କେବଳ ଗୋଟିଏ କମ୍ପ୍ୟୁଟରରେ ହିଁ ପ୍ରମାଣପତ୍ର ପ୍ରସ୍ତୁତି ଆଉଟ୍ ଲଗଇନ୍ ହୋଇଥାଏ । ଫଳରେ ହଜାର ହଜାର ହିତାଧିକାରୀଙ୍କୁ ସଠିକ୍ ସମୟରେ ପ୍ରମାଣପତ୍ର ପ୍ରଦାନ କରିବାରେ ସମସ୍ୟା ହେଉଛି । ଏଭଳି କ୍ଷେତ୍ରରେ ପ୍ରମାଣପତ୍ର ପାଇଁ ଅନେକ ଥର କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼ୁଥିବାରୁ ଦିବ୍ୟାଙ୍ଗ ମାନେ ହନ୍ତସନ୍ତ ହେଉଛନ୍ତି । ତେଣୁ ପ୍ରମାଣପତ୍ର ପ୍ରଦାନରେ ଦ୍ରୁତ ପଦକ୍ଷେପ ନେବା ସହ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଦିବ୍ୟାଙ୍ଗ ମାନେ ଦାବି କରିଛନ୍ତି ।

# ୧୪ ବର୍ଷର ନାବାଳକ ଉପରେ ୧୦ ଜଣିଆ ପରିବାରର ବୋଝ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରୋଜାଗାର ବାଟ ଓଗାଳିଛି ଖୋଦ୍ ଆଇନ୍ । ଶିଶୁ ଅଧିକାର ସୁରକ୍ଷା ଆଇନ୍ ଯୋଗୁଁ ନିଜ ପରିବାର ସଦସ୍ୟଙ୍କ ପାଇଁ ମଧ୍ୟ ରୋଜଗାର କରିବାର ବଞ୍ଚିତ ରହିଛି ଜଣେ ନାବାଳକ । ୧୪ ବର୍ଷୀୟ ନାବାଳକ ହିରୋଙ୍କ ମୁଣ୍ଡ ଉପରେ ରହିଛି ୧୦ ଜଣ ସଦସ୍ୟ ବିଶିଷ୍ଟ ବିରାଟ ପରିବାରର ବୋଝ । ପରିବାର କହିଲେ ୮୫ ବର୍ଷୀୟ ଜେଜେ ମା ଉଲ୍ଲୀ ସାହୁ । ସ୍ୱାସ୍ଥଗତ ସମସ୍ୟା ଯୋଗୁଁ ନାବାଳକ ହିରୋଙ୍କ ବାପା ବସନ୍ତ କୁମାର ସାହୁ ରୋଜଗାର କରିବାକୁ ଅକ୍ଷମ । ମା' ସୁକାନ୍ତି ସାହୁ ଯାହାଙ୍କ ଔରସରୁ ପୂର୍ବରୁ ହିରୋଙ୍କୁ ମିଶାଇ ୫ଟି ସନ୍ତାନ ଥିବାବେଳେ ଏମ୍‌କେସିଜି ମେଡ଼ିକାଲ୍‌ରେ ୬ଷ୍ଠ ସନ୍ତାନକୁ ଜନ୍ମ ଦେଇଛନ୍ତି ହିରୋଙ୍କ ମାଆ । ଫଳରେ ସେ ହସ୍‌ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି । ବାପା ରୋଜଗାରକ୍ଷମ ନଥିବାରୁ ମା' ଘରେ କିଛି ପିଠା, ଦାନ୍ତିକିଲି ଓ ସୁପୁଲୁ ଭଳି ଖାଦ୍ୟ ସାମଗ୍ରୀ ଘରେ ପ୍ରସ୍ତୁତ କରୁଥିବା ବେଳେ ପରିବାରର ବଡ଼ପୁଅ ହିରୋ ସେଗୁଡ଼ିକୁ ବିଭିନ୍ନ ଥାନା ଓ କୋର୍ଟ ଏପରିକି ରାସ୍ତାଘାଟରେ ବିକ୍ରି କରି ଘର ଚଳାଇବାରେ ମା'ଙ୍କୁ ସହଯୋଗ କରିଆସୁଥିଲା । ହିରୋକୁ ଯେତେବେଳେ ୧୧ ବର୍ଷ ବୟସ ହୋଇଥିଲା ସେବେଠାରୁ ତାହା ମୁଣ୍ଡରେ ପରିବାର ପ୍ରତିପୋଷଣର ବୋଝ ପଡ଼ିଛି । ହିରୋର ଘର ବ୍ରହ୍ମପୁର ଉପକଣ୍ଠ ତଥା ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ପଞ୍ଚାୟତର ରାମପଲ୍ଲୀ ଗ୍ରାମ । ଗାଁରୁ ବ୍ରହ୍ମପୁରକୁ ଆସିବା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ କୌଣସି ସାଧନ ମଧ୍ୟ ନାହିଁ । ଫଳରେ ହିରୋ ନିୟମିତ ଅନ୍ୟ ଲୋକଙ୍କୁ ଲିଫ୍ଟ ମାଗି ଅଥବା ଚାଲି ଚାଲି ବ୍ରହ୍ମପୁରକୁ ଆସି ବିକ୍ରିବଟା କରି ପୁଣି ସନ୍ଧ୍ୟାରେ ଘରକୁ ଫେରିଥାଏ । ତେବେ ମା' ଗର୍ଭବତୀ ହେବା ପରଠାରୁ ବର୍ତମାନ ପ୍ରସବ ପରେ ଘର ବା ପରିବାର ଚଳାଇବାକୁ କୌଣସି ବ୍ୟବସ୍ଥା ନାହିଁ । ତଥାପି ହାରି ନାହିଁ ହିରୋ । ପରିବାର କହିଲେ ବାପା, ମା', ୮୫ ବର୍ଷୀୟ ଜେଜେମା, ନିଜେ ହିରୋ ଓ ତା ସାଙ୍ଗକୁ ୧୧ ବର୍ଷିୟ, ୯ ବର୍ଷିୟ, ୬ ବର୍ଷୀୟ, ୩ ବର୍ଷିୟ ଏବଂ ନବଜାତ ଶିଶୁ । ବାପାଙ୍କ ସହିତ ମା' ଓ ଜେଜେମାଙ୍କ ମେଡ଼ିକାଲ୍ ଖର୍ଚ୍ଚ ସହିତ କୁନି କୁନି ଭାଇମାନଙ୍କ ଦୈନନ୍ଦିନ ଖର୍ଚ୍ଚ । ସବୁ କିଛି ତୁଲାଇବାକୁ ପଡୁଛି ନାବାଳକ ହିରୋକୁ । ତେବେ ବିକ୍ରିବଟା ପାଇଁ ମା'ଙ୍କୁ ପ୍ରସ୍ତୁତି ଖାଦ୍ୟ ସାମଗ୍ରୀ ନଥିବା ବେଳେ ବଢ଼ି ଯାଇଛି ସମସ୍ୟା ଆଉ ଖର୍ଚ୍ଚ ଭାର । ଅପେକ୍ଷା କେବଳ କେତେ ଶୀଘ୍ର ମା' ହସ୍‌ପିଟାଲ୍‌ରୁ ଘରକୁ ଫେରିବେ ଆଉ ପୂର୍ବଭଳି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କଲେ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିବେ । ତେବେ ଇତି ମଧ୍ୟରେ ତାଙ୍କ ଉପରେ ଦାଉ ସାଜିଛି ଶିଶୁ ଅଧିକାର ସୁରକ୍ଷା ଆଇନ୍ । ନିଜ ପରିବାରର ଗୁଜୁରଣ ପାଇଁ ସେ ବିକ୍ରିବଟା କରୁଥିବା ବେଳେ ତାଙ୍କୁ ଆକଟ କରିଛି ଶ୍ରମ ବିଭାଗ । ଯାହା ସବୁଠାରୁ ଚିନ୍ତାର ବିଷୟ । ସେପଟେ ହୁଗୁଳାପଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପାଠ ପଢୁଥିବା ହିରୋକୁ ଡ଼ୋରି ବାନ୍ଧିବାକୁ ପଡ଼ିଛି । ଚଳିତ ଥର ୩ଟି ପରୀକ୍ଷା ଦେଇଥିବା ବେଳେ ଅନ୍ୟ ୩ଟି ବିଷୟରେ ପରୀକ୍ଷା ଦେବା ସମ୍ଭବପର ହୋଇନଥିବା ସେ ସୂଚନା ଦେଇଛନ୍ତି । ହିରୋଙ୍କ ପାରିବାରିକ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଦୀର୍ଘ ଦିନରୁ ବ୍ରହ୍ମପୁରର ଯୁବ ଆଇନ୍‌ଜୀବୀ ସରୋଜ ଗୌଡ଼ ତାଙ୍କୁ ସହାୟତା ଯୋଗାଇ ଆସୁଛନ୍ତି । ହିରୋଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ଅନେକ ବ୍ୟକ୍ତି ଓ ସଙ୍ଗଠନ ସହଯୋଗ ବଢ଼ାଇବାକୁ ଆଗେଇ ଆସିଛନ୍ତି । ଏପରିକି ଖୋଦ୍ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଦୁଇଟି ପର୍ଯ୍ୟାୟରେ ହିରୋଙ୍କ ପରିବାରକୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିବା କହିଛନ୍ତି ନିଜେ ହିରୋ । ନାବାଳକ ହିରୋ ପ୍ରକୃତରେ ଜଣେ ହିରୋ । ଏଭଳି ବିଷୟବସ୍ତୁ ବା ଷ୍ଟୋରୀକୁ ନେଇ ବହୁ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିବା ବେଳେ ଏହା ହେଉଛି ଏକ ନିଚ୍ଛକ ଦୃଶ୍ୟ । ନାବାଳକ ହିରୋର ବୟସ ମାତ୍ର ୧୪ ବର୍ଷ ହୋଇଥିବା ବେଳେ ତାଙ୍କୁ ସାବାଳକ ହେବା ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ହେବ । ତେବେ ତାଙ୍କର ସଂଘର୍ଷରେ ଗୁଣ୍ଡୁଚି ମୂଷା ଭଳି ଯେ କେହି ବଦାନ୍ୟ ବ୍ୟକ୍ତି ଚାହିଁଲେ ସହାୟତାର ହାତ ବଢ଼ାଇ ତାଙ୍କୁ ସହଯୋଗ କରିପାରିବେ । ସେପଟେ କିନ୍ତୁ ପ୍ରଶାସନ ପକ୍ଷରୁ ମଧ୍ୟ ସହାୟତା ପ୍ରଦାନ କରିବା ସହିତ ନାବାଳକ ହିରୋଙ୍କୁ ସମ୍ମାନର ସହିତ ତାଙ୍କ ପରିବାର ଗୁଜରଣ ପାଇଁ ଅନୁମତି ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଜରାଜୀର୍ଣ୍ଣ ଅବସ୍ଥାରେ ଗୋଷ୍ଠୀ ଶୌଚାଳୟ:ପଡ଼ାବାସୀଙ୍କ ଅସନ୍ତୋଷ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**




"ସ୍ୱଚ୍ଛ ଭାରତ, ସ୍ୱାସ୍ଥ୍ୟ ପରିମଳ" ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆମ୍ବେଦକର ଛକ ୱାର୍ଡ-୨ ଠାରେ ସର୍ବସାଧାରଣଙ୍କ ପାଇଁ ଏକ ଶୌଚାଳୟ (ସରକାରୀ ପାଇଖାନା) ନିର୍ମାଣ କରାଯାଇଥିଲା । ଲୋକମାନଙ୍କ ସୁବିଧା ଓ ଆମ୍ବେଦକର ପଡାର ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ତିଆରି ହୋଇଥିବା ଏହି ପାଇଖାନା ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି । ସ୍ଥାନୀୟ ଆମ୍ବେଦକର ପଡାବାସୀଙ୍କ କହିବା ଅନୁସାରେ, ପାଇଖାନାଟି ତିଆରି ହେବା ପରେ ତାହାର ଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଇନଥିବାରୁ ଦିୱାଲ ଫାଟିଯାଇଛି ଏବଂ ଛାତ ମଧ୍ୟ ନଷ୍ଟ ହୋଇଯାଇଛି । ପାଇଖାନାର ଚାରି ପଟରେ ଅନାବନା ଘାସ ମଧ୍ୟ ଉଠିଗଲାଣି ଫଳରେ ଆମ୍ବେଦକର ପଡ଼ାବାସୀମାନେ ଏହି ପାଇଖାନା ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆମ୍ବେଦକର ପଡ଼ାବାସୀ ମାନଙ୍କ କହିବାନୁସାରେ, ସରକାର ସ୍ୱଚ୍ଛତା ବୃଦ୍ଧି ପାଇଁ ଯୋଜନା ଆରମ୍ଭ କରିଥିଲେ ମଧ୍ୟ ଯଦି ତାହାର ଠିକ୍ ଭାବରେ ରକ୍ଷଣାବେକ୍ଷଣ ଓ ପରିଚାଳନା ହେବନାହିଁ, ତେବେ ଏହି ପ୍ରକଳ୍ପର ଲକ୍ଷ୍ୟ ପୂରଣ ହେବନାହିଁ । ସେହିପରି ଆମ୍ବେଦକର ପଡ଼ାବାସୀମାନେ ସ୍ଥାନୀୟ ପୌର ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରୁଛନ୍ତି। ଏହି ସର୍ବସାଧାରଣ ଶୌଚାଳୟ ଶୀଘ୍ର ମରାମତି କରି ପୁନଃ ବ୍ୟବହାରଯୋଗ୍ୟ କରିବା ପାଇଁ ଦାବି କରିଛନ୍ତି । ଏହା ସହ ଆମ୍ବେଦକର ପଡ଼ାବାସୀ ଓ ସାଧାରଣ ବ୍ୟକ୍ତି ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ପରିବେଶ ରକ୍ଷା ପାଇଁ ପୌର ପ୍ରଶାସନ ଶୀଘ୍ର ପଦକ୍ଷେପ ନେବେ ବୋଲି ସେମାନେ ଆଶା ବ୍ୟକ୍ତ କରିଛନ୍ତି ।

# ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଦୁର୍ବଳ କରୁଛି ଡ୍ରେନେଜ୍ ବିଭାଗ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ନୂତନ ଭାବେ ମାତ୍ର ବର୍ଷେ ତଳେ ନିର୍ମାଣ କରାଯାଇଥିବା ରାସ୍ତାର ଅତୀବ ପାର୍ଶ୍ୱରେ ଡ୍ରେନେଜ୍ ବିଭାଗ ନାଳ ଖୋଳି ଦୁଇ ମାସ ହେବ ପକାଇ ରଖିଥିବା ଯୋଗୁ ଗାଈଗୋରୁଙ୍କ ପାଇଁ ନାଳ ବିପଦପୂର୍ଣ୍ଣ ହୋଇଥିବା ବେଳେ ରାସ୍ତା ଦୁର୍ବଳ ହେଉଛି। ଏ ନେଇ ଆଖିଆପଦା ଡ୍ରେନେଜ୍ ଓ ଭଣ୍ଡାରିପୋଖରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଟେଙ୍କ ଶୋଇ ରହିଛନ୍ତି। ଡ୍ରେନେଜ୍ ବିଭାଗ ତରଫରୁ ଭଣ୍ଡାରିପୋଖରୀ ପାଟୁଳି ଗ୍ରାମ୍ୟ ଉନ୍ନୟନ ରାସ୍ତାର ଆରମ୍ଭ ସ୍ଥଳ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ୧୬୦ ମିଟର ଦୈର୍ଘ୍ୟର ପକ୍କା ନାଳ ତିଆରି କରୁଛି। ଏହା ଉପରେ ମେଡ଼ିକାଲ୍ ତରଫରୁ ଗାଡି ଷ୍ଟାଣ୍ଡ ନିର୍ମାଣର ଯୋଜନା ରହିଛି। କାମ ନେଇଥିବା ଠିକା ସଂସ୍ଥା କାମ କରିସାରିଥିବା ଅଂଶରେ ମାଟି ଫିଲିଂ ନକରି ପକାଇ ରଖିଥିବା ବେଳେ ତ୍ରୁଟିପୂର୍ଣ୍ଣ ଭାବେ ଅଧିକ ୫୦/୬୦ ମିଟର ନାଳ ଖୋଳି ଦେଇଥିବା ସ୍ଥଳେ ଏହାକୁ ପୋତୁନାହିଁ। ମନୋହରପୁର ଗ୍ରାମବାସୀ ଏନେଇ ଅସନ୍ତୋଷ ଜାହିର କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଡ୍ରେନେଜ୍ ବିଭାଗ ବିରୁଦ୍ଧରେ ପଦକ୍ଷେପ ନେବାକୁ ଜଣାଇଛନ୍ତି। ଡ୍ରେନେଜ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଜିତ୍ ନାୟକ ଖୁବ୍‌ଶୀଘ୍ର ନାଳ ପୋତାଯିବ ବୋଲି ମତ ଦେଇଛନ୍ତି।



# ଟାଙ୍ଗରା ଭୂଇଁରେ ସୁନାର ଫସଲ ଫଳାଇ ଉଦାହରଣ ସୃଷ୍ଟି କଲେ ତପସ୍ୱିନୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ହାତ ପାହାନ୍ତାରେ ହୀରାକୁଦ କେନାଲ । ନିକଟରେ ବୁରୋଗାଡ଼ ନାଳା । ହେଲେ ଜମିକୁ ପାଣି ମାଡୁନଥିଲା । ଆଖି ଆଗରେ ପାଣି ବୋହିଯାଉଥିଲେ ବି ଚାଷ ଜମିକୁ ଜଳସେଚନ ହୋଇପାରୁନଥିଲା । ଆଉ ଜମି ସବୁ ପଡ଼ିଆ ହୋଇ ଟାଙ୍ଗରା ଭୂଇଁରେ ପରିଣତ ହୋଇଥିଲା । ଦୀର୍ଘ ବର୍ଷ ପରେ ଶେଷରେ ଘରୁ ପାଦ କାଢ଼ିଥିଲେ ବରପାଲି ବ୍ଲକ ବହିଆପଦର ଗାଁର ୩୪ ବର୍ଷୀୟା ବିବାହିତା ମହିଳା ତପସ୍ୱିନୀ ମାଝୀ । ଉଠାଜଳସେଚନ ବିଭାଜନ ଅଧିକାରୀଙ୍କୁ ଭେଟି ପାଣି ସମସ୍ୟାର ସମାଧାନ ପାଇଁ କରିଥିଲେ ଦୃଷ୍ଟି ଆକର୍ଷଣ । ବାସ ! ଏହାପରେ ୨୦୧୬ ମସିହାରେ ଉଠାଜଳସେଚନ ବିଭାଗ ପକ୍ଷରୁ ବୁରୋଗାଡ଼ ନଦୀରେ ସ୍ୱତନ୍ତ୍ର ଭାବେ କମ୍ୟୁନିଟି ଉଠାଜଳସେଚ ପ୍ରକଳ୍ପ ସ୍ଥାପନ କରାଯାଇଥିଲା । ଆଉ ଏହାପରେ ଟାଙ୍ଗରା ଭୂଇଁକୁ ହୋଇଛି ଜଳସେଚନର ସୁବିଧା । ତପସ୍ୱିନୀ ମୁଣ୍ଡ ଝାଳ ତୁଣ୍ଡେ ଦେଇ ୫ ଏକର ଟାଙ୍ଗରା ଭୂଇଁରେ ଅକ୍ଳାନ୍ତ ପରିଶ୍ରମ କରି କଲରା, କୋବି, ଧାନ ଚାଷ କରି ବର୍ଷକୁ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଅପହଞ୍ଚ ଇଲାକାର ତପସ୍ୱିନୀ ନିଜେ ସ୍ୱାବଲମ୍ବୀ ହେବା ସହିତ ଗାଁର ୬ ଜଣ ବେକାର ଯୁବକ ଯୁବତୀଙ୍କୁ ଦେଇଛନ୍ତି କର୍ମ ନିଯୁକ୍ତିର ଭରପୁର ସୁଯୋଗ । ନବମ ଶ୍ରେଣୀ ପାଠ ପଢିଥିବା ତପସ୍ୱିନୀ ତାଙ୍କ ଦୁଇ ଝିଅଙ୍କୁ ପାଠ ପଢ଼ାଇବା ସହିତ ଘରର ସମସ୍ତ ଖର୍ଚ୍ଚ ନିଜେ ବହନ କରୁଛନ୍ତି । ଆଉ ଏହି ଚାଷ କାମରେ ସ୍ୱାମୀ ଛତ୍ରଧର ପତ୍ନୀ ତପସ୍ୱିନୀଙ୍କୁ ପ୍ରୋତ୍ସାହନ କରିଥାନ୍ତି ।

# ମୋକିମ୍‌ଙ୍କ ନୂତନ ଦଳରେ ସୋଫିଆ ହେବେ ବ୍ରାଣ୍ଡ ଆମ୍ବାସଡ଼ର !

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିବା ପରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍‌ଦୋସ୍‌ଙ୍କ ବିରୋଧରେ ଆକ୍ସନ୍ ନେଇଛି କଂଗ୍ରେସ । ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି । କେବଳ ସୋଫିଆ ନୁହନ୍ତି, ତାଙ୍କ ଶିବିରର ଅନୁଗତ ଭାବେ ନଗର କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା ମଧ୍ୟ ଦଳରୁ ବିଦା ହୋଇଛନ୍ତି । ଏଭଳି ସ୍ଥିତିରେ ବିଧାୟିକାଙ୍କ ରାଜନୈତିକ ଭବିଷ୍ୟତ ଯେ ବାପା ତଥା ପୂର୍ବତନ ବିଧାୟକ ଇଂ. ମହମ୍ମଦ ମୋକିମ୍‌ଙ୍କ ନୂଆ ଯୋଜନା ଓ ନୂଆ ଦଳ ସହ ଆଗକୁ ବଢ଼ିବ ଏଥିରେ ସନ୍ଦେହ ନାହିଁ । ବିଧିବଦ୍ଧ ଭାବେ ସାମିଲ୍ ନହେଲେ ବି ମୋକିମ୍‌ଙ୍କ ନୂଆ ଦଳରେ ବିଧାୟିକା ସୋଫିଆ ବ୍ରାଣ୍ଡ୍ ଆମ୍ବାସଡର୍ ହେବା ଏକରକମ ନିଶ୍ଚିତ । ମୋକିମ୍-ସୋଫିଆ ଶିବିରର ଦୃଢ଼ ସମର୍ଥକ ଭାବେ ଗିରିବାଳା ମଧ୍ୟ ମୋକିମ୍‌ଙ୍କ ସହ ରହିବେ ଏଥିରେ କୌଣସି ସଂଶୟ ନାହିଁ । ଏପରି ସ୍ଥିତିରେ କଟକ ନଗର କଂଗ୍ରେସର ମଙ୍ଗ କିଏ ଧରିବେ ଏବଂ ମୋକିମ୍-ସୋଫିଆଙ୍କ ଶିବିରକୁ ଚାଲେଞ୍ଜ୍ ଦେଇ ସହରରେ କେମିତି ସଂଗଠନ ସକ୍ରିୟ କରାଇବେ ତାକୁ ନେଇ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି । ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ସ୍ଥିତି ଅପେକ୍ଷାକୃତ ମଜଭୁତ୍ କୁହାଯାଏ । କାରଣ ୨୦୧୯ ଓ ୨୦୨୪ରେ ଲଗାତର ଦୁଇଥର ବିଧାନସଭା ଆସନ ଦଖଲ କରିଛି ଦଳ । କିନ୍ତୁ ଏବେ ମୋକିମ୍ ଓ ସୋଫିଆ କଂଗ୍ରେସରୁ ଦୂରେଇଯିବା ପରେ ନଗର କଂଗ୍ରେସ କର୍ମୀମାନେ ଦ୍ୱନ୍ଦ୍ୱରେ ଓ ଦୋଛକିରେ । ଯଦିଓ ଅନେକ ମୋକିମ୍‌ଙ୍କ ସହ ରହିଛନ୍ତି କିନ୍ତୁ କଂଗ୍ରେସ ବିଚାରଧାରାକୁ ବିଶ୍ୱାସ କରୁଥିବା କଟକ ସହରର କିଛି ନେତା, କର୍ମୀ ଦ୍ୱନ୍ଦ୍ୱରେ ପଡିଛନ୍ତି । କଟକ ମହାନଗର ନିଗମ (ସିଏମ୍‌ସି)ରେ ୮ଜଣ କଂଗ୍ରେସ କର୍ପୋରେଟର ମଧ୍ୟ ବିଧିବଦ୍ଧ ଭାବେ ଭାଗବାଣ୍ଟ ହୋଇସାରିଛନ୍ତି । କିଛି କର୍ପୋରେଟର ପିସିସି ସଭାପତି ଭକ୍ତ ଦାସଙ୍କ ଏସ୍‌ସିବି ଗସ୍ତ ସମୟରେ ତାଙ୍କ ସହ ରହିଥିଲେ । ତେଣୁ ସେମାନେ ମୋକିମ୍ ଓ ସୋଫିଆଙ୍କ ଶିବିରରେ ନାହାନ୍ତି ବୋଲି ଧରି ନିଆଯାଇପାରେ । ଏଭଳି ଯାବତୀୟ ଦ୍ୱନ୍ଦ୍ୱ ଭିତରେ ବୁଧବାର କଟକ ସହର ସହିତ ଜଡ଼ିତ କିଛି ଛାମୁଆ କଂଗ୍ରେସ ନେତାଙ୍କୁ ନେଇ ପିସିସି ସଭାପତି ଭକ୍ତ ଦାସ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ପିସିସି କାର୍ଯ୍ୟାଳୟକୁ କିଛି ନେତାଙ୍କୁ ଡକାଯାଇଥିଲା । ନଗର କଂଗ୍ରେସ ନେତୃତ୍ୱ କାହାକୁ ଦିଆଯିବ ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଥିବା ସୂଚନା ମିଳିଛି । ନିକଟରେ ବିଜେଡ଼ିରୁ ଇସ୍ତଫା ଦେଇ କଂଗ୍ରେସ ସହ ହାତ ମିଶାଇଛନ୍ତି ବିଶ୍ୱଜିତ ମହାନ୍ତି । ଦାୟିତ୍ୱ ପାଇବା ଦିନରୁ ସେ କଟକରେ କଂଗ୍ରେସ ବ୍ୟାନରରେ କୌଣସି କାର୍ଯ୍ୟକ୍ରମ କରିନାହାନ୍ତି । ତେଣୁ ମୋକିମ୍ ଓ ସୋଫିଆଙ୍କ ଅନୁପସ୍ଥିତି ବିଶ୍ୱଜିତଙ୍କୁ ସେଭଳି ସୁଯୋଗ ଦେଇଛି । ତାଙ୍କୁ ଦଳ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇପାରେ ବୋଲି କୁହାଯାଉଛି । ସେହିପରି ଦଳର ଯୁବ ଚେହେରା ଆଇନଜୀବୀ ଶାନ୍ତାୟନ ମିଶ୍ର, କର୍ପୋରେଟର ସନ୍ତୋଷ ଭୋଳଙ୍କ ସମେତ ଆଉ କିଛି ପ୍ରମୁଖ ନେତାଙ୍କୁ ନେଇ ଆଲୋଚନା ହେଉଛି । ସେହିପରି ବରିଷ୍ଠ ନେତା ସୁରେଶ ମହାପାତ୍ର ମଧ୍ୟ ନଜରରେ ରହିଛନ୍ତି । ଅଭିଜ୍ଞତା ଦୃଷ୍ଟିରୁ ସେ ଆଗରେ । ଆଗରୁ ନଗର କଂଗ୍ରେସ ଦାୟିତ୍ୱ ତୁଲାଇଛନ୍ତି । ତେବେ ମୋକିମ୍ ଓ ସୋଫିଆଙ୍କ ହାତ ଛାଡ଼ିବା ପରେ, ପିସିସି ସଭାପତି ଯେ କଟକ ନଗର କଂଗ୍ରେସ ଶିବିରକୁ ବିକଳ୍ପ ନେତୃତ୍ୱ ଜରିଆରେ ଏକ୍‌ଜୁଟ୍ କରିବାକୁ ଉଦ୍ୟମ କରୁଛନ୍ତି ସେଭଳି ଆଭାସ ମିଳୁଛି । ଅନ୍ୟପକ୍ଷରେ ସୋଫିଆଙ୍କ ନିଲମ୍ବନ ପରେ ଅସନ୍ତୋଷ ଝାଡ଼ିଛନ୍ତି ମୋକିମ୍ । କହିଛନ୍ତି, ଭାରତରେ ଓ ଓଡ଼ିଶାରେ କଂଗ୍ରେସର ସ୍ଥିତି ଆଜି କିଛି ନାହିଁ । ଯିଏ କଂଗ୍ରେସ ସହିତ ଯୋଡ଼ି ହେବ ତା' ଭବିଷ୍ୟତ ନଷ୍ଟ ହୋଇଯିବ । ଯେଉଁ ଦଳ ସହ ଆମର ଲଢେଇ ଥିଲା, ରାଜ୍ୟସଭା ନିର୍ବାଚନରେ ତାଙ୍କ ସହ ମିଶିବା କଂଗ୍ରେସର ଭୂମିକାକୁ ସନ୍ଦେହ ଘେରକୁ ଆଣିଥିଲା । ସୋଫିଆ ମଧ୍ୟ ତାଙ୍କ ଅସନ୍ତୋଷ ମୋ ସାମ୍ନାରେ କହିଥିଲେ । ତେବେ ଯାହା ହେଲା ଭଲ ହେଲା । ଏବେ ଓଡ଼ିଶା ଜନତା କଂଗ୍ରେସ ନୂଆ ଦଳ ଭାବେ ସାମ୍ନାକୁ ଆସୁଛି । ଯେଉଁ ଯୁବ ନେତାମାନେ ଅନ୍ୟ ଦଳରୁ ନିଲମ୍ବିତ ଓ ବହିଷ୍କୃତ ହୋଇଛନ୍ତି ସେମାନେ ଆମକୁ ସମର୍ଥନ ଦିଅନ୍ତୁ ବୋଲି ମୋକିମ୍ ଆହ୍ୱାନ୍ ଦେଇଛନ୍ତି । ଅନ୍ୟପକ୍ଷରେ ନଗର କଂଗ୍ରେସ ସଭାନେତ୍ରୀ ଥିବା ଗିରିବାଳା କହିଛନ୍ତି, ମୁଁ କ'ଣ ଦଳ ବିରୋଧୀ କାର୍ଯ୍ୟ କରିଛି ସେ କଥା ମୋତେ ନଜଣାଇ ବହିଷ୍କୃତ କରାଯାଇଛି । ମୁଁ କଲେଜ ବେଳୁ କଂଗ୍ରେସ ସହ ଜଡ଼ିତ । କର୍ପୋରେଟର ହୋଇଛି, ମେୟର ନିର୍ବାଚନ ଲଢ଼ିଛି । କଂଗ୍ରେସ ଦଳକୁ ନେଇ ମୋ ଭିତରେ ସେଭଳି କୌଣସି ପ୍ରତିକ୍ରିୟା ନଥିଲା । କିନ୍ତୁ ଏବେ କହୁଛି, କଂଗ୍ରେସ ଯାହା ଟିକେ ସୁକୁସୁକୁ ହେଉଥିଲା ସେତକ ବି ଗଲା । କଂଗ୍ରେସ ଏବେ ମାଫିଆଙ୍କ ଦଳ ହୋଇଯାଇଛି ବୋଲି ଗିରିବାଳା କ୍ଷୋଭର ସହ କହିଛନ୍ତି ।



## ଓଡ଼ିଶା ଲୋକ ଭବନରେ ବିହାର ରାଜ୍ୟର ପ୍ରତିଷ୍ଠା ଦିବସ ପାଳିତ

# ବିଭିନ୍ନ ପରମ୍ପରା ପ୍ରତି ପାରସ୍ପରିକ ସମ୍ମାନ ଜାତୀୟ ଏକତାକୁ ସୁଦୃଢ଼ କରେ : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଭିନ୍ନ ପରମ୍ପରା ପ୍ରତି ପାରସ୍ପରିକ ସମ୍ମାନ ଜାତୀୟ ଏକତାକୁ ସୁଦୃଢ଼ କରେ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି । ରବିବାର ଦିନ ଲୋକ ଭବନର ନୂତନ ଅଭିଷେକ ହଲରେ ବିହାର ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଉଦବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି । ରାଜ୍ୟପାଳ କହିଥିଲେ ଯେ, ଯେତେବେଳେ ଲୋକମାନେ ପରସ୍ପରର ପରମ୍ପରା ପ୍ରତି ଖୋଲା ହୃଦୟରେ ଏବଂ ସମ୍ମାନର ସହିତ ଏକାଠି ହୁଅନ୍ତି, ସେତେବେଳେ ଏକ ଗଭୀର ଆତ୍ମୀୟତାର ଭାବନା ସୃଷ୍ଟି ହୁଏ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ "ଏକ ଭାରତ, ଶ୍ରେଷ୍ଠ ଭାରତ" ଦୃଷ୍ଟିକୋଣ ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି ଯେ ଏହି ଦୃଷ୍ଟିକୋଣର ସାରମର୍ମ ହେଉଛି ଭାବପ୍ରବଣଗତ ଏକତା ଏବଂ ସାଂସ୍କୃତିକ ବୁଝାମଣାକୁ ପ୍ରୋତ୍ସାହିତ କରିବା । ଏପରି ଉତ୍ସବ ଅନେକ ସଂସ୍କୃତି ଦ୍ୱାରା ସମୃଦ୍ଧ ଏକ ରାଷ୍ଟ୍ରର ଧାରଣାକୁ ମଜବୁତ କରେ । ବିହାର ଏବଂ ଓଡିଶା ମଧ୍ୟରେ ଦୃଢ଼ ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ । କଳିଙ୍ଗ ଯୁଦ୍ଧର ପରିବର୍ତ୍ତନକାରୀ ପ୍ରଭାବ ସମେତ ମଗଧ ଏବଂ କଳିଙ୍ଗ ମଧ୍ୟରେ ପ୍ରାଚୀନ ସମ୍ପର୍କକୁ ରାଜ୍ୟପାଳ ସ୍ମରଣ କରାଇଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଉଭୟ ଅଞ୍ଚଳ ପୃଥକ ରାଜ୍ୟ ହେବା ପୂର୍ବରୁ ସମାନ ପ୍ରଶାସନିକ ୟୁନିଟର ଅଂଶ ଥିଲେ । ବିହାରର ସଭ୍ୟତାଗତ ଐତିହ୍ୟକୁ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ବିହାର ରାଜନୈତିକ ଶକ୍ତି, ବୌଦ୍ଧିକ ଉନ୍ନତି ଏବଂ ଆଧ୍ୟାତ୍ମିକ ଜାଗରଣର କେନ୍ଦ୍ର ହୋଇଛି । ସମ୍ରାଟ ଅଶୋକଙ୍କ ପରିବର୍ତ୍ତନ, ବୋଧଗୟାରେ ଭଗବାନ ବୁଦ୍ଧଙ୍କ ଜ୍ଞାନପ୍ରାପ୍ତି, ଭଗବାନ ମହାବୀରଙ୍କ ଶିକ୍ଷା ଏବଂ ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟ ବିହାରର ବିଶ୍ୱ ପ୍ରତି ଅବଦାନର ସ୍ଥାୟୀ ପ୍ରତୀକ ଭାବରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ । ବିହାରର ସ୍ପନ୍ଦନଶୀଳ ସାଂସ୍କୃତିକ ପରମ୍ପରା, ମଧୁବଣୀ ପେଣ୍ଟିଙ୍ଗ ଏବଂ ଛଟ ଭଳି ପର୍ବଗୁଡ଼ିକ ଉପରେ ରାଜ୍ୟପାଳ ଆଲୋକପାତ କରି ଏହା ମାନବ ଜୀବନ ଏବଂ ପ୍ରକୃତି ମଧ୍ୟରେ ସମନ୍ୱୟକୁ ପ୍ରତିଫଳିତ କରେ ବୋଲି ରାଜ୍ୟପାଳ କହିଥିଲେ । ଓଡ଼ିଶାରେ ରହୁଥିବା ବିହାରର ଲୋକଙ୍କୁ ଅଭିନନ୍ଦନ ଜଣାଇ ଓଡ଼ିଶାର ବିକାଶ ଏବଂ ସାଂସ୍କୃତିକ ଜୀବନରେ ସେମାନଙ୍କର ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏପରି ଭାବବିନିମୟର ଉତ୍ସବ ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଥିଲେ ଯେ ଏହା ଆନ୍ତଃରାଜ୍ୟ ସମ୍ପର୍କକୁ ମଜବୁତ କରେ ଏବଂ ଜାତୀୟ ସଂହତିରେ ଅବଦାନ ରଖେ । ଭାରତର ଶକ୍ତି ବିବିଧତା ମଧ୍ୟରେ ଏକତାରେ ନିହିତ । ଏପରି ବନ୍ଧନ ଆମକୁ ଏକ ସୁଦୃଢ଼ ଏବଂ ଅଧିକ ସମାବେଶୀ ଭବିଷ୍ୟତ ଆଡ଼କୁ ମାର୍ଗଦର୍ଶନ କରିବ ବୋଲି କହିଥିଲେ । ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡକ୍ଟର ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିହାରର ମୂଳ ବାସିନ୍ଦା, ଯେଉଁମାନେ ବର୍ତ୍ତମାନ ଓଡ଼ିଶାରେ ବସବାସ କରୁଛନ୍ତି, ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ । ଏଡିଜି ପୋଲିସ (ଆଇନ ଏବଂ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଆକାଉଣ୍ଟାଣ୍ଟ ଜେନେରାଲ ଅତୁଲ ପ୍ରକାଶ ଏବଂ ସହକାରୀ କଲ୍ୟାଣ କମିଶନର ସଞ୍ଜୀବ କୁମାର ବର୍ମା ପ୍ରମୁଖ ବିହାର ରାଜ୍ୟର ଗାରିମାମୟ ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରି ଓଡ଼ିଶା ଓ ବିହାର ରାଜ୍ୟର ସମ୍ପର୍କ ଏବଂ ଓଡ଼ିଶାର ମହାନତା ସମ୍ପର୍କରେ ନିଜର ଅଭିଜ୍ଞତା ଅବତାରଣା କରିଥିଲେ । ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡକ୍ଟର ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଏବଂ ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପରିବହନ ଲକ୍ଷ୍ୟ ହାସଲ କରି ନୂତନ ରେକର୍ଡ ସୃଷ୍ଟି କରିଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥ ୨୦ ମାର୍ଚ୍ଚ ୨୦୨୬ ସୁଦ୍ଧା ୨୭୫ ନିୟୁତ ଟନ୍ ପରିବହନ ଲକ୍ଷ୍ୟ ହାସଲ କରି ପଣ୍ୟ ପରିବହନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି, ଯାହା ନିର୍ଦ୍ଧାରିତ ସମୟର ୧୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରିଛି । ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଜୋନ୍‌ର ଦୃଢ଼ ପରିଚାଳନା ଦକ୍ଷତା ଏବଂ ଦେଶର ପଣ୍ୟ ପରିବହନରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରତିଫଳିତ କରୁଛି ।

ପୂର୍ବତଟ ରେଳପଥ ୨୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨୭୫.୬ ନିୟୁତ ଟନ୍ ପଣ୍ୟ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିର ୨୪୯.୬ ନିୟୁତ ଟନ୍ ସହିତ ତୁଳନା କଲେ ୧୦.୪% ଅଭିବୃଦ୍ଧି ଦର୍ଶାଉଛି ।

ଆଉ ଏକ ପ୍ରମୁଖ ସଫଳତା ସ୍ୱରୂପ, ପୂର୍ବ ତଟ ରେଳପଥ ୨୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨୫୦ ନିୟୁତ ଟନ୍ ଅନଲୋଡିଂ ଅତିକ୍ରମ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୨୩୬.୫ ନିୟୁତ ଟନ୍ ଅନଲୋଡିଂ ସଂଖ୍ୟା ତୁଳନାରେ ଯଥେଷ୍ଟ ଉନ୍ନତି ଆଣିଛି ।

ଏହି ସଫଳତା ସହିତ, ପୂର୍ବତଟ ରେଳପଥ ଲୋଡିଂ ଓ ଅନଲୋଡିଂ କାର୍ଯ୍ୟଦକ୍ଷତାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି, ଯାହା ମାଲ ପରିବହନକୁ ବୃଦ୍ଧି କରିବା ଏବଂ ଭାରତୀୟ ରେଳବାଇର ସାମଗ୍ରିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପ୍ରତି ଏହାର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।



ପଣ୍ୟ ପରିବହନରେ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଏହାର ଆଭ୍ୟନ୍ତରୀଣ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରେ । ନିରନ୍ତର ତଦାରଖ, ଅଭିନବ କାର୍ଯ୍ୟକ୍ଷମ ଅଭ୍ୟାସ ଏବଂ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏହି ମାଇଲଖୁଣ୍ଟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ପୂର୍ବ ତଟ ରେଳପଥ ପଣ୍ୟ ପରିବହନରେ, ବିଶେଷ କରି କୋଇଲା, ଲୁହାପଥର, ଇସ୍ପାତ ଏବଂ ଅନ୍ୟାନ୍ୟ ବଲ୍କ ସାମଗ୍ରୀ ଗୁଡିକରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି, ଯାହା ଦେଶର ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରୁଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୬୧୨ କୋଟି ...

କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଳର ଅଭାବ ଗରିବ ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରେ । ତେଣୁ ସମାଜରେ ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ବିଶୁଦ୍ଧ ଜଳ ପହଞ୍ଚାଇବା ଆମ ଅନ୍ତ୍ୟୋଦୟ ନୀତିର ଅଂଶ ବିଶେଷ । ଆମ ସରକାର ମିଶନ୍ ପାଓ୍ୱାର୍ ଅଧୀନରେ ପ୍ରତିଟି ଅପହଞ୍ଚ ଗାଁ ଏବଂ ପଛୁଆ ଅଞ୍ଚଳକୁ ବିଶୁଦ୍ଧ ଜଳ ଯୋଗାଇବା ପାଇଁ କାର୍ଯ୍ୟ କରୁଛି । କୃଷି କ୍ଷେତ୍ରରେ ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ ନୀତିକୁ ଆମେ ପ୍ରୋତ୍ସାହିତ କରୁଛୁ । 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ମାଧ୍ୟମରେ ବୃକ୍ଷ ରୋପଣ କରିବାରେ ଦେଶରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ନିଜର ସ୍ଥାନ ଅଧିକାର କରିଛି । ଆଗାମୀ ଦିନରେ ଜଳକୁ ନେଇ ଯେପରି କୌଣସି ବିବାଦ ନ ହୁଏ, ସେଥିପାଇଁ ମଧ୍ୟ ଆମ ରାଜ୍ୟ ସନ୍ତୁଳିତ ଜଳ ନୀତି ପ୍ରସ୍ତୁତ କରିଛି ।

ଆଗାମୀ ଦିନମାନଙ୍କରେ ଓଡ଼ିଶାର ଜଳ ସେଚନ ସୁବିଧା ପାଇଁ ଶସ୍ୟର ସାନ୍ଦ୍ରତାକୁ ୨୦୩୬ ସୁଦ୍ଧା ୨୨୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୨୫୦ ପ୍ରତିଶକୁ ବୃଦ୍ଧି କରିବା ହେଉଛି ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାଛଡା ଭୂତଳ ଜଳ ପୁନର୍ଭରଣ ପାଇଁ ଛାତ ଯୋଜନା ଏବଂ ଅରୁଆ ଯୋଜନା ଅଧିନରେ ଅନେକ ରିଚାର୍ଜ ସାଫ୍ଟ ପ୍ରସ୍ତୁତ ସମ୍ପୂର୍ଣ୍ଣ କରାଯାଇଛି ।

କେନାଲ ଲାଇନିଂ ସିଷ୍ଟମ, ରିହାବିଲିଟେସନ୍ ପ୍ରୋଗ୍ରାମ୍, ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ଏବଂ କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପର ସଫଳତା ଆମର ୨୧ ମାସର କାର୍ଯ୍ୟକାରିତାରେ ଏକ ଉତ୍ସାହଜନକ ନିଦର୍ଶନ ଏବଂ ବିଭିନ୍ନ ଜଳସେଚନ ଯୋଜନା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ ।

ସେ ଆହୁରି କହିଥିଲେ ଯେ, ଜଳର ଉପଯୁକ୍ତ ବ୍ୟବହାର ଏବଂ ଶୁଦ୍ଧ ପାନୀୟ ଜଳର ଉପଲବ୍ଧତାକୁ ବୃଦ୍ଧି କରିବା ବର୍ତ୍ତମାନର ଆବଶ୍ୟକତା । ଏଣୁ ଓଡ଼ିଶା ଭିଜନ ଡକୁମେଣ୍ଟ ୨୦୩୬ ଏବଂ ୨୦୪୭ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରୁ ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଜଳ ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ ।

ଏଣୁ ଆମେ ସମସ୍ତେ ସଂକଳ୍ପ ନେବା ଯେ, ଜଳ ପରିଚାଳନରେ ପୁରୁଷ ଓ ମହିଳାଙ୍କ ସମାନ ଭାଗୀଦାରି ଦ୍ୱାରା ହିଁ ଆମେ ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବା । ଜଳକୁ ଜୀବନ ଭରି ଭଲ ପାଇବା ଓ ଏହାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜୀବ ଭବନ ଠାରେ ଶିଶୁ ଯତ୍ନ କେନ୍ଦ୍ର ''କଳିକା''ର ଉଦଘାଟନ କରିବା ସହିତ ଏଆଇ ଚାଳିତ ନାଗରିକ ମତାମତ ବ୍ୟବସ୍ଥା 'ବିନ୍ଦୁ' ଚାଟବୋଟ'ର ପ୍ରାୟୋଗିକ ଶୁଭାରମ୍ଭ କରିଥିଲେ । ଏଥି ସହିତ ଜଳ ସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରୀୟ ଜଳ ଆୟୋଗଙ୍କ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ଏକ କଫି ଟେବୁଲ ବୁକ୍ 'ସୁଜଳା' ଏବଂ ନଦୀ ମାନଚିତ୍ର ବହିର ଉନ୍ମୋଚନ ମଧ୍ୟ ହୋଇଥିଲା ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି କହିଥିଲେ ଯେ, ଯେଉଁ ସ୍ଥାନ ମାନଙ୍କରେ ଲୋୟର ଲେଭେଲ୍ ବ୍ରିଜ୍‌ଗୁଡିକୁ ଭଙ୍ଗାଯାଇ ଅଧିକ ଉଚ୍ଚତା ବିଶିଷ୍ଟ ବ୍ୟାରେଜ ନିର୍ମାଣ କରାଯାଉଛି, ସେ ସ୍ଥାନରେ ପୁରୁଣା ନିମ୍ନ ସ୍ତରରେ ଥିବା ବ୍ରିଜ୍‌ଗୁଡିକୁ ଭଙ୍ଗା ନ ଯାଇ ସେ ସବୁରେ ଗେଟ୍ ଲଗାଇ ଜଳ ସଂରକ୍ଷଣ ନିମିତ୍ତ ବ୍ୟବହାର କରାଯାଉ । ଏହି ପ୍ରସ୍ତାବକୁ ଷ୍ଟଡି କରି ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗର ଫଟୋଚିତ୍ର ପ୍ରଦର୍ଶନୀ ପ୍ରତିବିମ୍ବକୁ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

### ଦୀର୍ଘତମ ଶାସନମୁଖ୍ୟ ...

ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇ ରାଜନୈତିକ ସିଡ଼ିରେ ସେ ଉପରକୁ ଉଠିଥିଲେ । ସେ ୨୦୦୧ରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଏକ ଦଶନ୍ଧିରୁ ଅଧିକ ସମୟ ଧରି ପଦବୀରେ ରହିଥିଲେ ।

ସେ ଗୁଜୁରାଟର ସବୁଠାରୁ ଦୀର୍ଘ ସମୟ ଧରି କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଥିଲେ । ୨୦୧୪ରେ କାର୍ଯ୍ୟଭାର ଗ୍ରହଣ କରିବାଠାରୁ ମୋଦୀ କ୍ରମାଗତ ତିନିଥର (୨୦୧୪, ୨୦୧୯ ଓ ୨୦୨୪) ଲୋକସଭା ନିର୍ବାଚନରେ ଦଳକୁ ବିଜୟୀ କରି ପ୍ରଧାନମନ୍ତ୍ରୀ ପଦ ବଜାୟ ରଖିଛନ୍ତି । ଜୁଲାଇ ୨୦୨୫ରେ ନରେନ୍ଦ୍ର ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ପଛରେ ପକାଇ କ୍ରମାଗତ ଭାବରେ ଦ୍ୱିତୀୟ ଦୀର୍ଘତମ ପ୍ରଧାନମନ୍ତ୍ରୀ ହୋଇଥିଲେ । ଜୁଲାଇ ୨୫, ୨୦୨୫ରେ ସେ କାର୍ଯ୍ୟକାଳର ୪,୦୭୮ ଦିନ ପୂରଣ କରିଥିଲେ । ୧୯୬୬ ମସିହା ଜାନୁଆରୀ ୨୪ ତାରିଖରୁ ୧୯୭୭ ମସିହା ମାର୍ଚ୍ଚ ୨୪ ତାରିଖ ପର୍ଯ୍ୟନ୍ତ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୪,୦୭୭ ଦିନ ଧରି ଅବିରତ କାର୍ଯ୍ୟକାଳରେ ରହିଥିଲେ ।

ପ୍ରଧାନମନ୍ତ୍ରୀ ଭାବରେ ଦୀର୍ଘତମ ଅବିଚ୍ଛିନ୍ନ କାର୍ଯ୍ୟକାଳର ରେକର୍ଡ ଜବାହରଲାଲ ନେହେରୁଙ୍କ ପାଖରେ ରହିଛି । ଉଲ୍ଲେଖଯୋଗ୍ୟ, ଲଗାତାର ତିନି ଲୋକସଭା ନିର୍ବାଚନରେ ତାଙ୍କ ଦଳକୁ ବିଜୟୀ କରାଇବାରେ ପ୍ରଧାନମନ୍ତ୍ରୀ ମୋଦୀ ନେହେରୁଙ୍କ ସହ ସମକକ୍ଷ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ପ୍ରଥମ ଅଣକଂଗ୍ରେସ ନେତା ଯିଏକି ଦୁଇଟି ପୂର୍ଣ୍ଣ କାର୍ଯ୍ୟକାଳ ପୂରଣ କରିଛନ୍ତି ଏବଂ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ସହିତ ଦୁଇଥର ପୁନଃନିର୍ବାଚିତ ହୋଇଛନ୍ତି । ୧୯୭୧ରେ ଇନ୍ଦିରା ଗାନ୍ଧୀଙ୍କ ପରେ ସେ ପ୍ରଥମ କ୍ଷମତାସୀନ ପ୍ରଧାନମନ୍ତ୍ରୀ ଯିଏକି କ୍ରମାଗତ ସାଧାରଣ ନିର୍ବାଚନରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହିତ କ୍ଷମତାକୁ ଫେରିଥିଲେ ।

### ଭାରତର ଜନସେବା ...

ଭାବେ ଏକ ଐତିହାସିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଗୁଜରାଟର ମୁଖ୍ୟମନ୍ତ୍ରୀ ଠାରୁ ଭାରତର ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ତାଙ୍କର ୮,୯୩୧ ଦିନର ନିରନ୍ତର ଜନସେବା, 'ରାଷ୍ଟ୍ର ପ୍ରଥମ'ର ଅତୁଟ ସଂକଳ୍ପ, ଦୃଢ଼ ନେତୃତ୍ୱ ଏବଂ ନିଷ୍କଳଙ୍କ କାର୍ଯ୍ୟଶୈଳୀର ଶକ୍ତିଶାଳୀ ପ୍ରମାଣ ।

ଏହି ସଫଳତା କେବଳ ସମୟର ନୁହେଁ ବରଂ ବିଶ୍ୱାସ, ଦୃଢତା ଏବଂ ସେବା-ସମର୍ପଣର ସେହି ଦୁର୍ଲଭ ଯାତ୍ରାର ପ୍ରତୀକ, ଯେଉଁଠାରେ ନେତୃତ୍ୱ କାର୍ଯ୍ୟରେ ପ୍ରକାଶ ପାଏ ଏବଂ ସେବା ହିଁ ସର୍ବୋଚ୍ଚ ଧର୍ମ ହୋଇଯାଏ । ଏହି ଗୌରବମୟ ଅବସରରେ ଶ୍ରୀ ମୋଦୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ।

### ମଧ୍ୟପ୍ରାଚ୍ୟରେ ଚାଲିଥିବା...

ଦେଶରେ ଲୋକଙ୍କ ଧୈର୍ଯ୍ୟର ଏକ ପରୀକ୍ଷା । ଏଣୁ ଏହି ଆହ୍ୱାନକୁ ଶାନ୍ତି, ଧୈର୍ଯ୍ୟ ଓ ଜନସଚେତନତା ଦ୍ୱାରା ମୁକାବିଲା କରାଯିବ । ପ୍ରଧାନମନ୍ତ୍ରୀ ମୋଦୀ ଏହା ବି କହିଛନ୍ତି ଯେ ବୈଶ୍ୱିକ ଯୋଗାଣ ଶୃଙ୍ଖଳା ଉପୁଜିଥିବା ପରିସ୍ଥିତିର ମୁକାବିଲା ନିମନ୍ତେ ତାଙ୍କ ସରକାର ଲଗାତାର କାମ କରୁଛି । ୨୮ ଫେବୃୟାରୀରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଆମେରିକା ଓ ଇସ୍ରାଏଲ ଇରାନକୁ ଆକ୍ରମଣ କରିବା ପରିସ୍ଥିତିକୁ ବିଗାଡି ଦେଇଛି ।

ଜବାବରେ ଇସ୍ରାଏଲ ଓ ଗଲ୍ଫ ଦେଶଙ୍କ ଉପରେ ଇରାନ ଆକ୍ରମଣ କରୁଛି । ଇରାନ ନିୟନ୍ତ୍ରଣରେ ଥିବା ଷ୍ଟ୍ରେଟ୍ ଅଫ ହର୍ମୁଜ ଦେଇ ଯୁଦ୍ଧ ପରଠାରୁ ଜାହାଜ ଯାତାୟାତ ସୀମିତ ହୋଇଯାଇଛି । ଏହାର ପ୍ରଭାବ ଭାରତ ସମେତ ବିଭିନ୍ନ ଦେଶଙ୍କ ଶକ୍ତି ଯୋଗାଣ ଉପରେ ପଡିଛି । ପରିସ୍ଥିତିକୁ ନିୟନ୍ତ୍ରିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ସାଉଦୀ ଆରବ, ୟୁଏଇ, କତାର, ବାହାରୀ, କ୍ୱେତ୍, ଜୋର୍ଡାନ, ଫ୍ରାନ୍ସ, ମାଲେସିୟା, ଇସ୍ରାଏଲ ଓ ଇରାନ ନେତାଙ୍କ ସହ ଆଲୋଚନା କରିଛନ୍ତି ।

### ଓଡ଼ିଶା ଓ ଗୁଜରାଟ...

କରିଥିଲେ । ଏହିଭଳି ପଦକ୍ଷେପ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ସ୍ଥାୟୀ ସମ୍ପର୍କ ଗଠନ କରିବାରେ ସହାୟକ ହେବ ।

ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମରେ ଗୁଜରାଟରେ ରହୁଥିବା ଓଡ଼ିଆ ପ୍ରବାସୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ନିଜର ଅନୁଭୂତି ଓ ମାଟି ସହ ରହିଥିବା ନିବିଡ଼ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ । ଗୁଜରାଟ ଭଳି ସ୍ଥାନରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ହସ୍ତତନ୍ତ, ଖାଦ୍ୟ ଏବଂ ପରମ୍ପରାର ପ୍ରଦର୍ଶନକୁ ନେଇ ସେମାନେ ଗର୍ବ ଅନୁଭବ କରିଥିଲେ । ଏହି ମିଳନୀ ନିଜର ସାଂସ୍କୃତିକ ପରିଚୟ ବଜାୟ ରଖିବା ସହ ନୂତନ ସୁଯୋଗକୁ ଆପଣେଇବା ଦିଗରେ ସମୁଦାୟର ଅଂଶଗ୍ରହଣ କେତେ ଜରୁରୀ, ତାହା ପୁନଃ ପ୍ରତିପାଦିତ କରିଥିଲା । ବର୍ତ୍ତମାନ ଓଡ଼ିଶା ପର୍ବରେ ଅହମ୍ମଦାବାଦର ବହୁ ସଂଖ୍ୟକ ଲୋକ ଯୋଗ ଦେଇ ଓଡ଼ିଶାର କଳା, କାରୁକାର୍ଯ୍ୟ ଏବଂ ପର୍ଯ୍ୟଟନ ଶିଳ୍ପର ଭୂୟସୀ ପ୍ରଶଂସା କରୁଛନ୍ତି ।

### ଏଲପିଜି ସଙ୍କଟରୁ ...

କରିବ । ଏହା ପରେ ସୋମବାର ସକାଳେ ପ୍ରସ୍ଥାନ କରିବ ।

ମାଙ୍ଗାଲୁରୁ ବନ୍ଦରରେ ପହଞ୍ଚିଥିବା ଏହି ଜାହାଜ କେବଳ ଆରମ୍ଭ । ଆଗାମୀ ସପ୍ତାହରେ ଆଉ ଦୁଇଟି ବଡ଼ ଏଲପିଜି ଜାହାଜ ଭାରତରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ମାର୍ଚ୍ଚ ୨୫ ତାରିଖରେ, ଆପୋଲୋ ମହାସାଗର ପ୍ରାୟ ୨୬,୮୮୭ ଟନ୍ ଗ୍ୟାସ୍ ନେଇ ଆସିବ, ଯାହା ଇଣ୍ଡିଆନ୍ ଅଏଲ୍ ଏବଂ ଭାରତ ପେଟ୍ରୋଲିୟମର ଆବଶ୍ୟକତା ପୂରଣ କରିବ । ଏହାପରେ ମାର୍ଚ୍ଚ ୨୯ ତାରିଖରେ, ଏଚପିସିଏଲ୍ ପାଇଁ ୩୦ ହଜାର ଟନ୍ ଗ୍ୟାସ୍ ନେଇ ଆଉ ଏକ ଜାହାଜ ଆସିବ । ଏହାର ଅର୍ଥ ହେଉଛି ଏହି ଗୋଟିଏ ସପ୍ତାହ ମଧ୍ୟରେ, କେବଳ ମାଙ୍ଗାଲୁରୁ ୭୨,୭୦୦ ଟନ୍ ରୁ ଅଧିକ ରନ୍ଧନ ଗ୍ୟାସ୍ ପାଇବ । ଏହି ଗ୍ୟାସ୍ କେବଳ ମାଙ୍ଗାଲୁରୁ ପାଇଁ ନୁହେଁ, ଏହାକୁ ଏଚପିସିଏଲର ପାଇପଲାଇନ୍ ମାଧ୍ୟମରେ ବେଙ୍ଗାଲୁରୁ ଏବଂ ଦକ୍ଷିଣ ଭାରତର ଅନ୍ୟାନ୍ୟ ସ୍ଥାନକୁ ପଠାଯିବ, ଯାହା ଲକ୍ଷ ଲକ୍ଷ ପରିବାରକୁ ଆଶ୍ୱସ୍ତି ଦେବ ।

### ୨୪ ବର୍ଷ ପରେ...

ଶରୀର ଚଳପ୍ରଚଳ ହୁଏ ନାହିଁ, ସେତେବେଳେ ହୃଦଘାତ, ମଧୁମେହ, ଉଚ୍ଚ ରକ୍ତଚାପ ଏବଂ କର୍କଟ ଭଳି ଅଣ-ସଂକ୍ରାମକ ରୋଗର ଆଶଙ୍କା ବଢ଼ିଯାଏ । ତଥ୍ୟ ମୁତାବକ ଭାରତରେ ମହିଳାମାନଙ୍କ ମଧ୍ୟରେ ଅଳସୁଆମି ଅଧିକ ଦେଖିବାକୁ ମିଳୁଛି । ୨୦୨୨ର ତଥ୍ୟ ଅନୁସାରେ, ପ୍ରାୟ ୫୭ ପ୍ରତିଶତ ମହିଳା ଶାରୀରିକ ଭାବେ ସକ୍ରିୟ ନୁହନ୍ତି, ଯେଉଁଠି ପୁରୁଷଙ୍କ କ୍ଷେତ୍ରରେ ଏହି ହାର ୪୨ ପ୍ରତିଶତ ରହିଛି । ସହରୀ ଜୀବନଶୈଳୀ, ଡେସ୍କ ଜବ୍ ଏବଂ ଡିଜିଟାଲ୍ ସ୍କ୍ରିନ୍ ସାମ୍ନାରେ ଅଧିକ ସମୟ ବିତାଇବା ଏହାର ମୁଖ୍ୟ କାରଣ ।

# ନିଲମ୍ବିତ ୬ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯିବ ବିଜେଡି : ଲେଲିନ ମହାନ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବିଜେଡ଼ିରୁ ନିଲମ୍ବିତ ୬ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯିବ ବିଜେଡି । ପ୍ରଥମେ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ଅବଗତ କରିବ ବିଜେଡ଼ି । ଆସନ୍ତା ୨ ଦିନ ମଧ୍ୟରେ ଏ ନେଇ ବିଧାନସଭା ବାଚସ୍ପତି ବିଜେଡ଼ି ପକ୍ଷରୁ ଅବଗତ କରାଯିବ ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ।

ଯଦି ବାଚସ୍ପତିଙ୍କ ନିକଟରେ କିଛି ନ ହୁଏ ତାହା ହେଲେ ହାଇକୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବିଜେଡି ଯିବ । ୬ ଜଣ ବିଧାୟକ ଏହି ଘଟଣାକୁ ସହଜରେ ନ ନିଅନ୍ତୁ ବୋଲି କହିଛନ୍ତି ମୁଖପାତ୍ର ଲେଲିନ ମହାନ୍ତି । ସେ କହିଛନ୍ତି ଯେ, ସେମାନେ ଯଦି ଭାବୁଛନ୍ତି ଦିଲ୍ଲୀପ ରାୟଙ୍କ ସାହାଯ୍ୟରେ ସେ ବଞ୍ଚିଯିବେ ତାହା ଭୁଲ । ଏହି ବିଧାୟକ ମାନେ ରାଜ୍ୟ ଦଳ ପାଇଁ ଅନ୍ୟାୟ କରିଛନ୍ତି ବିଜେଡି ଛାଡ଼ିବ ନାହିଁ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ରାଜ୍ୟସଭା ନିର୍ବାଚନରେ ଦଳ ବିରୋଧରେ ଯାଇ ବସ୍ତା ବିଧାୟକ ସୁବାସୀନି ଜେନା, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାଲଗୁଡା ବିଧାୟକ ଚକ୍ରମଣି କହଁର, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ କ୍ରସ ଭୋଟିଂ କରିଥିଲେ । ବିଜେଡି ଓ କଂଗ୍ରେସ ଦଳର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେଇ ନ ଥିଲେ । ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଏହି ୬ ଜଣ ବିଧାୟକ ଭୋଟ ଦେଇଥିଲେ । ଏହାକୁ ନେଇ ବିଜେଡି ପକ୍ଷରୁ ୬ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । ନୋଟିସର ଉତ୍ତର ଗତ ୨୦ ତାରିଖ ସୁଦ୍ଧା ଦେବାକୁ ଦର୍ଶାଯାଇଥିଲା । ୬ ଜଣ ବିଧାୟକ ନୋଟିସର ଉତ୍ତରରେ ଉଲ୍ଲେଖ କରିଥିଲେ ଯେ ଏଭଳି ନୋଟିସ୍ ଆଇନ୍ ଅନୁଯାୟୀ ଅସିଦ୍ଧ । ସୁପ୍ରିମକୋର୍ଟ ଏବଂ ଇସିଆଇର ନିୟମ ଉଲଂଘନ ମଧ୍ୟ କରୁଛି । ତେବେ ଏଭଳି ନୋଟିସରୁ ଦଳ କ୍ଷାନ୍ତ ରହୁ ବୋଲି ମଧ୍ୟ ଅନୁରୋଧ କରିଥିଲେ । ରାଜ୍ୟସଭା ନିର୍ବାଚନରେ ଆମେ ସ୍ୱାଧୀନ ମତଦାନ କରି କୌଣସି ଆଇନର ଉଲ୍ଲଘଂନ କରିନାହୁଁ । ରାଜ୍ୟସଭା ନିର୍ବାଚନରେ ସ୍ୱାଧୀନ ମତଦାନ କରିବା ପାଇଁ ଜଣେ ଭୋଟରଙ୍କୁ ସମ୍ବିଧାନର ଦଶମ ସୂଚୀ ମୁତାବକ ଦଣ୍ଡ ବ୍ୟବସ୍ଥାର ଲାଗୁ ହୁଏ ନାହିଁ ବୋଲି ଦର୍ଶାଇଥିଲେ । ଏହା ପରେ ନବୀନଙ୍କ ଅଧ୍ୟକ୍ଷତାରେ ବିଜେଡିର ପିଏସି ବୈଠକ ଅନୁଷ୍ଠିତ ହୋଇଥିଲା । ବିଜେଡିର ଶୃଙ୍ଖଳା କମିଟି ରିପୋର୍ଟକୁ ଆଧାର କରି ଦଳର ସୁପ୍ରିମୋ କ୍ରସ ଭୋଟିଂ କରିଥିବା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ । କ୍ରସ ଭୋଟିଂ କରିଥିବା ୬ ବିଧାୟକଙ୍କୁ ନିଲମ୍ବିତ କରିଥିଲେ

# ବିଜେଡି ବିଧାୟକଙ୍କ କ୍ରସ ଭୋଟିଂକୁ ନେଇ ବର୍ଷିଲେ ମେୟର

**କଟକ, ନ୍ୟୁଜ ବ୍ୟୁରୋ**



ବିଜେଡି ବିଧାୟକଙ୍କ କ୍ରସ ଭୋଟିଂକୁ ନେଇ କଟକ ମେୟର ସୁବାଷ ସିଂହଙ୍କ ସାମ୍ବାଦିକ ସମ୍ମିଳନୀ । ଦଳକୁ ଦୁର୍ବଳ କରିବା ପାଇଁ ସାଧାରଣ ନିର୍ବାଚନ ପରେ ଷଡଯନ୍ତ୍ର ଆରମ୍ଭ ହୋଇଥିଲା କହିଲେ ମେୟର । ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ଦଳ ସୁପ୍ରିମୋଙ୍କ ପାଖରେ ଥିଲା ।ସେଥିପାଇଁ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡଙ୍କୁ ନିଲମ୍ବିତ କରାଯାଇଥିବା ସେ କହିଛନ୍ତି । ସେ ଆହୁରି ବି କହିଛନ୍ତି, ସେହି କାରଣରୁ ବର୍ତ୍ତମାନ ଛଅ ଜଣ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରାଯାଇଛି । କଟକର ଦୁଇ ବିଧାୟକ ଏହି ଷଡଯନ୍ତ୍ରରେ ସାମିଲ ଥିଲେ । ଏହି ଦୁଇ ବିଧାୟକ ନିଶ୍ଚିତ ଦଳରୁ ବହିଷ୍କୃତ ହେବେ । ଏ ନେଇ ଦଳ ପକ୍ଷରୁ ପଦକ୍ଷେପ ନିଆଯାଇଛି । ସେହିପରିଘୋଡା ବେପାର କଥା ଲୁଚାଇବାକୁ ନିଲମ୍ବିତ ବିଧାୟକ ବିଭିନ୍ନ ବାହାନା କରୁଛନ୍ତି ।ବିଜେଡିକୁ ଦୁର୍ବଳ କରିବା ପାଇଁ ଦେବୀ ତ୍ରିପାଠୀ ବହୁ ପୂର୍ବରୁ ଷଡଯନ୍ତ୍ରରେ ସାମିଲ ଥିଲେ । ବିଜେଡିରୁ ନିଲମ୍ବିତ ସବୁ ବିଧାୟକ ଖତ ହେଇଯିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ମେୟର ସୁବାସ ସିଂହ କହିଛନ୍ତି ।

# ପୁଅକୁ ଫେରାଇ ଆଣିବା ପାଇଁ ବୈଜୟନ୍ତ ପଣ୍ଡାଙ୍କୁ ଆକୁଳ ନିବେଦନ କଲେ ମାଆ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁର ଗ୍ରାମର ବିଜୟ କୁମାର ରାଉତଙ୍କ ବଡ଼ପୁଅ ବିରେନ କୁମାର ରାଉତ ପରିବାରର ଆର୍ଥିକ ସ୍ଥିତି ଖରାପ ଥିବାରୁ ଦାଦନ ଖଟିବାକୁ ଦୁବାଇ ଚାଲିଯାଇଥିଲେ । ଶ୍ରମିକ ଜଣକ ଦୁବାଇରେ ଫସିଥିବା ନେଇ ତାଙ୍କ ମାଆ ଅଭିଯୋଗ କରିଛନ୍ତି । ସେଠାରେ କାମ କରୁଥିବା ସମୟରେ ମାତ୍ର ଥରେ ଘରକୁ ଟଙ୍କା ପଠାଇଥିଲେ । ଏହା ପରେ ଆଉ ଟଙ୍କା ପଠାଇ ନାହାନ୍ତି । ଏ ନେଇ ମୋବାଇଲ ଯୋଗାଯୋଗ କରିବାରୁ କମ୍ପାନୀ ତାଙ୍କୁ ହଇରାଣ କରୁଥିବା ନେଇ ସେ କହିଥିଲେ । ଦୀର୍ଘ ୨ ବର୍ଷ ହେଲା ପରିବାର ଲୋକଙ୍କ ସହିତ ତାଙ୍କର ଆଉ ଯୋଗାଯୋଗ ହୋଇପାରିନାହିଁ । ଏ ନେଇ ମା ଭାରତୀ ପୁଅକୁ ଦୁବାଇ ପଠାଇଥିବା ରାଜନଗର ବ୍ଲକ ଡେରା ଗ୍ରାମର ଏଜେଣ୍ଟ ଚଗୁଲୁ ବେହେରା ନାମରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି । ବିରେନ ଛାଡି ଯାଇଥିବା ସ୍ତ୍ରୀ ଓ ଛୋଟ ଛୋଟ ପୁଅ ଝିଅ ଙ୍କୁ ଗାଁ ରେ ଛାଡି ବାହାର ଦେଶ କୁ ଯାଇଥିଲେ । ତାଙ୍କ ସ୍ୱାମୀ (ବିରେନ) ଦୁବାଇ ଯାଇଥିବା ବେଳେ କରିଥିବା ଧାର କରଜ ଟଙ୍କା କୁ ଶୁଝିବା ପାଇଁ ସ୍ତ୍ରୀ ନିଜ ଶାଶୁ ଭାରତୀଙ୍କ ପାଖରେ ପିଲା ଙ୍କୁ ଛାଡି ଦାଦନ ଖଟିବା ପାଇଁ କେରଳ ରାଜ୍ୟକୁ ଚାଲି ଯାଇଛନ୍ତି । ମା ଭାରତୀ ବାଧ୍ୟ ହୋଇ ରାଜନଗର ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ କାନ୍ଦି କାନ୍ଦି ନିଜ କହିଛନ୍ତି ମୋ ପୁଅ କୁ ବିଦେଶରୁ ଫେରାଇ ଆଣିବାକୁ ସରକାର ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଆକୁଳ ନିବେଦନ କରିଛନ୍ତି ।

# ନୂଆ ଚିନି କାରଖାନା ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ : ନୟାଗଡ଼ରେ ୩ ଜଣିଆ ପ୍ରତିନିଧି ଦଳ

**ନୟାଗଡ଼, ନ୍ୟୁଜ ବ୍ୟୁରୋ**

ନୟାଗଡ଼ ଜିଲ୍ଲାରେ ନୂଆ ଚିନି କାରଖାନା ସ୍ଥାପନ ପାଇଁ ପ୍ରାଥମିକ ପ୍ରକ୍ରିୟା ଆରମ୍ଭ ହୋଇଛି । ସ୍ଥାନ ଚିହ୍ନଟ ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି । ସମବାୟ ମନ୍ତ୍ରଣାଳୟ ଅଧିନରେ ଇଣ୍ଡିଆନ ପୋଟାସ ଲିମିଟେଡ ଦ୍ୱାରା ନୂତନ ଚିନି କାରଖାନା ସ୍ଥାପନ କରାଯିବ । ପୂର୍ବରୁ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଘୋଷଣା କରିଥିଲେ । ଇଣ୍ଡିଆନ ପୋଟାସ ଲିମିଟେଡ ଦ୍ୱାରା ୩ ଜଣିଆ ପ୍ରତିନିଧି ଦଳ ପହଞ୍ଚି ଜିଲ୍ଲା ପ୍ରଶାସନ ସହଯୋଗରେ ଚିନିକଳ ସ୍ଥାପନ ପାଇଁ ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି । ଖୁବଶୀଘ୍ର ନୂଆ ଚିନିକଳ ସ୍ଥାପନ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

ନୟାଗଡ଼ ଜିଲ୍ଲାରେ ଚିନି କାରଖାନା ସ୍ଥାପନା ନେଇ ସ୍ଥାନୀୟବାସୀଙ୍କ ମଧ୍ୟରେ ଏକ ଉତ୍ସାହ ଦେଖା ଦେଇଛି । ଏହା ଦ୍ୱାରା ଅଞ୍ଚଳର ଆଖୁ ଚାଷୀମାନେ ଜୀବିକା ପାଇବେ । ଚାଷୀଙ୍କ ଆୟ ବୃଦ୍ଧି ପାଇବ । ସ୍ଥାନୀୟ ଯୁବମାନଙ୍କ ପାଇଁ ନୂତନ ଚାକିରି ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି ।ସରକାରଙ୍କ ଅନୁମତିକୁ ଅପେକ୍ଷା:ନୟାଗଡ଼ ବ୍ଲକର ବାଲୁଗାଁ ନିକଟରେପୁରୁଣା ଚିନିକଳ ନିକଟରେ ଥିବା ୭୦ ଏକର ସ୍ଥାନ ସହିତ ନିକଟରେ ଥିବା ଅନ୍ୟ ସ୍ଥାନ ଗୁଡିକୁ ଏହି ଅନୁଧାନ ଦଳ ପରିଦର୍ଶନ କରିଛନ୍ତି । ନୟାଗଡ଼ ବ୍ଲକର ଗୁମି ନିକଟରେ ଥିବା ସ୍ଥାନଙ୍କୁ ମଧ୍ୟ ବୁଲି ଦେଖିଛନ୍ତି । ପାଖାପାଖି ୨ରୁ ୩ଟି ସ୍ଥାନ ଅନୁଧାନ କରାଯାଇଥିଲା । ପରିଦର୍ଶନ ସମ୍ପର୍କିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ । ଏହା ପରେ ଖୁବଶୀଘ୍ର ନୟାଗଡ଼ରେ ଚିକିକଳ ପ୍ରତିଷ୍ଠା ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜିଲ୍ଲା ପ୍ରଶାସନ କହିଛନ୍ତି । ଚିନି କଳ ପାଇଁ ରୋଡ ମ୍ୟାପ ପ୍ରସ୍ତୁତ:ନୟାଗଡ଼ରେ ଚିନିକଳ ସ୍ଥାପନ ପାଇଁ ପୁରୀ ସାଂସଦ ସମ୍ବିତ ପାତ୍ର ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଜିତିବାର ୧୦୦ ଦିନ ମଧ୍ୟରେ ନୟାଗଡ଼ରେ ଚିନିକଳ ସ୍ଥାପନ ହେବ ବୋଲି କହିଥିଲେ । 'ନିର୍ଦ୍ଧାରିତ ସମୟ ମଧ୍ୟରେ ଚିନିକଳ ସ୍ଥାପନ ପାଇଁ ରୋଡ ମ୍ୟାପ ସରିଛି ବୋଲି ସେ କହିଛନ୍ତି । ଏବେ ସ୍ଥାନ ଚିହ୍ନଟ ପାଇଁ ପ୍ରକ୍ରିୟା ଚାଲିଛି,' ବୋଲି ସାଂସଦ କହିଛନ୍ତି । ଏଥିପାଇଁ ସେ ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ଅଧିକାରୀ, ଓଡ଼ିଶା ସରକାର ବରିଷ୍ଠ ଅଧିକାରୀଙ୍କ ସହିତ ନୟାଗଡ଼ରେ ନୂଆ ଚିନିକଳ ସ୍ଥାପନ ପାଇଁ ଆଲୋଚନା କରିଥିବା ପୁରୀ ସାଂସଦ କହିଛନ୍ତି । ନୟାଗଡ଼ରେ ନୂଆ ଚିନିକଳ ପ୍ରତିଷ୍ଠା ପାଇଁ ସରକାର ଘୋଷଣା କରିବା ପରେ ନୟାଗଡ଼ ତହସିଲ ପକ୍ଷରୁ ଗମେଇ ଅଞ୍ଚଳରେ ୪୦ ଏକର ଜମି ଚିହ୍ନଟ କରାଯାଇଥିଲା । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ପାଣିପୋଇଲାସ୍ଥିତ ପୁରୁଣା ଚିନିକଳ ନିକଟରେ ଥିବା ୭୦ ଏକର ସ୍ଥାନରେ ନୂଆ ଚିନିକଳ ସ୍ଥାପନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଏହାର ଅନୁଧାନ ପାଇଁ ଆଇପିଏଲ୍ ଟେକ୍‌ନିକାଲ୍ ଦଳ ନୟାଗଡ଼ରେ ପହଞ୍ଚି ଚିନିଶିଳ୍ପ ପାଇଁ ସ୍ଥାନ ନିରୀକ୍ଷଣ କରିଛନ୍ତି । ପାଣି ପୋଇଲା ଠାରେ ଥିବା ପୁରୁଣା ଚିନିକଳଟି ଅତୁଆ ସୂତାରେ ଛନ୍ଦି ହୋଇପଡିଛି । କୋର୍ଟରେ ଏହା ବିରୋଧରେ ୮୪୦ କୋଟି ଟଙ୍କାର ମାମଲା ରହିଛି । ଏଣୁ ପୁରୁଣା ଚିନିକଳକୁ ପୁନରୁଦ୍ଧାର କରିବା ସମ୍ଭବ ନୁହେଁ ବୋଲି ସମ୍ବିତ ପାତ୍ର କହିଛନ୍ତି । ଚିନି କାରଖାନା ସ୍ଥାପନ ପାଇଁ ଇଣ୍ଡିଆନ ପୋଟାସ ଲିମିଟେଡ଼ ଦଳର ଅଧିକାରୀମାନେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛନ୍ତି । କ୍ଷେତ୍ର ପରିଦର୍ଶନ ବେଳେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ସମେତ ସେବା ସମବାୟ ସମିତିର ଅଧିକାରୀଙ୍କ ସମେତ କୃଷି ବିଭାଗ ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ସମୟରେ ବିଶେଷଜ୍ଞ ଦଳ ଉପଯୁକ୍ତ ସ୍ଥାନରେ ଚିନିକଳ ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛନ୍ତି ।

ଭୁବନେଶ୍ୱର,
୨୩ମାର୍ଚ୍ଚ, ସୋମବାର,
୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# କଣ୍ଠଶିଳ୍ପୀ ଦୀପ୍ତିରେଖାଙ୍କ ଭଜନ 'ଦୁର୍ଗତି ନାଶିନୀ ମା'ର ଭିଡିଓକୁ ସେୟାର କଲେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୨୨।୩ ନ୍ୟୁଜ ବ୍ୟୁରୋ**

କଣ୍ଠଶିଳ୍ପୀ ଦୀପ୍ତିରେଖାଙ୍କ ଭଜନ 'ଦୁର୍ଗତି ନାଶିନୀ ମା'ର ଭିଡିଓକୁ ସେୟାର କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଚୈତ୍ର ନବରାତ୍ରୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ସୋସିଆଲ୍ ମିଡିଆ ପେଜରେ ଏହି ଭକ୍ତିମୟ ଓଡ଼ିଆ ଗୀତର ୟୁଟ୍ୟୁବ୍ ଲିଙ୍କ୍ ସେୟାର କରିଛନ୍ତି । ଗୀତର ଲିଙ୍କ ସେୟାର କରି କ୍ୟାପସନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଲେଖିଛନ୍ତି, ମାତା ଦେବୀଙ୍କ ପ୍ରତି ଭକ୍ତିରେ ଅପାର ଶକ୍ତି ରହିଛି । ମାତା ଦେବୀଙ୍କ ପୂଜା କରିବା ଦ୍ୱାରା ଭକ୍ତଙ୍କ ମନ ସକାରାତ୍ମକ ଶକ୍ତିରେ ପରିପୂର୍ଣ୍ଣ ହୋଇଯାଏ।




# ଆଉ ୩ ଦିନ ପରେ ରୁକୁଣା ରଥଯାତ୍ରା : ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ରଥ ନିର୍ମାଣ

**ଭୁବନେଶ୍ୱର,୨୨/୦୩ ନ୍ୟୁଜ ବ୍ୟୁରୋ**

ଅଶୋକାଷ୍ଟମୀକୁ ଆଉ ମାତ୍ର ୩ ଦିନ । ଏହି ପବିତ୍ର ଦିନରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ, ଦୋଳ ଗୋବିନ୍ଦ ଓ ଦେବୀ ରୁକ୍ମିଣୀ ରାମେଶ୍ୱର ଅଭିମୁଖେ ରୁକୁଣା ରଥରେ ଯାତ୍ରା କରିବେ। ଏଥର ରଥକୁ ନୂଆ ରୂପରେ ଦେଖିବାକୁ ମିଳିବ । କାରଣ ଚଳିତବର୍ଷ ପାର୍ଶ୍ୱ ଦେବଦେବୀ, ଘୋଡ଼ା, ଶୁଆ, ଦଧିନଉତି ଆଦି ନୂଆ କରାଯାଇଛି । ଏମିତିରେ ରଥର ବାକି ସମସ୍ତ ଅଂଶ ପ୍ରତିବର୍ଷ ନୂଆ କରି ନିର୍ମାଣ କରାଯାଏ । ୪୫ ଫୁଟ ଉଚ୍ଚତା ଓ ୨୭ ଫୁଟ ଓସାରର ରଥ ତିଆରି କାମରେ ଲାଗିଛନ୍ତି ୬୧ ଜଣ କାରିଗର । ରଥର ୨ୟ ଓ ୩ୟ ଭୂଇଁ ଉଠି ସାରିଛି । ରବିବାର ପୋଟଳ ବାଡ଼ିଆ ହୋଇ ୪ ଦୁଆର କାମ ହୋଇଛି । ଦର୍ଜି ସେବାୟତଙ୍କ କପଡ଼ା ଆବରଣ ସରି ବୁଧବାର ସନ୍ଧ୍ୟାରେ ମନ୍ଦିର ପ୍ରଶାସନକୁ ରଥ ହସ୍ତାନ୍ତର କରାଯିବ । ସେହି ରାତିରେ ରଥ ପ୍ରତିଷ୍ଠା ନୀତି ହେବ। ଦିନ ଯେତିକି ପାଖେଇ ଆସୁଛି ରୁକୁଣା ରଥ ଯାତ୍ରା ପାଇଁ ସମସ୍ତଙ୍କ ମନରେ ଉତ୍ସାହ ସେତିକି ବଢ଼ିବାରେ ଲାଗିଛି । ରଥ ପାଇଁ ମହାରଣା କାରିଗରମାନେ ରବିବାର ନୂଆ ଦଧିନଉତି ନିର୍ମାଣ ସାରି ରଙ୍ଗ ପାଇଁ ହସ୍ତାନ୍ତର କରିଛନ୍ତି ବୋଲି ମୁଖ୍ୟ ମହାରଣା ସେବାୟତ ସୋମନାଥ ମହାରଣା ଓ ପାଳିଆ ସେବାୟତ ପୁଲିନ ବିହାରି ମହାରଣା କହିଛନ୍ତି। ପ୍ରାୟ ୬୦ କିଲୋ ଓଜନ ଏହି ଦଧିନଉତିର ଉଚ୍ଚତା ଅଢେଇ ଫୁଟ ଓ ଚଉଡା ୩ ଫୁଟ । ଏଥିରେ ଝୁଲ ଏବଂ ଘୁଙ୍ଗୁର ମଧ୍ୟ ଲାଗି ହେବ। ଉପରେ ଦାନ ଏବଂ ତପ ନାମକ ୨ଟି ଶୁକ ପକ୍ଷୀ ଲଗାଯିବ । ଶୀର୍ଷରେ ରଥ ଧ୍ୱଜା ଲାଗିବ ।



# ରଥଯାତ୍ରା ପାଇଁ ସରକାରଙ୍କ ଡ୍ରାଫ୍ଟ ଆକ୍ସନ ପ୍ଲାନ୍

ପୁରୀ, ୨୨/୦୩ ନ୍ୟୁଜ ବ୍ୟୁରୋ

ରଥଯାତ୍ରା ପାଇଁ ସରକାରଙ୍କ ଆଗୁଆ ଆକ୍ସନ ପ୍ଲାନ୍। ଆଗୁଆ ପ୍ରକ୍ରିୟା ସାରିବାକୁ ସବୁ ଲାଇନ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ଦେଲେ ଟାଇମ୍ ଲାଇନ୍ ଟାର୍ଗେଟ। ଆର ମାସ ଶେଷ ସୁଦ୍ଧା ସିସିଟିଭି ବଳୟରେ ରହିବ ବଡ଼ଦାଣ୍ଡ। ବାଗେଡ଼ିଆରେ ହେବ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର୍। ଏପ୍ରିଲ ମଧ୍ୟ ଭାଗ ସୁଦ୍ଧା ରଥ କନା, ଝୁଣା, ବାସୁଙ୍ଗା ପାଟ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ପାଇଁ ଏପ୍ରିଲ ଶେଷ ସୁଦ୍ଧା ବଡ଼ଦାଣ୍ଡରେ ଅସ୍ଥାୟୀ ସିସିଟିଭି ଇନଷ୍ଟଲ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମେ' ମଧ୍ୟ ଭାଗ ସୁଦ୍ଧା ଉତ୍ତରାରୁ ପୁରୀ କ୍ୟାମେରା ଇନଷ୍ଟଲ କାମ ସାରିବାକୁ ଲକ୍ଷ୍ୟ ରହିଛି। ଉତ୍ତରାଛକ ଠାରୁ ପୁରୀ, ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ଲାଗିବ ସିସିଟିଭି। ସେହିପରି ଏପ୍ରିଲ ମଧ୍ୟଭାଗ ସୁଦ୍ଧା ରଥକାଠ ପ୍ରକ୍ରିୟା ସାରିବାକୁ ଟାର୍ଗେଟ ରହିଛି। ଫାଶୀ, ଧଉରା, ଅସନ କାଠ ପାଇଁ ଆବଶ୍ୟକତାକୁ ନଜରରେ ରଖି ବନ ପ୍ରକଳ୍ପ ଅନ୍ତର୍ଗତ ଗଛ ଲଗାଇବାକୁ ପିସିସିଏଫଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ସ୍ୱାସ୍ଥ୍ୟ ସେବାକୁ ବି ଗୁରୁତ୍ୱ ଦିଆଯିବାକୁ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ଯେଭଳି ମହାପ୍ରଭୁଙ୍କ ଯାତ୍ରା ସମୟରେ କୌଣସି ଅବ୍ୟବସ୍ଥା ନ ହୁଏ ସେଥିପାଇଁ ଆଗୁଆ ପ୍ରକ୍ରିୟା ସାରିବାକୁ ସବୁ ଲାଇନ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ଗତବର୍ଷ ଯେଉଁ ଅଘଟଣ ଘଟିଥିଲା ସେଥିରେ ଯେଉଁମାନେ ଦୋଷୀ ଥିଲେ ସେମାନଙ୍କ ଉପରେ ସେଭଳି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ଚଳିତ ବର୍ଷ ସରକାରଙ୍କ ଆକ୍ସନ ପ୍ଲାନକୁ ସ୍ୱାଗତ କରିଛନ୍ତି ବୁଦ୍ଧିଜୀବୀ।

# ପୈତୃକ କୋଠାର ତଳ ମହଲା ବାପାଙ୍କୁ ଦିଅ : ହାଇକୋର୍ଟ



**କଟକ, ୨୩/୦୩**
**ନ୍ୟୁଜ ବ୍ୟୁରୋ**

ବରିଷ୍ଠ ନାଗରିକ ତଥା ଅଭିଭାବକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ମାତା-ପିତା, ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଅଧିନିୟମ, ୨୦୦୭ ଏବଂ ଏ ସଂପର୍କିତ ୨୦୦୯ର ନିୟମାବଳୀର ପ୍ରାଥମିକ ଉଦ୍ଦେଶ୍ୟ। ବରିଷ୍ଠ ନାଗରିକ ସୁରକ୍ଷିତ ଭାବେ ତଥା ସମ୍ମାନର ସହିତ ବଞ୍ଚି ରହିବାକୁ ଯେପରି ସକ୍ଷମ ହେବେ ସେଥିପାଇଁ ଏହି ଅଧିନିୟମ ଅଧୀନରେ ନିର୍ଦ୍ଦେଶନାମା ଜାରି ପାଇଁ ବ୍ୟବସ୍ଥା ରହିଛି ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଭୁବନେଶ୍ୱର ବରମୁଣ୍ଡା ଗ୍ରାମର ଜଣେ ବରିଷ୍ଠ ନାଗରିକଙ୍କୁ ସୁରକ୍ଷିତ ଭାବେ ରହିବା ପାଇଁ ପୈତୃକ ଜାଗାରେ ନିର୍ମିତ ଦୁଇ ମହଲା କୋଠାର ତଳ ମହଲା ହସ୍ତାନ୍ତର ପାଇଁ ତାଙ୍କ ପୁଅଙ୍କୁ ଭୁବନେଶ୍ୱର ଉପଜିଲ୍ଲାପାଳ ତଥା ସବ୍‌ଡିଭିଜନାଲ୍ ଟ୍ରିବ୍ୟୁନାଲ୍ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପଜିଲ୍ଲାପାଳଙ୍କ ୨୦୨୫ ଅଗଷ୍ଟ ୭ର ନିର୍ଦ୍ଦେଶ ବିରୋଧରେ ଦାୟର ମାମଲାକୁ ଖାରଜ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୭ ଅଧିନିୟମ ଅଧୀନରେ ଆବେଦନକାରୀ ବରିଷ୍ଠ ନାଗରିକ ତାଙ୍କ ସାନ ପୁଅ ବିରୋଧରେ ଦାୟର କରିଥିବା ଆବେଦନର ଭୁବନେଶ୍ୱର ଉପଜିଲ୍ଲାପାଳ ଶୁଣାଣି କରି ୨୦୨୫ ଅଗଷ୍ଟ ୭ରେ ରାୟ ପ୍ରକାଶ କରିଥିଲେ। ଉଭୟ ଆବେଦନକାରୀ ଓ ତାଙ୍କ ପୁଅ ବରମୁଣ୍ଡା ଘରେ ଶାନ୍ତିପୂର୍ଣ୍ଣ ଭାବେ ରହିବେ। ପୁଅ ବାପାଙ୍କୁ ଗାଳିଗୁଲଜ ତଥା ଧମକ ଦେବା ବନ୍ଦ କରିବା ସହିତ ସମ୍ମାନ ପ୍ରଦର୍ଶନ କରିବେ। ବାପା ସୁରକ୍ଷିତ ଭାବେ ରହିବା ପାଇଁ ଦୁଇ ମହଲା କୋଠାର ତଳ ମହଲାକୁ ପୁଅ ଖାଲି କରି ବାପାଙ୍କୁ ହସ୍ତାନ୍ତର କରିବେ ବୋଲି ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ସଂପତ୍ତି ବିବାଦ ସଂପୂର୍ଣ୍ଣ ଭାବେ ଦେୱାନୀ ଧରଣର ଏବଂ ଏହା ଉପଜିଲ୍ଲାପାଳଙ୍କ ଅଦାଲତରେ ବିଚାରାଧୀନ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା। ଏହି ରାୟକୁ ଚ୍ୟାଲେଞ୍ଜ କରି ବାପା ଓ ପୁଅ ଉଭୟ ହାଇକୋର୍ଟରେ ପୃଥକ୍ ଆବେଦନ ଦାୟର କରିଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ରଦ୍ଦ କରିବାକୁ ପୁଅଙ୍କ ଆବେଦନରେ ନିବେଦନ କରାଯାଇଥିଲା। ଅନ୍ୟପକ୍ଷରେ ସଂପତ୍ତି ଓ ଅନ୍ୟ କେତେକ ପ୍ରସଙ୍ଗକୁ ଉପଜିଲ୍ଲାପାଳ ବିଚାରକୁ ନ ନେଇ ନିର୍ଦ୍ଦେଶ ପ୍ରଦାନ କରିଥିଲେ ବୋଲି ବରିଷ୍ଠ ନାଗରିକ ତଥା ବାପାଙ୍କ ଆବେଦନରେ ଉଲ୍ଲେଖ କରାଯାଇଥିଲା। ଉଭୟ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ବରିଷ୍ଠ ନାଗରିକଙ୍କ ବୟସ ଏବେ ୮୬ ବର୍ଷ ଓ ତାଙ୍କ ପତ୍ନୀଙ୍କ ପରଲୋକ ହୋଇ ସାରିଛି। ସେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭାବେ ପେନସନ୍ ପାଉଛନ୍ତି। ସେ ବରମୁଣ୍ଡା ଗ୍ରାମରେ ଥିବା ପୈତୃକ ଘରେ ତିନି ପୁଅଙ୍କ ସହିତ ରହୁଥିଲେ। କିଛି ବର୍ଷ ପୂର୍ବରୁ ବଡ଼ ଓ ମଝିଆ ପୁଅ ପୃଥକ ଭାବେ ରହିବାକୁ ଅନ୍ୟତ୍ର ଚାଲି ଯାଇଥିଲେ। ଏହାପରେ ସେ ସାନପୁଅ ସହିତ ପୈତୃକ ଘରେ ରହୁଥିଲେ। କିଛି ଦିନ ତଳେ ସାନପୁଅ ତାଙ୍କୁ ଏହି ଘର ଛାଡ଼ିବାକୁ ବାଧ୍ୟ କରିଥିଲା। ଏହାପରେ ଅନ୍ୟ ଦୁଇ ପୁଅଙ୍କ ପାଖକୁ ସେ ରହିବାକୁ ଯାଇଥିଲେ। ସାନ ପୁଅ ବିରୋଧରେ ନିର୍ଯାତନା ଓ ଅପମାନ କରିବା ଅଭିଯୋଗ ଆଣିବା ସହିତ ୨୦୦୭ ଅଧିନିୟମ ଅଧୀନରେ ଉପଜିଲ୍ଲାପାଳଙ୍କ ନିକଟରେ ବାପା ଆବେଦନ କରିଥିଲେ। ପୈତୃକ ଘରେ ସୁରକ୍ଷିତ ଭାବେ ରହିବାକୁ ନିର୍ଦ୍ଦେଶ ଦିଆଯାଉ। ଏଥି ସହିତ ସାନପୁଅ ନାମରେ ବିଭିନ୍ନ ସ୍ଥାନରେ ସେ କ୍ରୟ କରିଥିବା ଭୂ-ସଂପତ୍ତିକୁ ତାଙ୍କ ନାମକୁ ଆଣିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଦର୍ଶାଇଥିଲେ। ମାମଲାର ଶୁଣାଣି କରି ଉପଜିଲ୍ଲାପାଳ ୨୦୨୫ ଅଗଷ୍ଟ ୭ରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ନିର୍ମାଣରେ ବିଳମ୍ବ : ଅସନ୍ତୋଷ ପ୍ରକାଶ କଲେ ସେବାୟତ ଓ ଜଗନ୍ନାଥ ସଂସ୍କୃତି ଗବେଷକ

**ପୁରୀ, ୨୨/୦୩**
**ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ପ୍ରକଳ୍ପ ପାଇଁ ଏକାଧିକ ଥର ଶ୍ରୀମନ୍ଦିର ପ୍ରଶାସନର ବୈଠକ ଅନୁଷ୍ଠିତ ହେଉଛି । କିନ୍ତୁ ଗୁରୁକୁଳ ନିର୍ମାଣ କାର୍ଯ୍ୟ ଅଗ୍ରଗତି ହୋଇପାରୁନାହିଁ। ଯାହାକୁ ନେଇ ଶ୍ରୀମନ୍ଦିର ସେବାୟତ, ଜଗନ୍ନାଥ ସଂସ୍କୃତି ଗବେଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବକୁ ଦାୟୀ କରିଛନ୍ତି ସେବାୟତ ଓ ଜଗନ୍ନାଥ ସଂସ୍କୃତି ଗବେଷକ। ଶ୍ରୀମନ୍ଦିର ସେବାୟତଙ୍କ ପିଲାଙ୍କୁ ଆଗାମୀ ଦିନରେ ଏକ ଉତ୍ତମ ସେବାୟତ ଭାବେ ତିଆରି କରିବା ଲକ୍ଷ୍ୟରେ ଏହି ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ପ୍ରକଳ୍ପର ଉଦ୍ଦେଶ୍ୟ ରହିଛି । ସିବିଏସଇ ଢାଞ୍ଚାରେ ଶିକ୍ଷାଦାନ ସହିତ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ସମ୍ପର୍କରେ ସେବାୟତ ଘରର ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ ପାଇଁ ଏହି ଆଦର୍ଶ ଗୁରୁକୁଳର ପାଠ୍ୟକ୍ରମରେ ରଖାଯାଇଛି । ଏହାଦ୍ୱାରା ସେବାୟତଙ୍କ ପିଲାମାନେ ଆଧୁନିକ ଶିକ୍ଷା ଲାଭ କରିବା ସହ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା, ନୀତିକାନ୍ତି ବିଷୟରେ ପିଲାଦିନରୁ ଶିକ୍ଷାଲାଭ କରିପାରିବେ । ଫଳରେ ଆଗାମୀ ସେବାୟତ ପିଢ଼ି ଉଚ୍ଚ ଶିକ୍ଷିତ ହେବା ସଙ୍ଗେ ସଙ୍ଗେ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ ସୁରକ୍ଷା ଦେବେ । ଏହା ଦ୍ୱାରା ଜଗନ୍ନାଥ ସଂସ୍କୃତି ଆଗାମୀ ଦିନରେ ଅଧିକ ବ୍ୟାପକ ହୋଇପାରିବ। ଏବେ ସେବାୟତ ଘରର ବିଦ୍ୟାର୍ଥୀମାନେ ପୁରୀରେ ଥିବା ଅନେକ ଘରୋଇ ଇଂରାଜୀ ମିଡିୟମ୍ ସ୍କୁଲରେ ପାଠ ପଢୁଛନ୍ତି । ସେଠାରେ ଜଗନ୍ନାଥ ସଂସ୍କୃତି, ପରମ୍ପରା ବିଷୟରେ କୌଣସି ଶିକ୍ଷା ବ୍ୟବସ୍ଥା ନାହିଁ। ଏହାଦ୍ୱାରା ଜଗନ୍ନାଥ ସେବକଙ୍କ ଆଗାମୀ ପିଢ଼ି ଜଗନ୍ନାଥ ସଂସ୍କୃତି ସୁରକ୍ଷାରେ କେତେ ସଫଳ ହେବେ ? ସେନେଇ ସେବାୟତ ଓ ଜଗନ୍ନାଥ ସଂସ୍କୃତି ଗବେଷକ ଆଶଙ୍କା ପ୍ରକାଶ କରିଛନ୍ତି । ତେଣୁ ଏହି ଆଶଙ୍କାକୁ ଦୂରିଭୂତ କରିବା ପାଇଁ ତଥା ସେବାୟତଙ୍କ ପିଲାଙ୍କୁ ଆଧୁନିକ ପାଠପଢା ସହ ଜଗନ୍ନାଥ ସଂସ୍କୃତି, ପରମ୍ପରା ସମ୍ପର୍କରେ ଶିକ୍ଷାଦାନ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଏହି ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ । ଯାହାକୁ ନେଇ ଜଗନ୍ନାଥପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ସେବାୟତ ଶରତ ମହାନ୍ତି କହିଛନ୍ତି, 'ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳର ଅନେକ ଉପାଦେୟତା ରହିଛି। ସେବାୟତ ଘର ପିଲାଙ୍କ ଜ୍ଞାନର କିଭଳି ଅଭିବୃଦ୍ଧି ଘଟିବ, ଜଗନ୍ନାଥ ସଂସ୍କୃତି ବିଧି, ପରମ୍ପରା ସମ୍ପର୍କରେ ଶିକ୍ଷା ଲାଭ କରିବାର ଉଦ୍ଦେଶ୍ୟ ନେଇ ଏହି ସ୍ୱତନ୍ତ୍ର ଗୁରୁକୁଳର ପରିକଳ୍ପନା କରାଯାଇଛି । ସେବାୟତଙ୍କ ଆଗାମୀ ପିଢ଼ିଙ୍କ କିଭଳି ଆଚରଣ ଉଚ୍ଚାରଣରେ ସ୍ଥିରତା ଆସିବ ସେଥିପାଇଁ ସମସ୍ତେ ଚିନ୍ତିତ। ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ନିକଟରେ ଏନେଇ ଏକ କମିଟି ବୈଠକ ବସି ଆଦର୍ଶ ଗୁରୁକୁଳ ପ୍ରକଳ୍ପ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା। ସଂସ୍କୃତ, ବେଦ, ବିଜ୍ଞାନଭିତ୍ତିକ ଶିକ୍ଷା ଏହି ଆଦର୍ଶ ଗୁରୁକୁଳରେ ଶିକ୍ଷାଦାନ କରାଯିବ। ଏହାଦ୍ୱାରା ସେବାୟତଙ୍କ ଆଗାମୀ ପିଢ଼ି ଉଚ୍ଚ ଶିକ୍ଷିତ ହେବା ସହ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ ସୁରକ୍ଷା ଦେବେ। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ହେବାରେ ଲାଗିଛି। ଉଭୟ ସରକାର ଓ ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ଆଦର୍ଶ ଗୁରୁକୁଳ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରାଯିବାର ଆବଶ୍ୟକତା ରହିଛି ।' ଶ୍ରୀମନ୍ଦିର ସେବାୟତ ପରିବାର ବିଦ୍ୟାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଆଦର୍ଶ ଗୁରୁକୁଳ ପ୍ରସ୍ତାବ ବହୁତ ଦିନର । ଏହି ପ୍ରକଳ୍ପ ପାଇଁ ଅନେକ ବୈଠକ ଓ ଘୋଷଣା ହୋଇଥିଲା। ପୁରୀ ସହର ମାଟିତୋଟା ଅଞ୍ଚଳରେ ୧୯.୩୮ ଏକର ଜାଗାରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି । ଏଥିରେ ନର୍ସରୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସିବିଏସଇ ପାଠ୍ୟକ୍ରମ ଢାଞ୍ଚାରେ ଶିକ୍ଷାଦାନ କରାଯିବ। ଆଧୁନିକ ଶୈଳୀରେ ପାଠପଢ଼ା ସହ ସେବାୟତ ପରିବାର ବିଦ୍ୟାର୍ଥୀଙ୍କ ପାଇଁ ଆଧ୍ୟାତ୍ମିକ, ନୈତିକ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବ । ଏହି ଗୁରୁକୁଳରେ ମନ୍ଦିର, ଯଜ୍ଞଶାଳା, ପିଲାଙ୍କ ପାଇଁ ଖେଳ ପଡ଼ିଆ, ହଷ୍ଟେଲ ଓ ଡାଇନିଂ ଆଦି ନିର୍ମାଣ ହେବ । ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ନିର୍ମାଣ ପାଇଁ ସୁପ୍ରିମକୋର୍ଟ ୬ କୋଟି ୧୯ ଲକ୍ଷ ୮୯ ହଜାର ଟଙ୍କା ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଅବଢ଼ା ଯୋଜନାରେ ଗୁରୁକୁଳ ନିର୍ମାଣ ପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଆଦର୍ଶ ଗୁରୁକୁଳ ନିର୍ମାଣ ପାଇଁ ସୋସାଇଟି ଗଠନ ବହୁ ଦିନରୁ ହୋଇଛି । ହେଲେ ଆଜି ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ । ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ହରେକୃଷ୍ଣ ଶତପଥୀ କହିଛନ୍ତି, 'ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ ଆଗାମୀ ଦିନରେ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ । ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ହେବା ଉଚିତ । ନିକଟରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ସାଂସ୍କୃତିକ ସବ କମିଟି ବୈଠକରେ ଏନେଇ ଆଲୋଚନା ହୋଇଛି । ଆଦର୍ଶ ଗୁରୁକୁଳ ପ୍ରକଳ୍ପ ନିର୍ମାଣ ପାଇଁ ଯାହା ଜମିଜମା ସମସ୍ୟା ଓ ବିବାଦ ରହିଛି ତାହା ଯଥାଶୀଘ୍ର ପୁରୀ ଜିଲ୍ଲାପାଳ ଓ ଏସ୍‌ପି ପଦକ୍ଷେପ ନେବାକୁ ଗଜପତି ମହାରାଜା କହିଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟର ପ୍ରାରମ୍ଭିକ ସର୍ଭେ କାର୍ଯ୍ୟ ଓବିସିସି ପକ୍ଷରୁ ଆରମ୍ଭ ହୋଇ ସାରିଛି । ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ ହେବ ବୋଲି ଆମର ଆଶା ରହିଛି।' ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି,'ଶ୍ରୀ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ଅଧିକ ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ବହୁତ ଗୁରୁତ୍ୱ ଦେଉଛନ୍ତି। ଏନେଇ ଅନେକ ପଦକ୍ଷେପ ନେଇଥିବା ବେଳେ ଅନେକ ପ୍ରକଳ୍ପ ଘୋଷଣା କରିଛନ୍ତି। ଆଦର୍ଶ ଗୁରୁକୁଳର ୭୦ ପ୍ରତିଶତ ପାଚେରୀ ନିର୍ମାଣ କରାଯାଇଛି । ଆଉ କିଛି ଜବରଦଖଲ ରହିଛି । ସେଗୁଡ଼ିକୁ ଖୁବ୍‌ଶୀଘ୍ର ଉଚ୍ଛେଦ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କରିଛନ୍ତି।'




# ଆଜିଠାରୁ ଆରମ୍ଭ ହେବ ବି.ଏଡ଼, ଏମ.ଏଡ଼, ବି.ଏଚ.ଏଡ଼ ଆବେଦନ ପ୍ରକ୍ରିୟା

**ଭୁବନେଶ୍ୱର, ୨୨।୩ ନ୍ୟୁଜ ବ୍ୟୁରୋ**

ଖୁବ୍‌ଶୀଘ୍ର ହେବ ବି.ଏଡ଼, ଏମ.ଏଡ଼, ବି.ଏଚ.ଏଡ଼ ପାଇଁ ପ୍ରବେଶିକା ପରୀକ୍ଷା। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଛି ବିଜ୍ଞପ୍ତି। ଏନେଇ ସୋମବାର ଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ମେ' ୩୧ରେ ବି.ଏଡ଼ ଏବଂ ଜୁନ୍ ୩ରେ ଏମ.ଏଡ଼ ଏବଂ ବି.ଏଚ.ଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ୨ ବର୍ଷୀୟା ବି.ଏଡ଼, ଏମ.ଏଡ଼, ବି.ଏଚ.ଏଡ଼ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଶୀଘ୍ର ଆରମ୍ଭ କରାଯିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ସୋମବାର ଠାରୁ ୬ ଏପ୍ରିଲ, ୨୦୨୬ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ Common Application Form ପୂରଣ କରିପାରିବେ। ଆବେଦନକାରୀଙ୍କ ସମସ୍ତ ତଥ୍ୟ ଓକାକ ପକ୍ଷରୁ ଏପ୍ରିଲ ୧୩ ତାରିଖ ଦିନ ପରୀକ୍ଷା ପରିଚାଳନା କରିଥିବା ଷ୍ଟେଟ ସିଲେକ୍ସନ ବୋର୍ଡ଼କୁ ପ୍ରଦାନ କରାଯିବ। ମେ' ୨୭ ତାରିଖରେ ପ୍ରବେଶିକା ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ଼ ଉପଲବ୍ଧ ହେବ। ମେ' ୩୧ ତାରିଖରେ ବି.ଏଡ଼ ପାଠ୍ୟକ୍ରମ ପାଇଁ ଏବଂ ଜୁନ ୩ ତାରିଖରେ ଏମ. ଏଡ଼ ଓ ବି.ଏଚ.ଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୨/୦୩/୨୦୨୬
୮,୧୨,୧୩୩/- ଟଙ୍କା
ସୁନା:-୦୮ଗ୍ରାମ୍୯୦୦ ମିଲିଗ୍ରାମ
ରୂପା:-୮୪ଗ୍ରାମ୍୫୦୦ ମିଲିଗ୍ରାମ

# ଅପମିଶ୍ରିତ ବିଷାକ୍ତ କ୍ଷୀର ପିଇ ୧୬ ମୃତ



**ନୂଆଦିଲ୍ଲୀ, ୨୨।୩**

ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରି ଜିଲ୍ଲାରେ ଅପମିଶ୍ରିତ ଏବଂ ବିଷାକ୍ତ କ୍ଷୀରର ଭୟଙ୍କର ଘଟଣା ପୁରା ଦେଶକୁ ଦୋହଲାଇ ଦେଇଛି। ରିପୋର୍ଟ ଅନୁସାରେ, ବିଷାକ୍ତ କ୍ଷୀର ପିଇ ୧୬ ଜଣଙ୍କର ମୃତ୍ୟୁ ହୋଇଛି। ୩ଜଣ ଏବେ ବି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଲାଲାଚେରଭୁ, ଚୌଦେଶ୍ୱରନଗର ଏବଂ ସ୍ୱରୁପନଗର ଭଳି ଅଞ୍ଚଳରେ ଗତ ଫେବୃୟାରୀରୁ ଲୋକେ ଅସୁସ୍ଥ ହେବାରେ ଲାଗିଥିଲେ। କ୍ଷୀର ପିଇବା ପରେ ବାନ୍ତି, ପେଟ ଦରଜ, ପରିସ୍ରା ବନ୍ଦ ହେବା ଓ ଗମ୍ଭୀର କିଡ୍‌ନୀ ଫେଲ୍ୟୁଅର ଭଳି ବିପଦଜନକ ଲକ୍ଷଣ ଦେଖିବାକୁ ମିଳିଛି। ତଦନ୍ତରୁ ଜଣାପଡିଛି ଯେ ନରସାପୁରମ ଗାଁର ଏକ ସ୍ଥାନୀୟ ଦୁଗ୍ଧ ୟୁନିଟ୍‌ରୁ ଯୋଗାଣ ହେଉଥିବା କ୍ଷୀରରେ 'ଇଥିଲିନ୍ ଗ୍ଲାଇକଲ୍' ନାମକ ଏକ ବିଷାକ୍ତ ରାସାୟନିକ ପଦାର୍ଥ ମିଶାଯାଇଥିଲା। ଏହି ପଦାର୍ଥ ସାଧାରଣତଃ ଆଣ୍ଟି-ଫ୍ରିଜ୍ ଏବଂ ଶୀତଳିକରଣରେ ବ୍ୟବହୃତ ହୁଏ। ଏହା ମାନବ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହା ପଲିଷ୍ଟର ତନ୍ତୁ ଏବଂ ପ୍ଲାଷ୍ଟିକ୍ ଉତ୍ପାଦନରେ କଞ୍ଚାମାଲ ଭାବରେ ମଧ୍ୟ ବ୍ୟବହୃତ ହୁଏ, କିନ୍ତୁ ଅତ୍ୟଧିକ ବିଷାକ୍ତ ହୋଇଥିବାରୁ ଏହା ଶରୀର ପାଇଁ ବିପଜ୍ଜନକ। ଏହି ବିଷାକ୍ତ କ୍ଷୀର ସେବନ ଦ୍ୱାରା ପିଲା ଏବଂ ବୃଦ୍ଧଙ୍କ ସମେତ ୧୦୦ରୁ ଅଧିକ ପରିବାର ପ୍ରଭାବିତ ହୋଇଥିଲେ। ଅନେକ ରୋଗୀଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ସେମାନଙ୍କୁ ଡାଏଲିସିସ୍ ଏବଂ ଭେଣ୍ଟିଲେଟର ସପୋର୍ଟ ମଧ୍ୟ ଦରକାର ପଡିଛି। ସ୍ୱାସ୍ଥ୍ୟ ବିଭାଗର ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ, ପୀଡିତଙ୍କ ରକ୍ତ ୟୁରିଆ ଏବଂ ସେରମ୍ କ୍ରିଏଟିନିନ୍ ସ୍ତର ଅସ୍ୱାଭାବିକ ଭାବରେ ବଢୁଥିଲା, ଯାହା ଗୁରୁତର କିଡ୍‌ନୀ କ୍ଷତିକୁ ସୂଚିତ କରୁଛି। ଏହି ଘଟଣା ପରେ, ପ୍ରଶାସନ ତୁରନ୍ତ କ୍ଷୀର ଯୋଗାଣ ବନ୍ଦ କରି ପ୍ରଭାବିତ ଅଞ୍ଚଳରେ ଘର ଘର ବୁଲି ସର୍ଭେ ଆରମ୍ଭ କରିଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ପ୍ରଶାସନ ସନ୍ଦିଗ୍ଧ କ୍ଷୀର ବିକ୍ରେତାଙ୍କୁ ଗିରଫ କରିଛି। ଖାଦ୍ୟ ସୁରକ୍ଷା ବିଭାଗ ଡେରୀ ୟୁନିଟ୍‌ରୁ କ୍ଷୀର, ଦହି, ଘିଅ ଏବଂ ପାଣିର ନମୁନା ସଂଗ୍ରହ କରିଥିବା ବେଳେ ପଶୁପାଳନ ବିଭାଗ ପଶୁ ଖାଦ୍ୟ ଏବଂ ପାଣିର ନମୁନା ସଂଗ୍ରହ କରିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜୋରଦାର କରିଛି। ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀମାନେ ଚିକିତ୍ସା ଉପରେ ନଜର ରଖିଛନ୍ତି ଏବଂ ରାପିଡ୍ ରେସପନ୍ସ ଟିମ୍ ନିରନ୍ତର ଲୋକଙ୍କ ପରୀକ୍ଷା କରୁଛନ୍ତି। ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ଥିବା ରିପୋର୍ଟ କରାଯାଇଛି, କିନ୍ତୁ ଏହି ଘଟଣା ଖାଦ୍ୟ ଗୁଣବତ୍ତା ଏବଂ ତଦାରଖ ବ୍ୟବସ୍ଥା ବିଷୟରେ ଦେଶବ୍ୟାପୀ ବିତର୍କ ସୃଷ୍ଟି କରିଛି।

# ନୂଆରୂପ ପାଇବ ଦୟା ଓ ଗଙ୍ଗୁଆ : ରାଜସ୍ଥାନର ଦ୍ରବ୍ୟବତୀ ଢାଞ୍ଚାରେ ହେବ ନୂଆ ରିଭରଫ୍ରଣ୍ଟ



**ଭୁବନେଶ୍ୱର,୨୨/୦୩**
**ନ୍ୟୁଜ ବ୍ୟୁରୋ**

ଦୟା ଓ ଗଙ୍ଗୁଆର ଭାଗ୍ୟ ବଦଳିବ । ଲୁପ୍ତ ହୋଇଯାଉଥିବା ଏହି ଦୁଇ କେନାଲକୁ ନୂଆରୂପ ଦିଆଯିବ । ଏଥିପାଇଁ ରାଜ୍ୟ ସରକାର ନୂଆ ମାଷ୍ଟରପ୍ଲାନ ପ୍ରସ୍ତୁତି କରିଛନ୍ତି। ଏହାକୁ ସମୀକ୍ଷା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ସମୀକ୍ଷା ବୈଠକରେ ଜଳ ସମ୍ପଦ ବିଭାଗର ସଚିବଙ୍କ ସହିତ ଗଙ୍ଗୁଆ ନାଳର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କାମ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜସ୍ଥାନର ଦ୍ରବ୍ୟବତୀ ନଦୀ ଢାଞ୍ଚାରେ ଗଙ୍ଗୁଆର ବିକାଶ କରାଯିବ। ଏଥିପାଇଁ ୮୭୩୬ କୋଟି ଟଙ୍କା ଖର୍ଚ୍ଚ କରାଯିବ । ରିଭର ଫ୍ରଣ୍ଟ ବିକାଶ ଯୋଜନାରେ ବିଏମସି ଅଞ୍ଚଳରୁ ବାହାରୁଥିବା ବର୍ଜ୍ୟ ଜଳକୁ ବିଶୋଧନ କରାଯିବ। ଏନେଇ ୱାଟକୋ ପକ୍ଷରୁ ଗଙ୍ଗୁଆରେ ୧୦ଟି ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି) ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି । ଗଙ୍ଗୁଆ ବ୍ରାଞ୍ଚ କେନାଲ ପାଖରେ ଜାଗା ଚିହ୍ନଟ କରାଯିବ। ଏଠାରେ ଜଳ ବିଶୋଧନ କରାଯିବା ପରେ ପୁଣି ଥରେ ନାଳକୁ ଛଡ଼ାଯିବ । ପ୍ରାୟ ୧୦୬ ଏମ୍‌ଏଲଡି କ୍ଷମତା ବିଶିଷ୍ଟ ଏସଟିପି ରହିବ । ଫଳରେ ଗଙ୍ଗୁଆ ନଦୀ ଆଉ ପ୍ରଦୂଷିତ ହେବ ନାହିଁ କି ପାଣିରୁ ଦୁର୍ଗନ୍ଧ ଆସିବ ନାହିଁ । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଙ୍କୁ ଜବରଦଖଲ ଉଚ୍ଛେଦ ଦାୟିତ୍ୱ ମିଳିଛି । ସହର ଭିତରେ ରିଭରଫ୍ରଣ୍ଟର ସୌନ୍ଦର୍ଯ୍ୟକରଣ କରାଯିବ । ସହରର ୫ଟି ସ୍ଥାନ ଚିହ୍ନଟ କରାଯାଇଛି। ଏହି ସବୁ ସ୍ଥାନରେ ପାର୍କ କରାଯିବ । ବୋଟିଂର ମଜା ନେବେ ରାଜଧାନୀବାସୀ। ଏହା ସହ ବସିବା ପାଇଁ ସ୍ଥାନ, ଚଲାପଥ, ସାଇକେଲ ଟ୍ରାକ୍ ଏବଂ ଅନ୍ୟ ଆନୁସଙ୍ଗିକ ସୁବିଧା କରାଯିବ । ପର୍ଯ୍ୟଟନ ବିଭାଗକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯିବ । ରାଜଧାନୀ ଇଂଜିନିୟରିଂ କଲେଜ ନିକଟରୁ ଆରମ୍ଭ ହୋଇ ଗଙ୍ଗୁଆ ନାଳର ପୁନରୁଦ୍ଧାର କାର୍ଯ୍ୟ ଜଟଣୀ ନିକଟ କଣ୍ଟି ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୩୩ କିଲୋମିଟର କରାଯିବ। ଏହା ସହିତ ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ଓ ବିକାଶ ସମ୍ପର୍କରେ ଆଲୋଚନା ହୋଇଛି। ବାରଙ୍ଗଠାରୁ ଆରମ୍ଭ କରି ଜଟଣୀ ପର୍ଯ୍ୟନ୍ତ ପ୍ରାୟ ୩୪.୮୬ କିଲୋମିଟର ଦୂର ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ହାତକୁ ନିଆଯାଇଛି । ଏହି ପ୍ରକଳ୍ପର ମୋଟ୍ ବ୍ୟୟ ଅଟକଳ ୪୪୮ କୋଟି ଟଙ୍କା ରହିଛି । ବିଶେଷ କରି ଗଙ୍ଗୁଆ ନାଳର ପୁନରୁଦ୍ଧାର ଏବଂ ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ହୋଇପାରିଲେ, ଏହା ବହୁ ପରିମାଣରେ ଲୋକଙ୍କୁ ସହାୟକ ହେବ। ଯେପରିକି ଏହା ଟ୍ରାଫିକ୍ ସମସ୍ୟା ଦୂର କରିବ ଏବଂ ମାଟିତଳେ ଜଳସ୍ତର ରକ୍ଷା କରିବାରେ ବିଶେଷ ଭୂମିକା ନେବ ବୋଲି ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି । ଭୁବନେଶ୍ୱର ମହାନଗର ନିଗମ ଅଧକ୍ଷଙ୍କ ସହିତ ଡ୍ରେନ ସମସ୍ୟାର ସମୀକ୍ଷା କରିଥିଲେ ସାଂସଦ ।


ରବିବାସରୀୟ କଳିକା
୧୨୨ ବର୍ଷର ସ୍କୁଲ୍ : ନା ଅଛି ପାଣି, ନା ଅଛି ବିଜୁଳି
କଳାହାଣ୍ଡି ଜଙ୍ଗଲ ସମ୍ପଦକୁ ବଢ଼ାଇବି ବିପଦ, ଲୋପ ପାଉଛି ଜୈବ ବିବିଧତା

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଦେବ୍ରିଗଡ଼ରେ ହେବ ବାଇସନ ଜାତୀୟ ଉଦ୍ୟାନ

## ଶିମିଳିପାଳରେ ମଧ୍ୟ କଳା ବାଘ ସଫାରୀ ପାଇଁ ଚାଲିଛି ପ୍ରସ୍ତୁତି

**ଭୁବନେଶ୍ୱର, ୨୨/୦୩**
**ନ୍ୟୁଜ ବ୍ୟୁରୋ**

ଖୁବ୍‌ଶୀଘ୍ର ଦେବ୍ରିଗଡ଼ରେ ହେବ ବାଇସନ ଜାତୀୟ ଉଦ୍ୟାନ । ଏନେଇ ବିଚାର ବିମର୍ଷ ଚାଲିଥିବା କହିଲେ ରାଜ୍ୟ ଜଙ୍ଗଲ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ। ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଅବଗତ କରାଯାଇଥିବା ବେଳେ ଶିମିଳିପାଳରେ ମଧ୍ୟ କଳା ବାଘ ସଫାରୀ ପାଇଁ ଚାଲିଛି ପ୍ରସ୍ତୁତି । ଖୁବ୍‌ଶୀଘ୍ର ଦେବ୍ରିଗଡ଼ରେ ହେବ ବାଇସନ ଜାତୀୟ ଉଦ୍ୟାନ । ଏହାସହିତ ଦେବ୍ରିଗଡ଼କୁ ମଧ୍ୟ ଜାତୀୟ ଉଦ୍ୟାନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିବା କହିଛନ୍ତି ଜଙ୍ଗଲ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ। ଏନେଇ ଓଡ଼ିଶାର ବରିଷ୍ଠ ପ୍ରାଣୀ ବୈଜ୍ଞାନିକମାନେ ଓ ବିଭାଗର ଅଧିକାରୀମାନେ ସର୍ଭେ କରୁଛନ୍ତି । ଯାହା ଭାରତର ଏକ ବଡ ବାଇସନ ଜାତୀୟ ଉଦ୍ୟାନ ସୃଷ୍ଟି କରିବା ଲକ୍ଷ ରହିଛି ବୋଲି କହିଛନ୍ତି ଜଙ୍ଗଲ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, 'କଳା ବାଘ ସଫାରୀକୁ ନେଇ କେନ୍ଦ୍ର ଗ୍ରୀନ୍ ସିଗନାଲ ଦେଇସାରିଛି । ଏପଟେ ବିଭିନ୍ନ ପ୍ରକାରର ପଏଣ୍ଟ ଉପରେ ଆଲୋଚନା ଚାଲିଛି। ବିଶେଷ କରି ୧୭ଟି ପଏଣ୍ଟ ଅନୁସାରେ ଆମକୁ କାମ କରିବାକୁ ପଡ଼ିବ । ତେବେ ଏହା ପରେ ଆମର ସୌଭାଗ୍ୟ ଆମେ ମୟୂରଭଞ୍ଜରେ ଏକ ବିରଳ କଳା ବାଘ ସଫାରୀ କରିପାରିବୁ,' ବୋଲି କହିଛନ୍ତି । ତେବେ ଦେବ୍ରିଗଡ଼ରେ ଜାନୁଆରୀରେ ଯେଉଁ ଗଣନା କରାଯାଇଥିଲା ସେଥିରେ ୮୫୦ଟି ବାଇସନ ବା ଗୟଳ ରହିଛନ୍ତି। ତେବେ ବର୍ଷକ ମାଧ୍ୟମରେ ପାଖାପାଖି ୧୫୦-୧୮୦ଟି ଗୟଳ ବୃଦ୍ଧି ପାଉଥିବା ମଧ୍ୟ ଜଣାପଡିଛି । ଦେବ୍ରିଗଡ଼ ଏକ ସଂରକ୍ଷିତ ଅଭୟାରଣ୍ୟ। ଯାହା ଓଡ଼ିଶାର ବରଗଡ଼ ଜିଲ୍ଲାରେ ଅବସ୍ଥିତ । ଏହାର କ୍ଷେତ୍ରଫଳ ପାଖାପାଖି ୩୫୪ ବର୍ଗ କିଲୋମିଟରରେ ରହିଅଛି। ବିଶେଷ କରି ହୀରାକୁଦ ଜଳ ଭଣ୍ଡାର ଏହାର ପୂର୍ବ ସୀମା। ପ୍ରକୃତି ପ୍ରେମୀମାନଙ୍କ ପାଇଁ ଏହା ଏକ ମନୋରମ ପର୍ଯ୍ୟଟନ ସ୍ଥଳୀ । ଯଦିବା ଏହା ବରଗଡ଼ ଜିଲ୍ଲାରେ ଅବସ୍ଥିତ, ସମ୍ବଲପୁର ଏବଂ ବୁର୍ଲା ପରି ସହରମାନ ଏହା ନିକଟରେ ଅବସ୍ଥିତ। ଦେବ୍ରିଗଡ଼ରେ ବିଶେଷ କରି ଚୌଶିଂଗା ହରିଣ, ଭାରତୀୟ ଗୟଳ, ସମ୍ବର, କଲରାପତରିଆ ବାଘ, ନୀଳ ଗାଈ ଭଳି ଅନେକ ପ୍ରଜାତିର ପଶୁ ଏଠାରେ ଦେଖାଯାଆନ୍ତି । ଏହା ସହିତ ଓଡ଼ିଶାର ବନ ନିଗମ ପକ୍ଷରୁ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ଏହି ଅଭୟାରଣ୍ୟ ମଧ୍ୟରେ ବିଭିନ୍ନ ପ୍ରକାରର ଆବାସ ସ୍ଥଳୀ ସ୍ଥାପନା କରାଯାଇଅଛି । ସେଗୁଡିକ ହେଲା ଜଙ୍ଗଲ ବିଶ୍ରାମ ଗୃହ -ଦେଚୁଆଁ, ଜଙ୍ଗଲ ବିଶ୍ରାମ କୁଟୀର- ଧୋଡ୍ରୋକୁସୁମ, ପରିବେଶ ପର୍ଯ୍ୟଟନ କୁଟୀର ତଥା ହଷ୍ଟେଲ - ବାରଖଣ୍ଡିଆ । ଏହି ବାରଖଣ୍ଡିଆରେ ଥିବା ଆବାସ ସ୍ଥଳୀରେ ଭୋଜନ ଯୋଗାଇ ଦିଆଯାଇଥାଏ। ଅନ୍ୟ ସ୍ଥାନ ଗୁଡିକରେ ପର୍ଯ୍ୟଟକମାନଙ୍କୁ ନିଜେ ରୋଷେଇ କରିବା ସୁବିଧାମାନ ରହିଅଛି । ଏହି ଦୁର୍ଲଭ ପ୍ରାୟ ପ୍ରଜାତିର ପ୍ରାଣୀଙ୍କୁ ସୁରକ୍ଷା ଦେବାରେ ବର୍ତ୍ତମାନ ଦେବ୍ରିଗଡ଼ ଅଭୟାରଣ୍ୟ ସାରା ଦେଶରେ ପ୍ରମୁଖ ଭୂମିକା ନିଭାଉଛି । ଏହାକୁ ସିଡୁଲ୍ ୧- ସ୍ପେସିଜ୍ କୁହାଯାଉଥିବା ବେଳେ ବର୍ତ୍ତମାନ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦେବ୍ରିଗଡ଼ ଅଭୟାରଣ୍ୟକୁ ଲ୍ୟାଣ୍ଡ ଅଫ୍ ଇଣ୍ଡିଆନ ବିଜନେସ ବୋଲି କହୁଛନ୍ତି । ଏପରିକି ଦେଶର ଅନ୍ୟ ଅଭୟାରଣ୍ୟ ତୁଳନାରେ ଦେବ୍ରିଗଡ଼ ଅଭୟାରଣ୍ୟ ଗୟଳମାନଙ୍କ ପାଇଁ ଅଧିକ ସୁରକ୍ଷିତ ବୋଲି ଚର୍ଚ୍ଚା ହେଉଛି । ସମ୍ବଲପୁର ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ଅଭୟାରଣ୍ୟର ସଫାରୀ ଜୋନରେ ୧୦୦ରୁ ୧୫୦ଟି ଗୟଳଙ୍କୁ ପର୍ଯ୍ୟଟକମାନେ ଦେଖି ପାରନ୍ତି । ଯାହା ପୂର୍ବ ଭାରତର ଅନ୍ୟ କୌଣସି ଅଭୟାରଣ୍ୟରେ ଦେଖିବାକୁ ମିଳନ୍ତି ନାହିଁ। ସେଥିପାଇଁ ଦେବ୍ରିଗଡ଼କୁ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗୁଛି।

